# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଡିସେମ୍ବର ୧୬ /୨୦୧୮ (୧୬ପୃଷ୍ଠା) Rayagada, Sunday, December 16 / 2018 (ଛୁଟିଦିନ ସହ) | ★

୮ମ ଭାଗ ୩୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





ଧରିତ୍ରୀ DHARITRI
ରାୟଗଡ଼ା, ରବିବାର, ଡିସେମ୍ବର ୧୬ /୨୦୧୮



"ମିଜୋ ନ୍ୟାଶନାଲ୍ ଫ୍ରଣ୍ଟ (ଏମ୍ଏନ୍ଏଫ) ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଉତ୍ତରପୂର୍ବାଞ୍ଚଳ ଗଣତାନ୍ତ୍ରିକ ମେଣ୍ଟ (ଏନ୍ଇଡିଏ)ରୁ ଓହରିଯିବ ନାହିଁ।

-ଜୋରାମଥାଙ୍ଗା, ମିଜୋରାମ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ମିକ୍ ମୁଲଭାନୀ ଆମେରିକାର ଅନ୍ତରୀଣ ଚିଫ୍ ଅଫ୍ ଷ୍ଟାଫ

**ୱାଶିଂଟନ,୧୫।୧୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ବଜେଟ ନିର୍ଦ୍ଦେଶକ ମିକ୍ ମୁଲଭାନୀଙ୍କୁ ହ୍ୱାଇଟ ହାଉସ୍‌ର ଅନ୍ତରୀଣ ଚିଫ୍ ଅଫ୍ ଷ୍ଟାଫ ମନୋନୀତ କରିଛନ୍ତି।



ଫଳରେ ଏହି ପଦବୀକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ମୁଲଭାନୀ ତାଙ୍କ ପ୍ରଶାସନରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ଏବଂ ନୂଆବର୍ଷରେ ସେ ଜନ୍ କେଲିଙ୍କ ସ୍ଥାନ ନେବେ ବୋଲି ଟ୍ରମ୍ପ ଟୁଇଟ କରିଛନ୍ତି।

### କାର୍ ସହ ଜଳିଗଲେ ୪ ଜଣ

**ହାଥ୍ରାସ୍ (ୟୁପି),୧୫।୧୨(ପି.ଟି.):** ଉତ୍ତରପ୍ରଦେଶର ଫୈଜାବାଦ ଜିଲା ଅନ୍ତର୍ଗତ ପୋରା ଗ୍ରାମରେ ଏକ କାର ଦୁର୍ଘଟଣାରେ ବର୍ଷକର ଶିଶୁ ସମେତ ୪ ଜଣ ଜଳିଯାଇଛନ୍ତି। ଅନ୍ୟ ୨ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ସେମାନେ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲା ବେଳେ କାର୍‌ଟି ଓଲଟିପଡି ଜଳିଯାଇଥିଲା।

### ଇତିହାସର ଆଇନାରେ

### ଡିସେମ୍ବର ୧୬ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୧୬ରେ ବାଂଲାଦେଶ ମୁକ୍ତିଯୁଦ୍ଧ ଓ ଭାରତ-ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଥିଲା। ପାକିସ୍ତାନୀ ସେନା ଆତ୍ମସମର୍ପଣ କରିବା ପରେ ଏହି ଯୁଦ୍ଧର ପରିସମାପ୍ତି ଘଟିଥିଲା।

୧୯୫୦ ଡିସେମ୍ବର ୧୬ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ହ୍ୟାରି ଏସ୍. ଟ୍ରୁମ୍ୟାନ୍ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ। ଏହା ପଛର କାରଣ ଥିଲା ଉତ୍ତର କୋରିଆର କମ୍ୟୁନିଷ୍ଟ ସରକାର ସହାୟତାରେ ଚାଇନା ସେନା ଯୁଦ୍ଧରେ ଅବତୀର୍ଣ୍ଣ ହେବା।

# କ୍ଷମତାଯୁଦ୍ଧର ଅବସାନ

**କଲମ୍ବୋ,୧୫।୧୨(ପି.ଟି.)**



ମହିନ୍ଦା ରାଜପାକ୍‌ସେ



ରାନିଲ ୱିକ୍ରମସିଂଘେ

**ଶ୍ରୀଲଙ୍କା ସଙ୍କଟ**

- ଇସ୍ତଫା ଦେଲେ ବିବାଦୀୟ ପ୍ରଧାନମନ୍ତ୍ରୀ ରାଜପାକ୍‌ସେ
- ୱିକ୍ରମସିଂଘେଙ୍କୁ ପୁନଃ ଅବସ୍ଥାପିତ କରିବେ ରାଷ୍ଟ୍ରପତି
- ସୁପ୍ରିମକୋର୍ଟଙ୍କ ରାୟ ପରେ ବିବାଦର ସମାଧାନ

ଦୁଇମାସ ତଳେ ଏକ ବିବାଦୀୟ ଘଟଣାକ୍ରମରେ ରାଷ୍ଟ୍ରପତି ମୈତ୍ରୀପାଲ୍ ସିରିସେନାଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିବା ମହିନ୍ଦା ରାଜପାକ୍‌ସେ ଶନିବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଫଳରେ ଉକ୍ତ ଦ୍ୱୀପ ଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଅଚଳାବସ୍ଥାର ଅବସାନ ଘଟିଛି ଏବଂ ରାନିଲ ୱିକ୍ରମସିଂଘେ ପୁଣିଥରେ କ୍ଷମତାକୁ ଫେରିବା ପଥ ପରିଷ୍କାର ହୋଇଯାଇଛି। ରବିବାର ୱିକ୍ରମସିଂଘେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜଣାପଡିଛି। ରାଜପାକ୍‌ସେଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିନେବା ସହ ୱିକ୍ରମସିଂଘେଙ୍କୁ ପୁନଃ ଅବସ୍ଥାପିତ କରିବା ଲାଗି ରାଜି ହୋଇଛନ୍ତି। ପୂର୍ବରୁ ସିରିସେନା ୱିକ୍ରମସିଂଘେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ପୁନଃ ନିଯୁକ୍ତି ନ ଦେବା ଜିଦ୍‌ରେ ଅଟଳ ରହିଥିଲେ। ରାଜପାକ୍‌ସେ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ହେଁ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହୋଇଥିଲେ। ସୁପ୍ରିମକୋର୍ଟ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିବା ସହ ରାଷ୍ଟ୍ରପତି ସିରିସେନାଙ୍କ ପାର୍ଲାମେଣ୍ଟ ଭଙ୍ଗ ନିଷ୍ପତ୍ତିକୁ ଅସାମ୍ବିଧାନିକ ଓ ବେଆଇନ କହିବା ପରେ ରାଜପାକ୍‌ସେ ତାଙ୍କ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ ୱିକ୍ରମସିଂହେଙ୍କ ସହ ମତାନ୍ତରରୁ ଗତ ଅକ୍ଟୋବର ୨୬ରେ ରାଷ୍ଟ୍ରପତି ତାଙ୍କୁ ପଦଚ୍ୟୁତ କରି ରାଜପାକ୍‌ସେଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ। ରାଜପାକ୍‌ସେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ସିରିସେନା ପାର୍ଲାମେଣ୍ଟ ଭଙ୍ଗ କରି ଜାନୁୟାରୀ ୫ରେ ଆଗୁଆ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇବାରୁ ଆଗୁଆ ନିର୍ବାଚନ ପ୍ରସ୍ତୁତି ଅଟକି ରହିଥିଲା। ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରିବା ବେଆଇନ ବୋଲି ଗତ ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଥିଲେ।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଆଜି



**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନକୁ ନେଇ ଅଚଳାବସ୍ଥା ଜାରି ରହିଛି। ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ ମଧ୍ୟ ସହମତି ହୋଇ ନ ପାରିବାରୁ ନିଷ୍ପତ୍ତି ରବିବାରକୁ ଅଟକିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ଏକାଧିକ ଦାବିଦାରଙ୍କୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି ରାହୁଲ କହିଛନ୍ତି। ଏଥିସହିତ ସେ ୪ ଦାବିଦାରଙ୍କ ସହ ଏକ ଫଟୋ ଟୁଇଟ୍ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପଦ ଲାଗି ଭୂପେଶ ବାଘେଲ, ଟି.ଏସ୍. ସିଂ ଦେଓ, ତାମ୍ରଧ୍ୱଜ ସାହୁ ଏବଂ ଚରଣ ଦାସ ମହନ୍ତ ଦାବିଦାର ଅଛନ୍ତି। ତେବେ ନିର୍ବାଚନ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବାଘେଲଙ୍କୁ ମୁଖ୍ୟମନ୍ତ୍ରୀ ବଛାଯାଇଥିବା ଚର୍ଚ୍ଚା ହେଉଛି। କେବଳ ଆନୁଷ୍ଠାନିକ ଘୋଷଣା ବାକି ରହିଛି। ରବିବାର ମୁଖ୍ୟମନ୍ତ୍ରୀ ଘୋଷଣା କରାଯିବ ବୋଲି ଛତିଶଗଡ଼ କଂଗ୍ରେସ ଦାୟିତ୍ୱରେ ଥିବା ପି.ଏଲ୍.ପୁନିଆ କହିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ ବୈଠକ ବସି ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ଶନିବାର ରାହୁଲ ଛତିଶଗଡ଼ର ନେତାମାନଙ୍କ ସମେତ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ଛତିଶଗଡ ପାଇଁ ନିଯୁକ୍ତ ଦଳର ପର୍ଯ୍ୟବେକ୍ଷକ ଏବଂ ପୁନିଆଙ୍କ ସହ ବୈଠକ କରିଥିଲେ।

## ରାଫାଲ ରାୟର ସଂଶୋଧନ ଦାବି

# ସୁପ୍ରିମକୋର୍ଟ ଗଲେ ସରକାର

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**



**ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ**

ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ କ୍ଲିନଚିଟ୍ ଦେଇଥିଲେ। ତେବେ କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟ ଜେନେରାଲ (ସିଏଜି) ରିପୋର୍ଟ ଏବଂ ପାର୍ଲାମେଣ୍ଟର ପବ୍ଲିକ ଆକାଉଣ୍ଟ୍‌ସ କମିଟି (ପିଏସି) ସମ୍ପର୍କରେ ଯେଉଁ ସୂଚନା ଉକ୍ତ ରାୟରେ ଦିଆଯାଇଛି ସେଥିରେ ସଂଶୋଧନ ଲାଗି ସରକାର ଶନିବାର ସୁପ୍ରିମକୋର୍ଟ ଯାଇଛନ୍ତି। କୋର୍ଟରେ ସରକାର ଦାଖଲ କରିଥିବା ସିଏଜି ଏବଂ ପିଏସି ସମ୍ପର୍କିତ ଦସ୍ତାବିଜ୍‌ରେ ତ୍ରୁଟି ଥିବା ଆଇନ ଅଧିକାରୀ କୋର୍ଟଙ୍କୁ ଜଣାଇଛନ୍ତି। ସରକାର ସିଏଜିଙ୍କୁ ରାଫାଲ ମୂଲ୍ୟ ସମ୍ପର୍କରେ ତଥ୍ୟ ଦେଇଛନ୍ତି ଏବଂ ସିଏଜି ରିପୋର୍ଟ ପିଏସି ଯାଞ୍ଚ କରିଥିବା କୋର୍ଟ ଶୁକ୍ରବାର ରାୟର ପାରା ୨୫ରେ ଉଲ୍ଲେଖ କରିଥିଲେ। ତେବେ ସେପରି କୌଣସି ରିପୋର୍ଟ ପାଇ ନ ଥିବା ପିଏସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ଅନ୍ୟ ପକ୍ଷରେ ଅଦାଲତ ରାଫାଲ ଜେଟ୍‌ର ମୂଲ୍ୟ ଏବଂ ବୈଷୟିକ ପ୍ରସଙ୍ଗକୁ ଯାଇନାହାନ୍ତି ବୋଲି କଂଗ୍ରେସ କହିଛି। ଏହି ଚୁକ୍ତିନାମାରେ ଅନିୟମିତତା ହୋଇଛି କି ନାହିଁ ତାହା ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ହେଲେ ଜଣାପଡିବ ବୋଲି କଂଗ୍ରେସ ନେତା କପିଲ୍ ଶିବଲ କହିଛନ୍ତି।

## ଶିଖ୍ ବିରୋଧୀ ଦଙ୍ଗା ମାମଲାର ରାୟ ସୋମବାର

**ନୂଆଦିଲ୍ଲୀ,୧୫।୧୨(ପି.ଟି)**

ସୋମବାର ଦିଲ୍ଲୀ ହାଇକୋର୍ଟରେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାର ରାୟ ପ୍ରକାଶ ପାଇବ। ନିମ୍ନ ଅଦାଲତର ରାୟ ବିରୋଧରେ କରାଯାଇଥିବା ଆବେଦନ ଉପରେ ହାଇକୋର୍ଟ ତାଙ୍କର ରାୟ ଶୁଣାଇବେ। ପୂର୍ବରୁ ଉକ୍ତ ମାମଲାରେ କଂଗ୍ରେସ ନେତା ସଜନ କୁମାର ଦୋଷମୁକ୍ତ ହୋଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ୍ କରି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା। ସିବିଆଇ ଓ ଦଙ୍ଗାପୀଡ଼ିତଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ବିଚାରପତି ଏସ୍. ମୁରଲୀଧର ଏବଂ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ।

## ଆର୍‌ଏଲ୍‌ଏସ୍‌ପିରେ ବିଦ୍ରୋହ

**ପାଟନା,୧୫।୧୨(ପି.ଟି.)**

**ଏନ୍‌ଡିଏକୁ ୩ ବିଧାୟକଙ୍କ ସମର୍ଥନ**

ରଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍ଏସ୍‌ପି)ରେ ବିଦ୍ରୋହ ଦେଖାଦେଇଛି। ବିହାରର ୩ ବିଧାୟକ ଏବେ ବି ଏନ୍‌ଡିଏରେ ରହିଥିବା ଶନିବାର ଘୋଷଣା କରିଛନ୍ତି। ଦଳ ଅଧ୍ୟକ୍ଷ ଉପେନ୍ଦ୍ର ଖୁଶ୍‌ୱାହା ନିଜର ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଏନ୍‌ଡିଏ ମେଣ୍ଟରୁ ଓହରିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିହାର ବିଧାନସଭା ସଦସ୍ୟ ସୁଧାଂଶୁ ଶେଖର ଏବଂ ଲଲନ ପାଶ୍ୱାନ ଏବଂ ବିଧାନ ପରିଷଦ ସଦସ୍ୟ ସଞ୍ଜୀବ ସିଂ ଶ୍ୟାମ ଏକ ମିଳିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ଶେଖରଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ଲାଗି ସେମାନେ ଦାବି କରିଛନ୍ତି। ସେମାନଙ୍କ ପଛରେ ଅଧିକାଂଶ ଦଳୀୟ କର୍ମୀ ଓ ନେତାଙ୍କ ସମର୍ଥନ ଥିବା ନିର୍ବାଚନ କମିଶନଙ୍କୁ ଜଣାଇବେ ବୋଲି କହିଛନ୍ତି। ଆରଏଲ୍ଏସ୍‌ପିରେ ବିଭାଜନ ହେବାକୁ ଯାଉଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି। ଗତ ସୋମବାର ଆରଏଲ୍ଏସ୍‌ପି ଅଧ୍ୟକ୍ଷ ଖୁଶୱାହା ଏନ୍‌ଡିଏରୁ ଓହରିଯିବା ସହ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।



ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଡିସେମ୍ବର ୧୬ /୨୦୧୮ | Rayagada, Sunday, December 16 / 2018




## ପ୍ରସିଦ୍ଧ ହେବାକୁ ତରବର ନୁହେଁ: ସାନ୍ୟା

ପ୍ରସିଦ୍ଧି ଅର୍ଜନ କରିବା ଅଥବା ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚିବାକୁ ଏତେ ତରବର ନୁହେଁ ବୋଲି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମଲହୋତ୍ରା ପ୍ରକାଶ କରିଛନ୍ତି।

୦୨

୦୬

## ସିନ୍ଧୁ ଫାଇନାଲରେ

ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଟାଇଟଲ ମୁକାବିଲାରେ ପ୍ରବେଶ କରିଛନ୍ତି।



# ଚୂଡ଼ାନ୍ତ ସଂଘର୍ଷ ଆଜି

## ଅଷ୍ଟ୍ରେଲିଆର ହ୍ୟାଟ୍ରିକ ଚାମ୍ପିୟନ ଆଶା ଧୂଳିସାତ୍

## ନେଦରଲାଣ୍ଡ୍ସ-ବେଲଜିୟମ ମୁକାବିଲା



ନେଦରଲାଣ୍ଡର ଜେରିନ ହର୍ଜବର୍ଗର

ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ଟାଇଟଲ ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ୍/ସଡନ୍‌ଡେଥ୍ ୪-୩ ଗୋଲରେ ହରାଇ ନେଦରଲାଣ୍ଡ୍ସ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଖେଳ ୨-୨ ସ୍ଥିତିରେ ରହିଥିଲା। ନେଦରଲାଣ୍ଡ୍ସ ଫାଇନାଲରେ ରବିବାର ବେଲଜିୟମକୁ ଭେଟିବ। ପ୍ରଥମ ସେମିଫାଇନାଲରେ ବେଲଜିୟମ ୬-୦ ଗୋଲରେ ଇଂଲଣ୍ଡକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ରବିବାର ଫାଇନାଲ ପୂର୍ବରୁ ବ୍ରୋଞ୍ଜ ପଦକ ପାଇଁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଲଢ଼େଇ ହେବ। ୧୯୭୩, ୧୯୯୦, ୧୯୯୮ ଚାମ୍ପିୟନ ନେଦରଲାଣ୍ଡ୍ସ ୪ର୍ଥ ଟାଇଟଲ ଲକ୍ଷ୍ୟରେ ଥିବାବେଳେ ବେଲଜିୟମ ପ୍ରଥମଥର ପାଇଁ ବିଶ୍ୱକପ୍ ଫାଇନାଲ ଖେଳିବ।

ଏହି ପରାଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆର ହ୍ୟାଟ୍ରିକ ଟାଇଟଲ ଆଶା ଧୂଳିସାତ୍ ହୋଇଛି। ବିଶ୍ୱକପ୍ ଇତିହାସରେ ଏପର୍ଯ୍ୟନ୍ତ ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ତେବେ ପାକିସ୍ତାନ ୪ଥର ଟାଇଟଲ ଜିତି ବିଶ୍ୱକପ୍‌ର ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଆୟୋଜକ ଭାରତ ଥରେ ମାତ୍ର ଚାମ୍ପିୟନ ହୋଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

### ହକି ବିଶ୍ୱକପ୍ ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ଶନିବାର**

ପ୍ରଥମ ସେମିଫାଇନାଲ
ବେଲଜିୟମ-୬
ଇଂଲଣ୍ଡ-୦

ଦ୍ୱିତୀୟ ସେମିଫାଇନାଲ
ଅଷ୍ଟ୍ରେଲିଆ-୨
ନେଦରଲାଣ୍ଡ୍ସ-୨
ଶୁଟ୍ ଆଉଟ
ନେଦରଲାଣ୍ଡ୍ସ-୪
ଅଷ୍ଟ୍ରେଲିଆ-୩

## ଉଦ୍‌ଯାପନୀରେ ସଚିନ ତେନ୍ଦୁଲକର ଅତିଥି

ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେବେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ସମଗ୍ର ଦେଶ ହକିକୁ ସମର୍ଥନ ଜଣାଉଥିବାରୁ ମୁଁ ବହୁତ ଖୁସି। ଏପରି ଏକ ବିଶ୍ୱସ୍ତରୀୟ ଆୟୋଜନ ହୋଇଥିବାରୁ ମୁଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ହକି ଇଣ୍ଡିଆକୁ ଧନ୍ୟବାଦ ଜଣାଉଛି। ହକିକୁ ସମର୍ଥନ ଜଣାଇ ମୁଁ ରବିବାର କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ହେବି ବୋଲି ସଚିନ ନିଜ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ତେଣୁ ଉଦ୍‌ଯାପନୀ ଉତ୍ସବରେ କୌଣସି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନ ଥିଲେ ହେଁ ସଚିନଙ୍କ ପରି କିମ୍ବଦନ୍ତୀ ଖେଳାଳିଙ୍କ ଉପସ୍ଥିତି ନିଶ୍ଚିତଭାବେ ଦର୍ଶକଙ୍କୁ ଆକୃଷ୍ଟ କରିବ ଏଥିରେ ଦ୍ୱିମତ ନାହିଁ।

## ଜିଲାପାଳଙ୍କ ହାତରୁ ଗଲା ଲିଜ୍ କ୍ଷମତା

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ବାଲି, ମାଟି, ମାଙ୍କଡ଼ା ପଥର, ମୋରମ ଆଦି ଲଘୁଖଣିଜ ପଦାର୍ଥ ଚୋରା କାରବାରକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଜିଲାସ୍ତରରେ ଜିଲାପାଳ ଆଉ କୌଣସି ବାଲିଘାଟ, ପଥର ଖାଦାନ, ମୋରମ ଖଣି ଆଦି ଲିଜ୍ ଦେଇ ପାରିବେ ନାହିଁ। ଏଣିକି ରାଜ୍ୟସ୍ତରରେ ଥିବା ଷ୍ଟେଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି (ଏସଆଇଇଏଏ) ହାତରେ ୦ରୁ ୫୦ ହେକ୍ଟର ଯାଏ ଲିଜ୍ ଦେବା କ୍ଷମତା ରହିବ। ଏହାଛଡ଼ା ☞ପୃଷ୍ଠା-୨

### ମାଓବାଦୀ ନେତ୍ରୀ ମୀନାଙ୍କ ମୃତ୍ୟୁ ଘଟଣା

## ତଦନ୍ତକାରୀ ଟିମ୍‌କୁ ବିଚ୍ଛିନ୍ନାଞ୍ଚଳବାସୀଙ୍କ ବିରୋଧ

ମାଲକାନଗିରି, ୧୫।୧୨(ଡି.ଏନ୍.ଏ.)

**ମାଓବାଦୀଙ୍କ ଅତ୍ୟାଚାର ବେଳେ ଆପଣମାନେ କେଉଁଠି ଥିଲେ**

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳରେ ଗତ ଅକ୍ଟୋବର ୧୨ରେ ଆନ୍ଧ୍ର-ଓଡ଼ିଶା ପୋଲିସ ମିଳିତ କୋମ୍ବିଂ ଅପରେଶନ ବେଳେ ପୋଲିସ ଗୁଳିରେ ମାଓବାଦୀ ନେତ୍ରୀ ମୀନାଙ୍କ ମୃତ୍ୟୁ ଘଟିଥିଲା। ମୀନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତେଲେଙ୍ଗାନାରୁ ଆସିଥିବା ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ୨ମାସ ପରେ ଶନିବାର ଏହି ଘଟଣାର ଅନୁସନ୍ଧାନ ପାଇଁ ଆନ୍ଧ୍ରପ୍ରଦେଶରୁ ଏକ ଟିମ୍ ବିଚ୍ଛିନ୍ନାଞ୍ଚଳରେ ପହଞ୍ଚିଥିଲେ। ଏହି ଟିମ୍‌ର ସଦସ୍ୟମାନେ ଚିତ୍ରକୋଣ୍ଡା ଜଳଭଣ୍ଡାରରୁ ଏକ ଲଞ୍ଚ ଯୋଗେ ବିଚ୍ଛିନ୍ନାଞ୍ଚଳର ଅଣ୍ଡ୍ରାପାଲି ପଞ୍ଚାୟତକୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ଯାଇଥିଲେ। ତେବେ ସେଠାରେ ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଫଳରେ ଏହି ଟିମ୍ ଫେରିଆସିଥିବା ଜଣାପଡ଼ିଛି। ବିଚ୍ଛିନ୍ନାଞ୍ଚଳର ଅର୍ଜୁନ ହନ୍ତାଳ, ହରି ମୋହନ ଖେମୁଡୁଙ୍କ ସମେତ ଅନେକ ଆଦିବାସୀ ଏହି ଟିମ୍‌ର ସଦସ୍ୟମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଯେତେବେଳେ ମାଓବାଦୀ ଆମମାନଙ୍କୁ ☞ପୃଷ୍ଠା-୨

### ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ହାଇକମାଣ୍ଡ

### ଆଜିର ମନ୍ତବ୍ୟ

“ରାଫାଲ ସମ୍ପର୍କରେ ଶୀର୍ଷ ଅଦାଲତଙ୍କ ରାୟ ପରେ ଜେପିସି ତଦନ୍ତର ଆବଶ୍ୟକତା ନାହିଁ।

– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ

ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହରେ ‘ଆଗାମୀ ଆଶା’ ପ୍ରକାଶ ପାଇପାରୁନାହିଁ।

# ଏନ୍‌କାଉଣ୍ଟର ବେଳେ ୧୧ ନିହତ

ଶ୍ରୀନଗର, ୧୫।୧୨(ପି.ଟି.)

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ଶନିବାର ଏନ୍‌କାଉଣ୍ଟର ସ୍ଥଳରେ ସଂଘର୍ଷ ବେଳେ ୭ ନାଗରିକଙ୍କ ସମେତ ୧୧ ଜଣ ନିହତ ହୋଇଛନ୍ତି। ଗୁଳି ବିନିମୟବେଳେ ୩ ଆତଙ୍କବାଦୀ ନିହତ ଓ ଜଣେ ଯବାନ ଶହୀଦ ହୋଇଛନ୍ତି। ସେଠାରେ ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଗୁଳି ଚଳାଇବାରୁ ୭ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି।

ପୁଲଓ୍ୱାମା ଜିଲାର ସିର୍‌ନୁ ଗ୍ରାମରେ ସେନାରୁ ଖସି ପଳାଇଯାଇଥିବା ଜହୁର ଅହମଦ ଠୋକେରଙ୍କ ସମେତ ୩ ଆତଙ୍କବାଦୀ ଲୁଚି ରହିଥିବା ଗୋଇନ୍ଦା ସୂଚନା ମିଳିଥିଲା। ଶନିବାର ସକାଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲା। ଠୋକେର ଏନ୍‌କାଉଣ୍ଟରରେ ଫସିଥିବା ଖବର ପ୍ରଚାରିତ ହେବା ପରେ ବହୁସଂଖ୍ୟାରେ ଲୋକେ ସେଠାରେ ପହଞ୍ଚିଥିଲେ। ଯଦିଓ ୨୫ ମିନିଟରେ ଏନ୍‌କାଉଣ୍ଟର ଶେଷ ହୋଇଥିଲା ଏବଂ ୩ ଆତଙ୍କବାଦୀ ନିହତ ହୋଇଥିଲେ, ତେବେ ଉତ୍ତ୍ୟକ୍ତ ଲୋକଙ୍କ ବିରୋଧ ଯୋଗୁ ସେନାକୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା। ବିକ୍ଷୋଭକାରୀ ସୁରକ୍ଷା ବଳ ସହ ସଂଘର୍ଷ ଆରମ୍ଭ କରିଦେଇଥିଲେ। ଫାଙ୍କା ଗୁଳିଚାଳନା ସତ୍ତ୍ୱେ ସେମାନେ ନ ହଟିବାରୁ ସୁରକ୍ଷା ବଳ ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଫଳରେ ୭ ସାଧାରଣ ନାଗରିକ ନିହତ ହେବା ସହ ୪୦ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ଥିବା କୁହାଯାଉଛି।

ଗତବର୍ଷ ଜୁଲାଇରେ ଉତ୍ତର କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଗଣ୍ଟମୁଲ୍ଲାରେ ଥିବା ସେନା କ୍ୟାମ୍ପରୁ ଠୋକେର ନିଜ ସର୍ଭିସ ରାଇଫଲ ଓ ୩ ମାଗାଜିନ ସହ ଫେରାର ☞ପୃଷ୍ଠା-୨



### ପୁଲଓ୍ୱାମା ଅପରେଶନ୍

- ଯବାନ ଶହୀଦ
- ଟଳିଲେ ୩ ଆତଙ୍କବାଦୀ
- ଜବାବୀ କାର୍ଯ୍ୟାନୁଷ୍ଠାନରେ ୭ ନାଗରିକ ମୃତ
- ବିଚ୍ଛିନ୍ନତାବାଦୀଙ୍କ ୩ ଦିନିଆ ବନ୍ଦ ଡାକରା

OPSC - AEE (Civ)
80+ Selections in 2015
350+ Vacancy Expected!!
60 DAYS REGULAR CLASSROOM COACHING
@ BHUBANESWAR
Batch Date: 17th Dec 2018
5000/- Early Bird Offer
ACE Engineering Academy
Leading Institute for ESE/GATE/PSUs
9861566244
0674-2540340
www.aceenggacademy.com

## ଶପଥ ନେଲେ ଜୋରାମଥାଙ୍ଗା

ଆଇଜଲ, ୧୫।୧୨



ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ଅଧ୍ୟକ୍ଷ ଜୋରାମଥାଙ୍ଗା ଶନିବାର ମିଜୋରାମର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ଆଇଜଲସ୍ଥିତ ରାଜଭବନରେ ରାଜ୍ୟପାଳ କେ. ରାଜାଶେଖରନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଜୋରାମଥାଙ୍ଗାଙ୍କ ସମେତ ଅନ୍ୟ ୧୧ ବିଧାୟକ ମଧ୍ୟ ଶପଥପାଠ କରିଛନ୍ତି।

ଏମ୍‌ଏନ୍‌ଏଫ୍‌ର ପ୍ରତିଷ୍ଠାତା ଲାଲ୍‌ଡେଙ୍ଗାଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଜୋରାମଥାଙ୍ଗା (୧୯୯୮ରୁ ୨୦୦୩ ଏବଂ ☞ପୃଷ୍ଠା-୨

CBSE Exam Mate ପୃଷ୍ଠା-୦୯

## ବିଦେଶୀ ପାଣ୍ଠିର ତଦନ୍ତ କରିବ ଇଡି

ଭୁବନେଶ୍ୱର (ବ୍ୟୁରୋ)/ଢେଙ୍କାନାଳ ଅଫିସ, ୧୫।୧୨

ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ ‘ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ ଶାଖାରେ ଲାଗିଛି ବିପୁଳ ବିଦେଶୀ ପାଣ୍ଠି। ଅନ୍ତେବାସୀଙ୍କୁ ଯୌନଶୋଷଣ ମାମଲାରେ ବନ୍ଧା ହୋଇଥିବା ଅଭିଯୁକ୍ତ ତଥା ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ୍ ରେହମାନଙ୍କୁ ଜେରାବେଳେ ଏ ନେଇ ଅନେକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ବିଦେଶୀ ପାଣ୍ଠିର ଚେର କେତେ ଗଭୀରକୁ ଲମ୍ବିଛି ସେ ସମ୍ପର୍କରେ ଅଧିକ ତଥ୍ୟ ହାତେଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।

ବିଦେଶର କେଉଁ କେଉଁ ସ୍ଥାନରୁ ଅର୍ଥ ଆସୁଥିଲା ଏବଂ ପାଣ୍ଠିର ପ୍ରକୃତ ଉତ୍ସ ସମ୍ପର୍କରେ ଛାନ୍‌ଭିନ କରିବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ। ଅନୁଷ୍ଠାନ ପରିଚାଳନାରେ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ହେଲେ ପ୍ରକୃତପକ୍ଷେ କେତେ ଟଙ୍କା ଆସିଛି ସେ ନେଇ ସ୍ପଷ୍ଟ ସୂଚନା ମିଳୁନାହିଁ। ଏତେ ପରିମାଣର ଟଙ୍କାକୁ ଅନୁଷ୍ଠାନ କିଭଳି ଏବଂ କେଉଁସ୍ଥାନରୁ ଆଣି ଖର୍ଚ୍ଚ କରୁଥିଲା ତାହା ମଧ୍ୟ ଅନେକ ପ୍ରଶ୍ନବାଚୀ ☞ପୃଷ୍ଠା-୨

### ବେଲଟିକିରି ଶେଲ୍‌ଟର ହୋମ ଯୌନଶୋଷଣ ମାମଲା



NECC NATIONAL EGG CO-ORDINATION COMMITTEE — Venco66 CHICKEN — 15.12.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers



*ସାବୁନ ତୁଳନାରେ ସଫେଇ, ସତେଜତା ଆଉ ସୁଗନ୍ଧର ପରିମେୟ ଲକ୍ଷଣ ଆଧାରରେ, ଅକ୍ଟୋବର 2017 ରେ କାଣ୍ଟାର୍ IMRB କୃତ ଅଧ୍ୟୟନ ଅନୁସାରେ । ବଚ୍ଛା ବଚ୍ଛା ବଜାରରେ ଅଫର୍ ବୈଧ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଭୂମିକା
ପରିବାରବର୍ଗ


ସୋମ
ପରିବାରବର୍ଗ


ଶୁଭଲକ୍ଷ୍ମୀ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଓଡ଼ିଶାକୁ ଆନ୍ତଃ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

# ସତ୍ୟପାଠ ଦାଖଲ କର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ଗତ ୨୦ ବର୍ଷ ଧରି ମହାନଦୀରେ କେତେ ପରିମାଣ ବର୍ଷା ଜଳ ପ୍ରବାହିତ ହେଉଥିଲା। ତାହାର ସମ୍ପୂର୍ଣ୍ଣ ତଥ୍ୟ ଦିଅ। ଶନିବାର ଛତିଶଗଡ଼ ସରକାର ନିର୍ମାଣ କରିଥିବା ୬ଟି ବ୍ୟାରେଜ ଉପରେ ସ୍ଥଗିତାଦେଶ ଦେବାକୁ ରାଜ୍ୟ ସରକାର କରିଥିବା ଆବେଦନର ଶୁଣାଣି ବେଳେ ଆନ୍ତଃ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଏ.ଏମ ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ପୂର୍ବରୁ ମହାନଦୀରେ ପ୍ରବାହିତ ହେଉଥିବା ଜଳ ଓ ଏହାର ପରବର୍ତ୍ତୀ ଜଳ ପ୍ରବାହ ସମ୍ପର୍କରେ ଏକ ସତ୍ୟପାଠ ୨୦୧୯ ଜାନୁୟାରୀ ୧୦ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮-୦୯ରେ ବ୍ୟାରେଜ ନିର୍ମାଣ ସମୟରେ ଜଳ ପ୍ରବାହ ନେଇ ବହୁତ ବଡ଼ ସମସ୍ୟା ସୃଷ୍ଟି ହୋଇଥିବା ଟ୍ରିବ୍ୟୁନାଲ ହୃଦୟଙ୍ଗମ କରିଛନ୍ତି। ୧୯୭୫ରୁ ୨୦୦୫ ପର୍ଯ୍ୟନ୍ତ ହୀରାକୁଦକୁ କେତେ ପରିମାଣ ଜଳ ପ୍ରବାହିତ ହେଉଥିଲା। ଜଳ ପ୍ରବାହ କିପରି ଥିଲା। ବ୍ୟାରେଜ ନିର୍ମାଣ ପରେ ହୀରାକୁଦ ଏବଂ ମହାନଦୀ ଉପରେ କି ପ୍ରଭାବ ପଡ଼ିଛି। କେବଳ ବର୍ଷା ଜଳ ପ୍ରଭାବିତ ହୋଇଛି କିମ୍ବା ଜଳ ସ୍ରୋତକୁ ଛତିଶଗଡ଼ର ଅନ୍ୟ ଆଡ଼କୁ ଦିଗ ପରିବର୍ତ୍ତନ କରାଯାଇଛି। ସେ ସବୁକୁ ଟ୍ରିବ୍ୟୁନାଲ ପରୀକ୍ଷା ନିରୀକ୍ଷା କରିବେ। ଟ୍ରିବ୍ୟୁନାଲ ଦୁଇଟି ବିଷୟରେ ସମ୍ପୂର୍ଣ୍ଣ ତର୍ଜମା କରିବେ । ପ୍ରଥମଟି ହେଉଛି ମହାନଦୀ ଜଳ ବ୍ୟବହାର ନେଇ ମଧ୍ୟ ପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟରେ କେଉଁ ପ୍ରକାର ଚୁକ୍ତି ହୋଇଥିଲା। ଅନ୍ୟଟି ହେଉଛି ବ୍ୟାରେଜ ନିର୍ମାଣ ହେବା ଦ୍ୱାରା କେତେକ ପରିମାଣ ଜଳ ପ୍ରବାହିତ ବାଧାପ୍ରାପ୍ତ ହୋଇଛି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଟ୍ରିବ୍ୟୁନାଲ ଏ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବେ ବୋଲି ଖଣ୍ଡପୀଠ ସୂଚାଇଛନ୍ତି।

ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତ୍‌ଗି ଓଡ଼ିଶା ମହାନଦୀ ଜଳର ଅଧା ପାଣି ପାଉଛି ବୋଲି ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଥିଲେ। ବ୍ୟାରେଜ ନିର୍ମାଣ ଯୋଗୁ ଚାଷ, ବିଦ୍ୟୁତ ଶକ୍ତି ଏବଂ ଚିଲିକା ହ୍ରଦ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଛତିଶଗଡ଼ ବ୍ୟାରେଜ ଗେଟକୁ ବନ୍ଦକରି ଜଳ ପ୍ରବାହକୁ ରୋକିଛନ୍ତି। ଏବେ ମଧ୍ୟ ଦୁଇଟି ବ୍ୟାରେଜର ସମସ୍ତ ଗେଟ ବନ୍ଦ ରହିଛି। ମାମଲା ଫଇସଲା ନ ହେବା ଯାଏ ୬ଟି ବ୍ୟାରେଜର କୌଣସି ଗେଟ ବନ୍ଦ ନ କରିବାକୁ ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ରୋହତଗି ଯୁକ୍ତି ବାଢିଥିଲେ। ମହାନଦୀରେ ଅଣ ମୌସୁମୀ ସମୟରେ (ନଭେମ୍ବରରୁ ମେ ) ୧.୭୪ ନିୟୁତ ଏକର ଫୁଟ (ଏମଏଏଫ) ଜଳ ଛାଡ଼ିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମହାନଦୀ ଜଳ ବଣ୍ଟନ ନେଇ ଓଡ଼ିଶା ସରକାର ୧୯୪୭ରେ ମଧ୍ୟ ପ୍ରଦେଶ ସରକାରଙ୍କ ସହ କୌଣସି ଲିଖିତ ବୁଝାମଣା କରି ନାହାନ୍ତି। ତେବେ ଜଳ ବଣ୍ଟନ ନେଇ ମଧ୍ୟପ୍ରଦେଶ ସହ ହୋଇଥିବା ୪୫ଟି ଚୁକ୍ତିପତ୍ରକୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ନିକଟରେ ଉପସ୍ଥାପନ କରିଛନ୍ତି। ଏହାଛଡ଼ା ହୀରାକୁଦକୁ କେତେ ପରିମାଣ ଜଳ ପ୍ରବାହିତ ହେବ ସେ ନେଇ ମଧ୍ୟପ୍ରଦେଶ ଦେଇଥିବା ପ୍ରତିଶ୍ରୁତିର ତଥ୍ୟ ପ୍ରମାଣ ରାଜ୍ୟ ସରକାରଙ୍କ ଓକିଲ ଟ୍ରିବ୍ୟୁନାଲ ନିକଟରେ ଦାଖଲ କରିଛନ୍ତି। ଆସନ୍ତା ଫେବୃୟାରୀ ୯ ତାରିଖରେ ଟ୍ରିବ୍ୟୁନାଲରେ ହେବ ପରବର୍ତ୍ତୀ ଶୁଣାଣି।

## Ph.D. ଲାଭ



ଗବେଷିକା **ସୁମନ ଜଗତୀ** ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାଇକ୍ରୋବାୟୋଲୋଜିରେ ପିଏଚ୍.ଡି ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Saccharification and fermentation of sweet potato (Ipomoea batatus L) for enhanced production of bioethanol." ଡକ୍ଟର ସୁମନ ଜଗତୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ଚନ୍ଦ୍ର ମହାନ୍ତି ଏବଂ ପ୍ରଫେସର ଶାନ୍ତିଲତା ସାହୁଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଏହାର ସମସ୍ତ ଶ୍ରେୟ ବାପା: ସଦାନନ୍ଦ ଜଗତୀ, ମାତା: ରୁକ୍ମିଣୀ ଜଗତୀ, ଭଉଣୀ: ସ୍ମୃତି ଜଗତୀ ଏବଂ ଭାଇ: ସୁଦୀପ ଜଗତୀଙ୍କୁ ଦେଇଛନ୍ତି। ଧ-୬୫୪୦୬

# ପ୍ରସିଦ୍ଧ ହେବାକୁ ତରବର ନୁହନ୍ତି ସାନ୍ୟା

**ନୂଆଦିଲ୍ଲୀ**

ପ୍ରସିଦ୍ଧି ଅର୍ଜନ କରିବା ଅଥବା ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚିବାକୁ ଏତେ ତରବର ନୁହେଁ। ଭଲ ଲୋକଙ୍କ ସହିତ ମିଶି କାର୍ଯ୍ୟକରିବା ଉପରେ ଗୁରୁତ୍ୱ ଦିଏ ବୋଲି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମଲହୋତ୍ରା ପ୍ରକାଶ କରିଛନ୍ତି।

ସାନ୍ୟା ପ୍ରଥମକରି 'ଦଙ୍ଗଲ'ରେ ଅଭିନୟ କରି ବଲିଉଡ୍‌ରେ ପାଦ ଥାପିଥିଲେ। ଏହାପରେ 'ପଟ୍‌ଖା' ଏବଂ ଚିତ୍ତବିନୋଦନକାରୀ ଫିଲ୍ମ 'ବଧାଇ ହୋ'ରେ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ତାଙ୍କ କହିବାନୁସାରେ ସେ ସ୍ୱପ୍ନକୁ ନେଇ ବଞ୍ଚନ୍ତି। ଅଭିନୟ କ୍ଷେତ୍ରରେ ସେ ଶିଶୁ ହୋଇଥିବା ବେଳେ ବର୍ତ୍ତମାନ ସମୟକୁ ବେଶ୍ ଭଲଭାବେ ଉପଯୋଗ କରିବାକୁ ଚାହାନ୍ତି। ଶିଖର ଦେଶରେ ପହଞ୍ଚିବାକୁ ଅଥବା ଜଣେ ପ୍ରଖ୍ୟାତ ବ୍ୟକ୍ତିତ୍ୱ ହେବାକୁ ଏତେ ତରବର ନୁହେଁ। କେବଳ ଭଲ ଲୋକଙ୍କ ସହଯୋଗରେ ସୁନ୍ଦର କାମ କରିବାକୁ ଚାହେଁ। ନିରନ୍ତର ସଫଳତାର ପାହାଚ ଚଢ଼ିବା ପରେ ସାନ୍ୟା 'ଫଟୋଗ୍ରାଫ୍'ରେ ତାଙ୍କ ଅଭିନୟ ପ୍ରଦର୍ଶନ କରିବେ। ଅଭିନୟ ପାଇଁ ତାଙ୍କ ଉପରେ କୌଣସି ଚାପ ନାହିଁ। ଜଣେ ଅଭିନେତ୍ରୀ ଭାବରେ ଯେଉଁ କ୍ୟାରିୟର ଆରମ୍ଭ କରିଛନ୍ତି ସେଥିରେ ସେ ଖୁସି। 'ବଧାଇ ହୋ' ଏବେ ବି ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ସଫଳତା ସାଉଁଟୁଥିବା ସେ ପ୍ରକାଶ କରିଛନ୍ତି।



## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ କୋଇଲା ଆମଦାନୀ ୯.୧% ବୃଦ୍ଧି ଘଟି ୨୦୮.୨୭ ନିୟୁତ ଟନ ରହିଛି। ଏହା ୨୦୧୬-୧୭ରେ ୧୯୦.୯୫ ନିୟୁତ ଟନ୍ ଥିଲା।

– କୋଇଲା ମନ୍ତ୍ରଣାଳୟ

## ଆସୁଛି ବାତ୍ୟା: ପାଚିଲା ଧାନକୁ ବିପଦ

# ଆଜି ୪ ଜିଲାରେ ବର୍ଷିବ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

- ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ
- ୧୮ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ଼ ରୂପ ନେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରି ସ୍ଥଳଭାଗ ଆଡ଼କୁ ମାଡ଼ି ଆସିବ। ଶନିବାର ଝଡ଼ ଦକ୍ଷିଣ ପୂର୍ବ ଚେନ୍ନାଇ ଉପକୂଳରୁ ୪୪୦ କି.ମି ଏବଂ ଦକ୍ଷିଣ-ପୂର୍ବ ଆନ୍ଧ୍ର ପ୍ରଦେଶର ମଛିଲିପଟ୍ଟନମ୍ ଠାରୁ ୮୯୦ କି.ମି ଦୂରରେ ଝଡ଼ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୭ ତାରିଖ ମଧ୍ୟାହ୍ନରେ ବାତ୍ୟା ଆନ୍ଧ୍ର ପ୍ରଦେଶ ଉପକୂଳ ଓଙ୍ଗୋଲ ଏବଂ କାକିନଡ଼ା ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୬,୧୭ ଓ ୧୮ ତିନିଦିନ ଧରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୩ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ୧୭ ତାରିଖରେ ୧୧ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହି ଜିଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ସମ୍ବଲପୁର। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଘଣ୍ଟାକୁ ୧୦୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି । ୧୮ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଚାନ୍ଦବାଲି, ପୁରୀରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଓଡ଼ିଶା ପ୍ରତି ପବନର ଭୟ ନଥିଲେ ମଧ୍ୟ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଥିଲା। ଅମଳ ସମୟ ହୋଇଥିବାରୁ ବିଲରେ ପାଚିଲା ଧାନ ପଡିରହିଛି। ବର୍ଷା ଯୋଗୁ ସେଗୁଡ଼ିକ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ତୁରନ୍ତ ଧାନ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କୁ ଏ ନେଇ ସଚେତନ କରାଇବା ପାଇଁ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଯୋଗୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ କିଛିଟା ପ୍ରଭାବ ପଡ଼ିବ। ପବନ ନ ହେଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ମଣ୍ଡିରେ ଥିବା ଧାନକୁ ସୁରକ୍ଷିତ ରଖିବାକୁ ଜିଲାପାଳଙ୍କୁ କୁହାଯାଉଛି।

## ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ:ସେମିଫାଇନାଲରେ ଓଡ଼ିଆ ଦମ୍ପତି

ପୁରୀ ଅଫିସ,୧୫।୧୨-ରିୟଲିଟି ଶୋ ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ (ଆଇଜିଟି) ସେମିଫାଇନାଲରେ ପହଞ୍ଚିଛନ୍ତି ପୁରୀର ସୁଜାତା ରାୟ ଏବଂ ତାଙ୍କ ସ୍ୱାମୀ ଉମାକାନ୍ତ (ଗୁନା) ସାହୁ। ମାଲଖମ୍ବ ଗୁରୁ ମଧୁସୂଦନ ରାୟଙ୍କ ବଡ଼ଝିଅ ସୁଜାତା ଏବଂ ଜ୍ୱାଇଁ ଗୁନା ଆଇଜିଟିରେ ସଫଳ ହେବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ସେମାନେ ଓଡ଼ିଶାବାସୀଙ୍କ ସହଯୋଗ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଛନ୍ତି। ରବିବାର ରାତି ୧୦ଟାରେ କଲର୍ସ ଚ୍ୟାନେଲରେ ଆଇଜିଟି ସିଜନ-୮ର ସେମିଫାଇନାଲ ଏପିସୋଡ୍ ପ୍ରସାରିତ ହେବ। ସେମାନେ ଏରିୟଲ ପ୍ରପ୍ ପ୍ରଦର୍ଶିତ କରିବେ। ଓଡ଼ିଶାବାସୀ ଏବଂ ତାଙ୍କ ଶୁଭେଚ୍ଛୁ ଏହାକୁ ବିପୁଳ ସଂଖ୍ୟାରେ ଦେଖି ଭୋଟ ଦେବାକୁ ସେମାନେ ନିବେଦନ କରିଛନ୍ତି। voot ଆପ୍ଲିକେଶନ ଡାଉନ୍‌ଲୋଡ କରି କିମ୍ବା www.voot.com ଲଗଅନ୍ କରି ଭୋଟ ଦେଇପାରିବେ ବୋଲି ସୁଜାତା-ଗୁନା ଅନୁରୋଧ କରିଛନ୍ତି। ରବିବାର ରାତି ୧୦ଟାରୁ ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଭୋଟିଂ ଲାଇନ ଖୋଲା ରହିବ। ଏହି ଅଭିଯାନ ସମ୍ପର୍କରେ ସୁଜାତା କହିଛନ୍ତି ଗତ ଅଗଷ୍ଟ ୩୦ରେ ଦିଲ୍ଲୀରେ ଅଡିଶନ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଜିଲାପାଳଙ୍କ ହାତରୁ ଗଲା...

ସମସ୍ତ ଲିଜ୍ ଅଞ୍ଚଳ ପାଇଁ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ(ଇଆଇଏ) ଏବଂ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ପ୍ଲାନ (ଇଏମପି) ଦାଖଲ କରିବା ବାଧ୍ୟତାମୂଳକ ହେବ। ଏଥିସହିତ ଯେଉଁ ଅଞ୍ଚଳରେ ଲିଜ୍ ଦିଆଯିବ ସେଠାରେ ଜନଶୁଣାଣି କରାଯିବ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଜଣାଇ ଦେଇଛନ୍ତି। ଏହି ଚିଠି ପାଇବା ପରେ ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ ଏ ନେଇ ଶନିବାର ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି।

୦ରୁ ୫ ହେକ୍ଟର ଯାଏ ଖଣି ଲଜ୍ ଦେବା କ୍ଷମତା ଡିଷ୍ଟ୍ରିକ୍ଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ଅଧ୍ୟକ୍ଷ ଜିଲାପାଳଙ୍କ ଉପରେ ନ୍ୟସ୍ତ ରହିଥିଲେ। ଏହି ଅଞ୍ଚଳ ଲିଜ୍ ପାଇଁ ସେ ପରିବେଶ ମଞ୍ଜୁରୀ ଦେଉଥିଲେ। ବେଆଇନ ବାଲି ଚାଲାଣ ରୋକିବା ପାଇଁ ଜିଲାପାଳଙ୍କଠାରୁ ଏହି କ୍ଷମତା ଏନଜିଟି କାଢି ନେଇଛନ୍ତି । ଏସଆଇଇଏଏ ୦ରୁ ୫୦ ହେକ୍ଟର ଯାଏ ସମସ୍ତ ଲଘୁ ଖଣି ଅଞ୍ଚଳକୁ ପରିବେଶ ମଞ୍ଜୁରୀ ଦେବେ। ୫ରୁ ୨୫ ହେକ୍ଟର ବି-୨ କାଟାଗୋରିକୁ ଏସଆଇଇଏଏ ମଞ୍ଜୁରୀ ଦେଉଥିଲେ। କେତେକ ସର୍ତ୍ତରେ ୨୫ରୁ ୫୦ ହେକ୍ଟର ବି-୧ କାଟାଗୋରି ଅଞ୍ଚଳକୁ ମଧ୍ୟ ଏସଆଇଇଏଏ ପରିବେଶ ମଞ୍ଜୁରୀ ଦେଉଥିଲେ। କାଟାଗୋରି ବି-୧ ପାଇଁ ଏଆଇଏ, ଇଏମପି ଏବଂ ଜନଶୁଣାଣିର ବ୍ୟବସ୍ଥା ରହିଥିଲା। ରାଜ୍ୟରେ ପ୍ରବଳ ବାଲି ଚୋରି ହେଉଛି । ପରିବେଶକୁ ବେଖାତିର କରି ଲିଜ୍‌ଧାରୀମାନେ ବାଲି ଉଠାଉଛନ୍ତି । ଏଥିଯୋଗୁ ପରିବେଶ ଓ ଜଳଚର ଜୀବଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ଅତ୍ୟଧିକ ବାଲି ଖୋଳି ନେଇଯିବାରୁ ନଦୀରେ ଜଳ ଭୂଗର୍ଭକୁ ସଂଚରଣ ହୋଇ ପାରୁ ନ ଥିବାବେଳେ ନଦୀଗୁଡ଼ିକ ପ୍ରଭାବିତ ହେଉଛି। ଏଭଳି ବେଆଇନ କାରବାର ଉପରେ ରୋକ ଲଗାଇବାକୁ ଏନଜିଟିରେ ମାମଲା ଦାଏର କରାଯାଇଥିଲା। ଏହି ମାମଲାର ଶୁଣାଣି କରି କୌଣସି ଲଘୁଖଣିଜ ଅଞ୍ଚଳକୁ ଜିଲାପାଳ ପରିବେଶ ମଞ୍ଜୁରୀ ଦେଇ ପାରିବେ ନାହିଁ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଯେଉଁ ଅଞ୍ଚଳରେ ବେଆଇନ ବାଲି ଉଠାଣ ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଯେଉଁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ସେ ଅଞ୍ଚଳ ପାଇଁ କେତେଟଙ୍କା ଜରିମାନା ଧାର୍ଯ୍ୟ କରାଯିବ ସେ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗାଇଡ ଲାଇନ ପ୍ରସ୍ତୁତ କରିବ। ଏ ଦିଗରେ ରାଜ୍ୟ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେ ନେଇ ମନ୍ତ୍ରଣାଳୟକୁ ଜଣାଇବାକୁ କୁହାଯାଇଛି।

## ଏନ୍‌କାଉଣ୍ଟର ବେଳେ...

ହୋଇଯାଇ ଆତଙ୍କବାଦୀଙ୍କ ସହ ହାତ ମିଳାଇଥିଲେ। ପୁଲୱାମା ଜିଲାର ଅନେକ ହତ୍ୟାକାଣ୍ଡରେ ଠୋକେର ସମ୍ପୃକ୍ତ। ଏନ୍‌କାଉଣ୍ଟର ବେଳେ ଜଣେ ସେନା ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇ ଯବାନ ଗୁରୁତର ହୋଇଛନ୍ତି। ଉତ୍ତେଜନା ବଢ଼ିବା ଆଶଙ୍କାରେ ସମଗ୍ର ଦକ୍ଷିଣ କଶ୍ମୀରର ୪ଟି ଜିଲାରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

ପୁଲୱାମା ଏନ୍‌କାଉଣ୍ଟରରେ ୭ ସାଧାରଣ ନାଗରିକ ନିହତ ହେବା ପ୍ରତିବାଦରେ ବିଚ୍ଛିନ୍ନତାବାଦୀ ସଂଗଠନ ପକ୍ଷରୁ ୩ ଦିନିଆ ବନ୍ଦ ଡାକରା ଦିଆଯାଇଛି। ସୟେଦ ଅଲି ଶାହ ଗିଲାନୀ, ମିରୱେଜ ଉମାର ଫାରୁକ ଏବଂ ମହମ୍ମଦ ୟାସିନ ମଲିକଙ୍କୁ ନେଇ ଗଠିତ ମିଳିତ ପ୍ରତିରୋଧ ନେତୃତ୍ୱ ବ୍ୟାନରରେ ଏହି ବନ୍ଦ ଡାକରା ଦିଆଯାଇଛି। ସୁରକ୍ଷା ବଳର ଗୁଳିମାଡ଼ରେ ୭ ନାଗରିକଙ୍କ ମୃତ୍ୟୁକୁ କଶ୍ମୀରର ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିନ୍ଦା କରାଯାଇଛି। ରାଜ୍ୟପାଳ ଶାସନ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। କୌଣସି ତଦନ୍ତ ଦ୍ୱାରା ମୃତ ନାଗରିକଙ୍କ ଜୀବନ ଫେରିଆସିବ ନାହିଁ। ଗତ ୬ ମାସ ହେଲା ଦକ୍ଷିଣ କାଶ୍ମୀରରେ ଆତଙ୍କ ଜାରି ରହିଛି। ରାଜ୍ୟପାଳ ଶାସନରୁ ଆଉ କ'ଣ ଆଶାକରିବା ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଟୁଇଟ୍ କରିଛନ୍ତି। ଏନ୍‌କାଉଣ୍ଟରକୁ ଠିକ୍ ଢଙ୍ଗରେ ପରିଚାଳନା କରାଯାଇ ନ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ସମାଲୋଚନା କରିଛନ୍ତି।

ଆତଙ୍କବାଦ ବନ୍ଧୁକରେ ନୁହେଁ, ମନ ଭିତରେ ରହିଛି ବୋଲି ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ କହିଛନ୍ତି। ତେଣୁ ଆତଙ୍କବାଦୀଙ୍କୁ ନିପାତ ନୁହେଁ, ରାଜ୍ୟରୁ ଆତଙ୍କବାଦର ମୂଳୋତ୍ପାଟନ ଉପରେ ସେ ପ୍ରାଥମିକତା ଦେଉଥିବା କହିଛନ୍ତି।

## ଶପଥ ନେଲେ...

୨୦୦୩ରୁ ୨୦୦୮ ) ଲଗାତର ୧୦ ବର୍ଷ ଧରି ଖ୍ରୀଷ୍ଟିଆନବହୁଳ ଉତ୍ତରପୂର୍ବ ରାଜ୍ୟ ମିଜୋରାମର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିଲେ। ବିଗତ ୧୦ ବର୍ଷ ଧରି ରାଜ୍ୟରେ କଂଗ୍ରେସର ବିଫଳତା ହିଁ ତାଙ୍କୁ ତୃତୀୟଥର ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବାକୁ ସୁଯୋଗ ଦେଇଛି। ବିକାଶ କ୍ଷେତ୍ରରେ ରାଜ୍ୟ ପଛୁଆ ରହିବା ଏବଂ ବେକାରି ସମସ୍ୟାକୁ ପ୍ରସଙ୍ଗ କରି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ ଉଗ୍ରବାଦୀରୁ ରାଜନେତା ପାଲଟିଥିବା ୭୪ ବର୍ଷୀୟ ଭେଟେରାନ୍ ଜୋରାମଥାଙ୍ଗା। ରାଜ୍ୟର ପ୍ରତି ବର୍ଗର ଲୋକେ ତାଙ୍କୁ ଏଥିରେ ସମର୍ଥନ କରି ତାଙ୍କ ଦଳ (ଏମ୍‌ଏନ୍‌ଏଫ୍)କୁ ମୋଟ ୪୦ ଆସନରୁ ୨୬ରେ ବିଜୟୀ କରାଇଥିବା ରାଜନୈତିକ ବିଶେଷଜ୍ଞ ତଥା ଶିକ୍ଷାବିତ୍ କେ. ସାଇଲୋ କହିଛନ୍ତି।

ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବେଳେ ଲାଲଡେଙ୍ଗାଙ୍କ ସେକେଣ୍ଡ-ଇନ୍-କମାଣ୍ଡର ଭାବେ ନିଜର ସାଙ୍ଗଠନିକ ଦକ୍ଷତାକୁ ଜାହିର କରିବା ପରେ ପରବର୍ତ୍ତୀ ସମୟରେ ତାଙ୍କର ଉତ୍ତରାଧିକାରୀ ଭାବେ ଏମ୍‌ଏନ୍‌ଏଫ୍‌ର ମୁଖିଆ ହୋଇଥିଲେ ଜୋରାମଥାଙ୍ଗା। ୧୯୫୯ରେ ଭୟଙ୍କର ମରୁଡ଼ି ଏବଂ ଏଥିରେ କେନ୍ଦ୍ରର ଅବହେଳାକୁ ପ୍ରସଙ୍ଗ କରି ଲାଲଡେଙ୍ଗାଙ୍କ ନେତୃତ୍ୱରେ ଏମ୍‌ଏନ୍‌ଏଫ୍ ୧୯୬୬ ମାର୍ଚ୍ଚ ୧ରେ ଭାରତଠାରୁ ସ୍ୱତନ୍ତ୍ର ହେବାକୁ ଅଭିଯାନ ଜୋର୍‌ଦାର୍ କରିଥିଲା। ସେହିବର୍ଷ ମଣିପୁର ୟୁନିର୍ଭର୍ସିଟି, ଇମ୍ଫାଲରୁ ଗ୍ରାଜୁଏଶନର ଫଳାଫଳ ଘୋଷଣା ଅପେକ୍ଷାରେ ରହିଥିବା ଜୋରାମଥାଙ୍ଗା ଏମ୍‌ଏନ୍‌ଏଫ୍‌ରେ ଯୋଗ ଦେଇଥିଲେ।

## ବିଦେଶୀ ପାଣ୍ଠିର ତଦନ୍ତ...

ସୃଷ୍ଟି କରିଛି। ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ ୧୯୯୯ (ଏଫଇଏମ୍‌ଏ) ଅନୁଯାୟୀ ଏହାର ତଦନ୍ତ କରାଯିବ ବୋଲି ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଯୌନଶୋଷଣ, ଧର୍ମାନ୍ତରୀକରଣ ଏବଂ ବିଦେଶୀ ପାଣ୍ଠି ସମ୍ପର୍କରେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଏହାର ନକଲ ଏବଂ ଚାର୍ଜଶିଟ୍ ଦାଖଲ କରିବାକୁ ଇଡି ଯୁଗ୍ମ ନିର୍ଦ୍ଦେଶକ ଢେଙ୍କାନାଳ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ଇଡି ହେଉଛି କେନ୍ଦ୍ରୀୟ ସଂସ୍ଥା। କୌଣସି ବିଷୟରେ ତଦନ୍ତ କରିବା ନେଇ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଥମେ ଅବଗତ କରାଯାଇଥାଏ। ତଦନ୍ତ ସମ୍ପର୍କିତ କୌଣସି ସୂଚନା ଜିଲା ପୋଲିସ ବିଭାଗ ପାଖରେ ନ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଶେଲ୍‌ଟର ହୋମରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ମାମଲାରେ ଅନୁଷ୍ଠାନ ମୁଖିଆ ଫୟାଜ ରେହମାନ, ତାଙ୍କ ସହଯୋଗୀ ଅଧିକାରୀ ଉଦିତ କୁମାର ଲିମା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକଙ୍କୁ ପୋଲିସ ଗିରଫ କରିଛି। ଫୟାଜଙ୍କୁ ଦୁଇ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ଆଣି ପୋଲିସ ଜେରା କରିଛି।

## ତଦନ୍ତକାରୀ ଟିମ୍‌କୁ ...

ମାଡ ମାରୁଥିଲେ, ହତ୍ୟା କରୁଥିଲେ ଓ ଗାଁରୁ ତଡି ଦେଉଥିଲେ ସେତେବେଳେ ଆପଣମାନେ କେଉଁଠି ଥିଲେ ବୋଲି ପ୍ରଶ୍ନ ଉଠାଇଥିଲେ। ସେମାନେ କହିଥିଲେ ଯେ, ଆମେ ବିଚ୍ଛିନ୍ନାଞ୍ଚଳବାସୀ ମାଓବାଦୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଆମର ଅନେକ ଧନଜୀବନ ନଷ୍ଟ ହୋଇଛି। ଅନେକ ଲୋକ ଗାଁ ଛାଡି ବେଘର ହୋଇଛନ୍ତି। ସେହି ସମୟରେ ଟିମ୍ କେଉଁଠି ଥିଲା ବୋଲି ପଚାରିବା ସହ ରାସ୍ତା ଅବରୋଧ କରି ଫେରିଯାଅ ଫେରିଯାଅ ବୋଲି ସ୍ଲୋଗାନ ଦେଇ ପ୍ଲାକାର୍ଡ ଦେଖାଇ ବିରୋଧ କରିଥିଲେ।



ତଦନ୍ତକାରୀ ଟିମ୍‌କୁ ବିଚ୍ଛିନ୍ନାଞ୍ଚଳ ବାସୀ ବିରୋଧ କରୁଛନ୍ତି ।

# ବନ୍ଧୁକଚାଳନାରେ ଓଡ଼ିଶା ପୋଲିସକୁ ସଫଳତା

କଟକ ଅଫିସ,୧୫।୧୨

ହରିୟାଣାର ମାନେଶ୍ୱରଠାରେ ଚାଲିଥିବା ୧୯ତମ ସର୍ବଭାରତୀୟ ପୋଲିସ ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳଗତ ଭିତ୍ତିରେ ତୃତୀୟ ସ୍ଥାନ ଅଧିକାର କରିଛି। ଚଳିତମାସ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ରାଜସ୍ଥାନ ପୋଲିସ ୧୭୦୬ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାମିଲନାଡୁ ପୋଲିସ ୧୬୭୦ ପଏଣ୍ଟ ସହ ଦ୍ୱିତୀୟ ଏବଂ ଓଡ଼ିଶା ପୋଲିସ ୧୬୬୨ ପଏଣ୍ଟ ପାଇ ତୃତୀୟସ୍ଥାନ ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ହାବିଲଦାର ଯୁବରାଜ ଥାପା ୫୦ମିଟର କାର୍ବାଇନ(ନିଲିଙ୍ଗ୍ ପୋଜିଶନ)ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଯୁବରାଜ ଏବେ ଚନ୍ଦକା ଏସ୍‌ଓଜିରେ ହାବିଲ୍‌ଦାର ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସବୁ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ୨୩ ରାଜ୍ୟ ପୋଲିସ ଦଳ ସହ ୮ କେନ୍ଦ୍ରୀୟ ପୋଲିସ ଦଳ ଭାଗ ନେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଦ୍ୱାଦଶ ଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଯାତ୍ରା ଆରମ୍ଭ କରି ଖୁସି ମନେଇବେ। ବକେୟା ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ବିବାଦ ଭିତରକୁ ପଶିଯାଇପାରନ୍ତି।

**ବୃଷ**
ରାଶି ପାଇଁ ଚନ୍ଦ୍ରଙ୍କ ସ୍ଥିତି ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସାହାଯ୍ୟ, ସମର୍ଥନ ଲାଭ କରାଇବ। କୃତ୍ତିକା ନକ୍ଷତ୍ର ପାଇଁ ପରିସ୍ଥିତି ବିଶେଷ ଭଲ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ବାରମ୍ବାର ଚେଷ୍ଟା ବିଫଳତା ଜନିତ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତା ବଢ଼ାଇ ଦେଇପାରେ।

**ମିଥୁନ**
ରାହୁଙ୍କ ପ୍ରଭାବରେ ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାର ଅନ୍ୟମାନଙ୍କ ପସନ୍ଦଯୋଗ୍ୟ ନ ହେବା କାରଣରୁ ସମସ୍ୟା ଉପୁଜିପାରେ। ବିଭିନ୍ନ ପ୍ରକାର ଧନ୍ଦା କରିବା ସକାଶେ ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି। ନିକଟସ୍ଥ ଜଣାଶୁଣା ବ୍ୟକ୍ତି ମାନଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମା, କ୍ରୀଡ଼ା,କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ନବମ ଭାବରେ ରାଶ୍ୟାଧିପତି ନୂଆ କାମଟିଏ କରିବା ପାଇଁ ମନରେ ଭାବନା ଜାଗ୍ରତ କରିପାରନ୍ତି। ନିଜ ପରିସରରେ ସାଧାରଣ କଥାକୁ ବଡ଼ କରି ନିକଟସ୍ଥ ବ୍ୟକ୍ତି ଜଣେ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । ସରକାରୀ ସ୍ତରରୁ ହଠାତ୍ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ**
ଏକାଧିକ ଗ୍ରହ ପରିବାର ସ୍ଥାନରେ ପାପ ମଧ୍ୟସ୍ଥ ଯୋଗୁ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ। ଘରେ ବନ୍ଧୁମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ହସଖୁସିର ସୁଅ ଛୁଟିବ। ମାଲିମକଦ୍ଦମା,ଜମିଜମା ସମସ୍ୟା, ଚୁକ୍ତିପତ୍ର ପ୍ରଭୃତିରେ ସୁଫଳ ପାଇବେ।

**କନ୍ୟା**
ଧନ ସ୍ଥାନରେ ଶୁକ୍ର ବନ୍ଧୁଙ୍କ ଆଦର, ଅର୍ଥ, ସମ୍ମାନ ଓ ବିଳାସବ୍ୟସନ ଦିଗ ପାଇଁ ବହୁତ ଭଲ ହେବ। ବହୁ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯାଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା,ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା**
ଶୁକ୍ର ଓ ଶନି ସାଙ୍ଗକୁ ଚନ୍ଦ୍ର ଓ ରାହୁଙ୍କ ସ୍ଥିତି ଆଜି ପାଇଁ ବହୁ ଶୁଭଦାୟକ ରହିବେ। ଫଳରେ ଯାହା କଲେ ମଧ୍ୟ କୌଣସି କାମ ସ୍ଥଗିତ ରହିବ ନାହିଁ। କିନ୍ତୁ ହସ୍ତା ନକ୍ଷତ୍ର ସକାଶେ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅବଶ୍ୟ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ଭାଗ୍ୟାଧିପତିଙ୍କ ଶୁଭ ସଂସ୍ଥିତି ଆପଣଙ୍କ ମନକୁ ଖୁସି ରଖିବା ସହ ଅନୁରାଧା ପାଇଁ କାର୍ଯ୍ୟବ୍ୟସ୍ତତା ସୃଷ୍ଟି କରିବ। ଜ୍ୟେଷ୍ଠା ନକ୍ଷତ୍ର ଅଭାବ ଦୂରେଇବାର ପ୍ରୟାସକଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇନେବେ। କ୍ରୀଡ଼ା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନକରି ଲକ୍ଷ୍ୟପୂରଣରେ ସମର୍ଥ ହୋଇପାରନ୍ତି।

**ଧନୁ**
ବନ୍ଧୁଙ୍କ ମନାନ୍ତର କାରଣରୁ ମନ ଭଲ ନ ଥିବା ହେତୁ କୌଣସି କାମରେ ମନଯୋଗୀ ରହିପାରିବେ ନାହିଁ। ତେଣୁ ମନ ଖୁସିରେ ରହିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ବେଶ୍ ଖୁସୀ ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର**
ତୃତୀୟ ସ୍ଥାନରେ ସପ୍ତମାଧିପତି ଆପଣଙ୍କୁ କୌଣସି ନୂତନ ଭାବନାରେ ନିମଜ୍ଜିତ କରାଇପାରେ। ଧର୍ମକାର୍ଯ୍ୟ, ଶୁଭ ଖବର ଓ ପାରିବାରିକ ସମର୍ଥନରେ ଅଗ୍ରଗାମୀ ହୋଇପାରନ୍ତି । ଧନିଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ ନେଇ ସମ୍ପର୍କୀୟ ମାନଙ୍କ ଆକ୍ଷେପୋକ୍ତି ମନରେ ଭାବାନ୍ତର ସୃଷ୍ଟି କରିବ। ବିଳାସବ୍ୟସନ ପ୍ରତି ବିଶେଷ ଅନୁରକ୍ତି ଜାଗ୍ରତହେବା ମଉକା ପାଇପାରିବେ।

**କୁମ୍ଭ**
ନିଜ ଭାବରୁ ଶୁକ୍ର ଅଷ୍ଟମସ୍ଥ ହେତୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କିନ୍ତୁ ପର୍ଯ୍ୟଟନ, ତୀର୍ଥାଟନ, ଦୂରସ୍ଥାନକୁ ଯାତ୍ରା ନୂତନ କର୍ମନିଯୁକ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଭୂସମ୍ପତ୍ତିକୁ କେନ୍ଦ୍ରକରି ପରିବାର ସଦସ୍ୟଙ୍କ ମଧ୍ୟରେ କଳହର ସୂଚନା ରହିଛି ।

**ମୀନ**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ ସଫଳତା ପାଇବେ। କିନ୍ତୁ ସଙ୍ଗଠନ, ଲେଖାପଢ଼ା ଓ ନୂତନ ସମ୍ପର୍କ ସ୍ଥାପନ କ୍ଷେତ୍ରରେ କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ସ୍ଥିତିକୁ ସୁଦୃଢ଼ ରଖିବାରେ ସମର୍ଥ ହେବେ।

ଆଜି ଧନୁ ସଂକ୍ରାନ୍ତି, ପହିଲି ଭୋଗ ଆରମ୍ଭ, ଖର ମାସ ଜନିତ ଅଶୁଦ୍ଧ କାଳ ଆରମ୍ଭ, ମାର୍ଗଶିର ଶୁକ୍ଳ ନବମୀ ରବିବାର,ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ମେଷ ରାଶିର ଘାତବାର, ଧନୁ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୩୮ମି. ଗତେ, ଘ୮।୫୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୪୦ମଧ୍ୟେ, ଘ୧।୦୧ମି. ଗତେ ଘ୨।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୪୫ମି. ଗତେ ଘ୫।୦୭ମି. ମଧ୍ୟେ ରାହୁକାଳ।

# ବନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**'ମହାବୀର' ମୃତ୍ୟୁ ଘଟଣା**

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ସାତକୋଶିଆରେ ମହାବଳ ବାଘ 'ମହାବୀର'କୁ ଶିକାରୀ ମାରିଛନ୍ତି। କିନ୍ତୁ ସମ୍ପୃକ୍ତ ଶିକାରୀଙ୍କୁ ନ ଧରି ଓ ଏହାର ଉପଯୁକ୍ତ ତଦନ୍ତ ନ କରି ବନ ବିଭାଗ ଅସୁସ୍ଥତା ଯୋଗୁ ବାଘର ମୃତ୍ୟୁ ହୋଇଥିବା କହିଥିଲା। ତେଣୁ ପ୍ରକୃତ ତଥ୍ୟ ଲୁଚାଇବା ଓ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ଏ ନେଇ ଏନ୍‌ଟିସିଏ ପିସିସିଏଫ୍(ୱାଇଲ୍ଡଲାଇଫ୍)ଙ୍କୁ ଚିଠି ଲେଖିଛନ୍ତି।ଏଥିସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଜଣାଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨୧ରେ କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ମହାବୀରକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ଅଣାଯାଇଥିଲା। ନଭେମ୍ବର ୧୪ରେ ବାଘଟିର ଗଳିତ ମୃତଦେହ ଠାବ କରାଯାଇଥିଲା।




# ଏନ୍‌ସିପିସିଆର୍ ଟିମ୍‌ର ଗଜପତି ଜିଲା ଗସ୍ତ
# ବିଭିନ୍ନ ଶେଲଟର୍ ହୋମ୍‌ରେ ବ୍ୟବସ୍ଥା ଅନୁଧ୍ୟାନ

ପାରଳାଖେମୁଣ୍ଡି, ୧୫।୧୨ (ସ୍ୱ.ପ୍ର.)

ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଏନ୍‌ସିପିସିଆର୍)ର ଏକ ଟିମ୍ ଶନିବାର ଗଜପତି ଜିଲା ଗସ୍ତରେ ଆସି ବିଭିନ୍ନ ଘରୋଇ ଶେଲଟର ହୋମ୍ ଅନୁଧ୍ୟାନ କରିଛନ୍ତି। ଆୟୋଗର ସଦସ୍ୟା ପାୟଲ ଶର୍ମାଙ୍କ ନେତୃତ୍ୱରେ ଆସିଥିବା ଏହି ଦୁଇଜଣିଆ ଟିମ୍‌ରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ସଦସ୍ୟା ବିଦ୍ୟା ଶାଶ୍ୱତୀ ସାମିଲ ଥିଲେ। ସେମାନେ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲା ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିବା ପରେ ବିଭିନ୍ନ ଶେଲଟର ହୋମ୍ ତଥା ଶିଶୁ ହଷ୍ଟେଲ ପରିଦର୍ଶନରେ ଯାଇଥିଲେ। ପ୍ରଥମେ ଗୁମ୍ମା ଓ ପରେ ରାୟଗଡ ବ୍ଲକ ସଦରରେ ଥିବା ଶେଲଟର ହୋମ୍ ପରିଦର୍ଶନ କରିଥିଲେ । ସେହିପରି କିଛିଦିନ ତଳେ ଜିଲା ପ୍ରଶାସନ ପକ୍ଷରୁ ଖାଲି କରାଯାଇଥିବା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ସଂସ୍ଥାର ଶେଲଟର ହୋମ୍ ମଧ୍ୟ ବୁଲି ଦେଖିଥିଲେ । ମୁଖ୍ୟତଃ ଶେଲଟର ହୋମ୍‌ଗୁଡ଼ିକରେ ଶିଶୁଙ୍କ ସୁରକ୍ଷା, ରହଣି, ଖାଦ୍ୟ, ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ଓ କର୍ମଚାରୀମାନଙ୍କ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା ଏବଂ ସଦସ୍ୟା ଅନିତା ମିଶ୍ର ପ୍ରମୁଖ ଗସ୍ତ କରିଥିଲେ।



ଗସ୍ତ ଅବସରରେ ଏନ୍‌ସିପିସିଆର ସଦସ୍ୟା ଦ୍ୱୟଙ୍କ ସହ ଜିଲାର ଅଧିକାରୀମାନେ।

**■ ତିତ୍‌ଲି କ୍ଷତିପୂରଣ**

# ତୁରନ୍ତ ସହାୟତା ଯୋଗାଇବ କେନ୍ଦ୍ର

**■ ମୁଖ୍ୟମନ୍ତ୍ରୀଙ୍କୁ ରାଜନାଥଙ୍କ ପ୍ରତିଶ୍ରୁତି**

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ତିତ୍‌ଲି' ଓ ପରବର୍ତ୍ତୀ ବନ୍ୟାଜନିତ କ୍ଷୟକ୍ଷତିର ଭରଣା ପାଇଁ କେନ୍ଦ୍ର ସରକାର ତୁରନ୍ତ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ପରେ ରାଜନାଥ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ କୁହାଯାଇଛି।

ଓଡ଼ିଶାର ୧୭ଟି ଜିଲାର ୧୨୮ ବ୍ଲକର ପ୍ରାୟ ୬୦.୩୧ ଲକ୍ଷ ଲୋକ 'ତିତ୍‌ଲି' ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପ୍ରାୟ ୨୭୭୯.୩୨ କୋଟି ଟଙ୍କା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଗତ ଅକ୍ଟୋବର ୧୮ ଏବଂ ଡିସେମ୍ବର ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୦୨୩.୧୩ କୋଟି ଟଙ୍କାର ସହାୟତା ରାଶି ମଗାଯାଇଥିଲା। ପ୍ରାଥମିକ ଭାବେ ୧୦୦୦ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶେଲ୍‌ଟର ହୋମ୍‌ରେ ଯୌନ ନିର୍ଯାତନା
# ବିଜେଡି-ଭାଜପା ମୁହାଁମୁହିଁ

**■ ଭାଜପା ସମ୍ବେଦନହୀନ: ବିଜେଡି**
**■ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଖବରଦାତା ସମ୍ମିଳନୀ: ଭାଜପା**

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ଢେଙ୍କାନାଳ ଜିଲା ବେଲଟିକିରି ଶେଲ୍‌ଟର ହୋମ୍ ନାବାଳିକା ଯୌନ ନିର୍ଯାତନା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ବିଜୁ ମହିଳା ଜନତା ଦଳ ଓ ଭାଜପା ମହିଳା ମୋର୍ଚ୍ଚା ଏ ନେଇ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ସରକାର ଘଟଣାକୁ ସମ୍ବେଦନଶୀଳତାର ସହ ନେଇ ଆବଶ୍ୟକ ପଦକ୍ଷେପ ନେଉଥିବା କହିଛି ବିଜେଡି। ସେହିପରି ନିଜର ଦୋଷ ଲୁଚାଇବା ସହ ବିଜେଡି ପ୍ରକୃତ ଦୋଷୀଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଛି ଭାଜପା।

ବିଜୁ ମହିଳା ଜନତା ଦଳ ନେତ୍ରୀ କସ୍ତୁରୀ ମହାପାତ୍ର କହିଛନ୍ତି ଯେ, ଢେଙ୍କାନାଳ ବେଲଟିକିରି ଘଟଣା ଜଣାପଡିବା ପରେ ଆଇନ ଅନୁସାରେ ସମସ୍ତ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଉକ୍ତ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ଚାଲିଥିବା ଶେଲ୍‌ଟର ହୋମ୍‌ଗୁଡିକ ଯାଞ୍ଚ କରାଯାଉଛି। ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା କରିବା ପାଇଁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଥିବା ୧୯ଟି ଶିଶୁ ଗୃହକୁ ୨୦୧୫ରୁ ୨୦୧୮ ମଧ୍ୟରେ ବନ୍ଦ କରାଯାଇଛି। ତେଣୁ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଶେଲ୍‌ଟୋର ହୋମ୍ ସରକାରୀ ଅନୁଦାନ ପାଇନାହିଁ ବୋଲି ମହାପାତ୍ର କହିଛନ୍ତି। ସେହିପରି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଯେଉଁଭଳି ଭାବେ କଡା ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି, ତାହା ଦୁର୍ଭାଗ୍ୟଜନକ। ଏହିସବୁ ଘଟଣାକୁ ରୋକିବା ପାଇଁ କେନ୍ଦ୍ର ପକ୍ଷରୁ ମଧ୍ୟ କୌଣସି ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇନାହିଁ। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏ ସଂକ୍ରାନ୍ତ ଏକ ଗାଇଡ୍‌ଲାଇନ ଗତ ଜାନୁୟାରୀରେ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। ହେଲେ କେନ୍ଦ୍ର ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ ବୋଲି କସ୍ତୁରୀ କହିଛନ୍ତି। ସେହିପରି ଭାଜପା ଶାସିତ ରାଜ୍ୟ ଉତ୍ତର ପ୍ରଦେଶ ଏବଂ ବିହାରରେ ଏଭଳି ଘଟଣା ଅଧିକ ଘଟୁଛି, ତେଣୁ ଭାଜପା ନେତାମାନେ ସମ୍ବେଦନହୀନ ହୋଇ ରାଜନୀତି ନ କରିବାକୁ ବିଜେଡି ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ମିନତି ବେହେରା ଓ କାର୍ଯ୍ୟକାରୀ ସଭାପତି ସୁଲୋଚନା ଦାସ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବିଜେଡି ମହିଳା ନେତ୍ରୀବୃନ୍ଦ।

ବିଜେଡିର ଏଭଳି ଆକ୍ଷେପର ଜବାବ ରଖିଛନ୍ତି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା। ସେ କହିଛନ୍ତି ଯେ, ଶେଲ୍‌ଟର ହୋମ୍‌ଗୁଡିକରେ ଚାଲୁଥିବା ନିର୍ଯାତନା, ଯୌନ ଶୋଷଣ ଏବଂ ଧର୍ମାନ୍ତରୀକରଣକୁ ଘଣ୍ଟ ଘୋଡାଇବା ପାଇଁ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ଏହି ଘଟଣାରେ ଜଣୈକ ଦଳୀୟ ମୁଖପାତ୍ରଙ୍କୁ ଘଣ୍ଟ ଘୋଡାଯାଉଛି। ବିଭାଗୀୟ ମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ପ୍ରଭାତି କହିଛନ୍ତି।

**■ ବିମାନରେ ୩ ମାସର ଶିଶୁ ଅସୁସ୍ଥ**

## ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

ଗୁଆହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନ ୯୦୫ ଶନିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ଏଥିରେ ଯାତ୍ରା କରୁଥିବା ଏକ ୩ ମାସର ଶିଶୁ ହଠାତ୍ ଅସୁସ୍ଥ ହୋଇଯିବାରୁ ବିମାନକୁ ଜରୁରୀ ଅବତରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିକଟରେ ଥିବାରୁ ବିମାନବନ୍ଦରର ଏୟାର ଟ୍ରାଫିକ କଣ୍ଟ୍ରୋଲ ସହିତ ଯୋଗାଯୋଗ କରାଯାଇଥିଲା। ସିଗ୍‌ନାଲ ମିଳିବା ପରେ ସକାଳ ୯ଟା ୨୭ରେ ବିମାନକୁ ଜରୁରୀ ଅବତରଣ କରାଯାଇଥିଲା। ଏହାପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଶିଶୁଟିକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବିମାନଟି ଗୁଆହାଟୀରୁ ସକାଳ ୭ଟା ୭ରେ ଉଡ଼ାଣ କରି ଚେନ୍ନାଇରେ ୧୦ଟା ୩୦ରେ ପହଞ୍ଚିବାର ଥିଲା। କିନ୍ତୁ ଭୁବନେଶ୍ୱରରେ ଜରୁରୀ ଅବତରଣ ଯୋଗୁ ବିମାନଟି ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ଚେନ୍ନାଇରେ ପହଞ୍ଚିଥିଲା।




# ବାସି ମାଂସ ଖାଇ ୯ ଗୁରୁତର

**ଆକ୍ରାନ୍ତଙ୍କ ମଧ୍ୟରେ ୫ ଶିଶୁ**

ପାପଡାହାଣ୍ଡି,୧୫।୧୨ (ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରିଗୁଡା ଗ୍ରାମରେ ଗୁରୁବାର ବାସି ମାଂସ ଖାଇ ୯ ଜଣ ଝାଡାବାନ୍ତିର ଶିକାର ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୫ ଶିଶୁ, ଜଣେ ମହିଳା ଓ ୩ ପୁରୁଷ ରହିଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତମାନେ ହେଲେ ପ୍ରଶାନ୍ତ ଭତ୍ରା (୧୬), ଭୂଜବଳ ଭତ୍ରା (୧୨), ପରେଶ ସୌରା (୧୪), ଗୋବିନ୍ଦ ଗୌଡ (୬୦), କମଲୁ ଗୌଡ (୫୫), ସଞ୍ଜିବ ସୌରା (୪), ବାଲେଶ୍ୱର ସୌରା (୮), ବଳି ଗୌଡ (୧୦) ଓ ଭରତ ସୌରା (୧୦)। ବୁଧବାର ସନ୍ଧ୍ୟାରେ ଗ୍ରାମରେ ପାରମ୍ପାରିକ ଚରୁ ପୂଜା ହୋଇଥିଲା। ଭୋଜି ଲାଗି କୁକୁଡା ମାଂସର ଆୟୋଜନ ହୋଇଥିଲା। ସମସ୍ତେ ଖାଇ ସାରିବା ପରେ ବଳକା ପଡିଥିବା ମାଂସକୁ ଗୁରୁବାର ସେମାନେ ଖାଇଥିଲେ। ପରେ ସମସ୍ତଙ୍କୁ ଝାଡାବାନ୍ତି ହୋଇଥିଲା। ଲୋକମାନେ ପ୍ରଥମେ ଝଡାଫୁଙ୍କା କରି ରହିଥିଲେ। ତେବେ ଆକ୍ରାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ଗ୍ରାମବାସୀ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଥିବା ଡାକ୍ତର କହିଛନ୍ତି।

# ଓଡ଼ିଶା ମହୋତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ,୧୫।୧୨

ଗଞ୍ଜାମ ଜିଲାରୁ ସୁରଟ ମୁହାଁ ହେଉଛନ୍ତି ମନ୍ତ୍ରୀ, ବିଧାୟକ ଏବଂ ବିଜେଡି କର୍ମୀ ଓ ନେତା। ଆସନ୍ତା ୧୭ ତାରିଖରେ ସେଠାରେ ହେବ ଓଡ଼ିଶା ମହୋତ୍ସବ। ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଠାରେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧିତ କରିବେ।

ସୂଚନାଯୋଗ୍ୟ, ସୁରଟରେ କାର୍ଯ୍ୟରତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଆଙ୍କ ମଧ୍ୟରୁ ଅଧିକାଂଶ ଗଞ୍ଜାମ ଜିଲାର। ସେମାନଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ କରିବା ଲକ୍ଷ୍ୟ ରହିଛି। ତେଣୁ ଗତ ୩ ମାସ ମଧ୍ୟରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ଜିଲା ଯୁବ ବିଜେଡି ସଭାପତି ଏନ. ଧନଞ୍ଜୟ ରାଓ ବହୁବାର ସୁରଟ ଯାଇ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ସଂଗଠିତ କରିଛନ୍ତି।

ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ, ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରିୟାଂଶୁ ପ୍ରଧାନ, ନନ୍ଦିନୀ ଦେବୀ ଓ ଦେବରାଜ ମହାନ୍ତି ପ୍ରମୁଖ ପହଞ୍ଚିଛନ୍ତି। ରବିବାର ମନ୍ତ୍ରୀ ବିକ୍ରମ ଆରୁଖ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସୁରଟ ପ୍ରବାସୀ ଓଡ଼ିଆ ସମାଜ ପକ୍ଷରୁ ଚଳିତବର୍ଷ ପ୍ରଥମ କରି ଓଡ଼ିଶା ମହୋତ୍ସବ ଆୟୋଜନ କରୁଥିବା କୁହାଯାଇଥିଲେ ମଧ୍ୟ ୨୦୧୯ ସାଧାରଣ ନିର୍ବାଚନକୁ ନଜର ରଖି ବିଜେଡି ପ୍ରାୟୋଜିତ କରୁଛି। ସେଠାର ଓଡ଼ିଆ ଶ୍ରମିକଙ୍କ ଭୋଟର ତାଲିକା ଗଞ୍ଜାମ ଜିଲାରେ ମଧ୍ୟ ରହିଛି। ମହୋତ୍ସବରେ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି।






# ହାଇକମାଣ୍ଡ



ଆକାର ପଟେଲ

ଯେତେବେଳେ ମୋତେ ୧୮ ବର୍ଷ ହେଲା ଓ ଭୋଟ ଦେବାର ଅଧିକାର ପ୍ରାପ୍ତ ହେଲି, ସେତେବେଳେ ସୁରତରୁ ପାର୍ଲାମେଣ୍ଟ ସଦସ୍ୟ ଥିଲେ ଭାଜପାର କାଶୀରାମ ରାଣା। ମୋତେ ୪୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ସୁରତର ଏମ୍‌ପି ଥିଲେ। ତୃଣମୂଳସ୍ତରରୁ ସେ ଜଣେ ଲୋକପ୍ରିୟ ନେତା ଥିଲେ, ଛଅଥର ଜିତିଥିଲେ ଏବଂ କେବେ ବି ହାରି ନ ଥିଲେ। ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟ୍‌ରେ ସେ ଜଣେ ମନ୍ତ୍ରୀ ମଧ୍ୟ ଥିଲେ। ବିନା କାରଣରେ ୨୦୦୮ରେ ତାଙ୍କୁ ଟିକେଟ୍‌ରୁ ବଞ୍ଚିତ କରାଗଲା ଏବଂ ତା'ର କିଛିବର୍ଷ ପରେ ତାଙ୍କର ମୃତ୍ୟୁ ଘଟିଲା। ତାଙ୍କ ବିଷୟରେ ଏଠାରେ ଉଲ୍ଲେଖ କରିବାର କାରଣ ଟିକିଏ ପରେ କହିବି।

ଯେଉଁଦିନ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭୋଟ ଗଣତି ହେଲା, ତାହା କଂଗ୍ରେସ ପାଇଁ ଏକ ସୁଦିନ ଥିଲା। ଠିକ୍ ତା' ପରଦିନ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ଯଥାଶୀଘ୍ର ନିରୁପିତ ହୋଇ ନ ପାରିବାରୁ ଏହା କଂଗ୍ରେସ ପାଇଁ ଗଣମାଧ୍ୟମରେ ସମାଲୋଚନାର ଖୋରାକ ଯୋଗାଇଲା। ଦଳ ପକ୍ଷରୁ ସଫେଇ ଦିଆଗଲା ଯେ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ଭାଜପା କ୍ଷେତ୍ରରେ ତାହା ହିଁ ଘଟିଥିଲା, ତେଣୁ ଏହା କିଛି ନୂଆ କଥା ନୁହେଁ। କିନ୍ତୁ ଅନେକ ଲୋକ ଏହାକୁ ଅସ୍ୱାଭାବିକ ମନେକରିଛନ୍ତି।

ପ୍ରଥମତଃ ଆମେ ଜାଣୁ ଯେ କଂଗ୍ରେସର ଜଣେ ହାଇକମାଣ୍ଡ ଅଛନ୍ତି। ଏଠାରେ ହାଇକମାଣ୍ଡ କହିଲେ ଗାନ୍ଧୀ ପରିବାରର ମାଆ ଓ ପୁଅଙ୍କୁ ବୁଝାଏ, ଯେଉଁମାନେ ଦଳକୁ ନିୟନ୍ତ୍ରିତ କରନ୍ତି। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦିନକ ପରେ ଜଣାଗଲା ଯେ, ଏହି ହାଇକମାଣ୍ଡ ସର୍ବମୟ କର୍ତ୍ତା ନୁହନ୍ତି। ଯଦି ତାହା ହୋଇଥାନ୍ତା, ତେବେ ରାହୁଲ ଗାନ୍ଧୀ ତୁରନ୍ତ ନେତା ବାଛିଦେଇଥାନ୍ତେ ଏବଂ ଏ ପ୍ରସଙ୍ଗ ସେଇଠି ସରିଥାନ୍ତା। ତେଣୁ ମନେହେଲା ଯେମିତିକି ହାଇକମାଣ୍ଡଙ୍କର ସେତିକି କ୍ଷମତା ନାହିଁ। ତେବେ ଏହା ଏକ ଖରାପ କଥା ନୁହେଁ। କାରଣ ଏଥିରୁ ଜଣାପଡୁଛି, ଦଳ ଭିତରେ ଗଣତନ୍ତ୍ର ବୋଲି କିଛି ଅଛି ଏବଂ କଂଗ୍ରେସରେ ଗଣତନ୍ତ୍ର ନାହିଁ ବୋଲି ଯାହା କୁହାଯାଏ, ତାହା ଠିକ୍ ନୁହେଁ।

ଏହା ସହ ଯେପରି ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ, ହରିୟାଣାରେ ଏମ୍.ଏଲ୍. ଖଟ୍ଟର ଓ ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ବିନା ଜନଅସନ୍ତୋଷରେ ମୁଖ୍ୟମନ୍ତ୍ରୀ ଭାବେ ବଛାଗଲା, ତାହାର ତୁଳନା କରନ୍ତୁ। ଏହିସବୁ ରାଜ୍ୟରେ ଦଳକୁ ଗଢ଼ିଥିବା ଦଳର ଅନେକ ପୁରୁଖା ନେତାଙ୍କୁ ଉପେକ୍ଷା କରି ଏମାନଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା, ଅଥଚ ସମସ୍ତେ ଏହାକୁ ମାନିନେବାକୁ ବାଧ୍ୟ ହେଲେ। କାଶୀରାମ ରାଣାଙ୍କ କ୍ଷେତ୍ରରେ ବି ତାହା ହିଁ ଘଟିଥିଲା, ଯାହାଙ୍କୁ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଥିବା ନରେନ୍ଦ୍ର ମୋଦି ଟିକେଟ୍ ଦେଲେ ନାହିଁ। ତେଣୁ ଏଥିରୁ ଜଣାପଡୁଛି ଯେ ଭାଜପାରେ ବି ହାଇକମାଣ୍ଡ ଅଛନ୍ତି, ଯିଏ ତାଙ୍କ ନିର୍ଦ୍ଦେଶକୁ ତଳ ସ୍ତରର ନେତାଙ୍କ ଉପରେ ଚାପିଦିଅନ୍ତି। ଆମେ କଂଗ୍ରେସକୁ ଏକଛତ୍ରବାଦୀ ଦଳ ବୋଲି କହୁ କାରଣ ଏହା ବଂଶାନୁକ୍ରମିକ। ମୁଁ ଏହାକୁ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ବୋଲି କୁହେ, ଯେଉଁଠି ଗୋଟିଏ ପରିବାର ହାତରେ ସମସ୍ତ ଅଂଶଧନ ରହିଛି। ଅନ୍ୟ ପକ୍ଷରେ ଭାଜପା ହେଉଛି ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ଅଂଶଧନ ଜଣଙ୍କ ପାଖରେ ଠୁଳ ହୋଇ ନାହିଁ।

ନିକଟରେ ଘଟିଥିବା ଘଟଣାରୁ ସ୍ପଷ୍ଟ ଯେ, କଂଗ୍ରେସର 'ହାଇକମାଣ୍ଡ' ସମ୍ପର୍କରେ ଆମେ ଯାହା ଭାବୁଛୁ ତାହା ଠିକ୍ ହୋଇ ନ ପାରେ। ସମର୍ଥକମାନେ ତାଙ୍କ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ଜୋରଦାର ଦାବି କରିବାର ଦୃଶ୍ୟ ଟିଭି ପରଦାରେ ଦେଖାଗଲା ବେଳେ ହାଇକମାଣ୍ଡଙ୍କ ନିଷ୍ପତ୍ତି ନେବା ତଥାପି ଶେଷ ହେଉ ନ ଥାଏ। ରାଜସ୍ଥାନରେ ଏହାକୁ ନେଇ ସମର୍ଥକମାନଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଲା। ଏଥିରୁ ଜଣାଗଲା ଯେ କଂଗ୍ରେସରେ ପୂର୍ଣ୍ଣ ଏକାଧିପତ୍ୟ ବୋଲି କିଛି ନାହିଁ। ରାଜସ୍ଥାନରୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଆଲୋଚନା ପାଇଁ ଦିଲ୍ଲୀ ଡକାଗଲା। ସେମାନଙ୍କୁ କୁହାଗଲା, ଫେରିଯାଅ ; ପୁଣି ବାଟ ମଝିରୁ କୁହାଗଲା, ଫେରିଆସ। ଏଥିରୁ କ'ଣ ବୁଝାପଡୁଛି ? ସମ୍ଭବତଃ ହାଇକମାଣ୍ଡଙ୍କ ପାଇଁ ନିଷ୍ପତ୍ତି ନେବା କଷ୍ଟକର ଥିଲା କିମ୍ବା ତାଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ କି ନାହିଁ ସେ ନେଇ ସେ ସନ୍ଦିହାନ ଥିଲେ। ବୈଠକରେ ସୋନିଆ ଓ ପ୍ରିୟଙ୍କାଙ୍କ ଉପସ୍ଥିତି (ଯାହା ଗଣମାଧ୍ୟମରେ ପ୍ରକାଶ ପାଇଛି)ରୁ ସୂଚନା ମିଳୁଛି ଯେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସେମାନଙ୍କ ସାହାଯ୍ୟ ଚାହୁଁଥିଲେ। ସେ ଏକା ନିଷ୍ପତ୍ତି ନେବାକୁ ଅସମର୍ଥ ଥିଲେ। ଏଥିରୁ ଜଣାପଡୁଛି ଯେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ଯେଉଁ ବିଜୟ ଘଟିଲା, ତାହା ଦିଲ୍ଲୀ ନେତୃତ୍ୱ ଉପରେ ନିର୍ଭରଶୀଳ ନ ଥିଲା।

ଏହା ହେଉଛି ଦୁଇ ଜାତୀୟ ଦଳ ଭିତରେ ଥିବା ପ୍ରଭେଦ। ଗୋଟିଏ ପଟେ ଭାଜପା ଧରିନେଇଛି ଯେ, ଦଳ ଜିତିବା ପାଇଁ ମୋଦିଙ୍କ ଅବଦାନ ସବୁଠୁ ଅଧିକ। ତେଣୁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେବାରେ ତାଙ୍କର ଏକାଧିପତ୍ୟକୁ ସମସ୍ତେ ମାନିନେବା ଉଚିତ। ଅପରପକ୍ଷେ ରାହୁଲ ଗାନ୍ଧୀ ଯେଉଁ ଆଭିମୁଖ୍ୟ ଗ୍ରହଣ କଲେ ବା ଗ୍ରହଣ କରିବାକୁ ବାଧ୍ୟ ହେଲେ, ତାହା ତାଙ୍କ ପିତାଙ୍କଠାରୁ ଅଲଗା ଥିଲା। ରାଜୀବ ଗାନ୍ଧୀ ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅସନ୍ତୁଷ୍ଟମାନଙ୍କ ପ୍ରତି ଧମକପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ। କିନ୍ତୁ ରାହୁଲ ଗାନ୍ଧୀଙ୍କ ଧରଣ ଟିକେ ଅଲଗା। କୁହାଯାଉଛି ଯେ ରାହୁଲ ଚାହୁଁଥିଲେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଯଥାକ୍ରମେ ସଚିନ ପାଇଲଟ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ପରି ଯୁବ ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ। କିନ୍ତୁ ସେ ନିଜ ଇଚ୍ଛା ଅନୁଯାୟୀ ନିଷ୍ପତ୍ତି ନେଇପାରିଲେ ନାହିଁ। ଏଥିରୁ କଂଗ୍ରେସର ନେତୃତ୍ୱ, ଏହାର ଗଠନ ଓ ଏହାର ସୀମାବଦ୍ଧତା ବିଷୟରେ ଅନେକ କିଛି ଜାଣିହେଉଛି, ଯାହା ପୂର୍ବୋକ୍ତ 'ହାଇକମାଣ୍ଡ' ତତ୍ତ୍ୱଠାରୁ ଅଲଗା।

Email: aakar.patel@gmail.com

# ମଣିଷରୁ ଅମଣିଷ



## ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ନିଜର ସକଳ ସୃଷ୍ଟି ମଧ୍ୟରେ କେବଳ ମଣିଷ ଭିତରେ ଦିବ୍ୟ ଚେତନା ସଞ୍ଚାର କରି ସେ ଦିନ ସ୍ରଷ୍ଟା ବେଶ୍ ସନ୍ତୋଷ ପ୍ରକାଶ କରିଥିଲେ। ସେ ଦିନରୁ ଏ ଯାଏ ସମଗ୍ର ପ୍ରାଣିଜଗତ ମଧ୍ୟରେ ମଣିଷ ନିଜ ବୌଦ୍ଧିକ ବିକାଶ ତଥା ଚେତନାର ପରିପକ୍ୱ ପରିସ୍ଫୁଟନ ପାଇଁ ଶ୍ରେଷ୍ଠଜୀବ ଭାବେ ପରିଗଣିତ ହୋଇଆସୁଛି। ନିଜ ବୋଧଶକ୍ତି ମାଧ୍ୟମରେ ଅତୀତର ମଧୁର ସ୍ମୃତି ରୋମନ୍ଥନ କରି ରୋମାଞ୍ଚିତ ହେଉଛି ତ ଭବିଷ୍ୟତର ଅନାଗତ ଆଶଙ୍କାରେ ବି ଆତଙ୍କିତ ହେଉଛି। ଅଶ୍ରୁଳ ଅତୀତକୁ ମନେପକାଇ ନୀରବରେ ବାହୁନୁଛି ତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ମୁଗ୍ଧବିଭୋର ଅନୁଭବରେ ଜଡସଡ ହେଉଛି। ପୁଣି କେତେବେଳେ ଦାନବ ସାଜି ଅନ୍ୟ ତୁଣ୍ଡରୁ ଦାନା ଛଡାଉଛି ତ ଅନ୍ୟବେଳେ ଦେବତା ହୋଇ ଅନାଥର ନାଥ ହେଉଛି। ନିଜର ବଳିଦାନ ଦେଇ ଅନ୍ୟର ଜୀବନ ବଞ୍ଚାଉଛି ତ ନିଜେ ବଞ୍ଚିବା ପାଇଁ ନିର୍ବିକାରରେ ଅନ୍ୟର ଜୀବନ ନେଉଛି।

ବଡ଼ ବିଚିତ୍ର ଏଇ ମଣିଷର ଚରିତ୍ର। ପରସ୍ପର ବିପରୀତମୁଖୀ ବହୁବିଧ ଗୁଣ ଅବିଗୁଣର ଏକ ଅଦ୍ଭୁତ ସଂଯୋଗ କେବଳ ତା' ପାଖରେ ହିଁ ସମ୍ଭବ। ସେ ରାମ ହୋଇପାରେ, ରାବଣ ବି। ଯେତେବେଳେ ତା' ଆଖି ଦିଓଟିରୁ ସମଗ୍ର ଜଗତକୁ ନିଜର କରିନେବା ପାଇଁ ଏକ ଅବ୍ୟକ୍ତ ଅଙ୍ଗୀକାର ପ୍ରକାଶ ପାଉଥାଏ, ସେତେବେଳେ ଲାଗୁଥାଏ ସତେ ଯେମିତି ସେ ଈଶ୍ୱରୀୟ ଆତ୍ମାର ଏକ ଅମର ଅବତାର। ଅଥଚ ସେଇ ଆଖିରୁ ବି ନିଆଁ ଝରିପାରେ, ମୁହଁରୁ ଶୁଭିପାରେ ପ୍ରଳୟର ପ୍ରଳାପ। କାହିଁକି ଏପରି ହୁଏ, ପ୍ରତ୍ୟେକ ମଣିଷ ତ ଜନ୍ମ ମୁହୂର୍ତ୍ତରେ ଜଣେ ଜଣେ ଦେବଶିଶୁ। ଶୁଦ୍ଧ, ପବିତ୍ର, ସୁନ୍ଦର ଓ ପ୍ରଶାନ୍ତ। ଅଥଚ ବଡ଼ ହୋଇ ସେ ମଣିଷରୁ ଅମଣିଷ, ଦେବତାରୁ ଦାନବ ପାଲଟିଯାଏ କେମିତି ?

ପ୍ରଖ୍ୟାତ ଇଂଲିଶ୍ କଥାକାର ଓ. ହେନେରୀଙ୍କ ଏକ ସୁନ୍ଦର ଗଳ୍ପ ଏ ପ୍ରସଙ୍ଗରେ ପ୍ରଣିଧାନଯୋଗ୍ୟ। ଜଣେ ବିଶିଷ୍ଟ ଚିତ୍ରକର ଶାନ୍ତି, ମୈତ୍ରୀ, ସ୍ନେହ, ପ୍ରେମ, ବିଶ୍ୱାସ ଓ ସରଳପଣର ଏକ ପ୍ରତିଛବି ଆଙ୍କିବାକୁ ଏକ ବିଦ୍ୟାଳୟରେ ପହଞ୍ଚିଲେ। ତାଙ୍କର ବିଚାର ଥିଲା, ବିଦ୍ୟାଳୟର ନିଷ୍ପାପ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏମିତି ଜଣେ ଥିବେ, ଯିଏ ହୋଇଥିବେ ଦେବଶିଶୁ, ଯାହାଙ୍କଠାରେ ଫୁଟିଉଠୁଥିବ ଈଶ୍ୱରସୁଲଭ ସ୍ୱର୍ଗୀୟ ଗୁଣରାଜି। ସେମିତି ଜଣେ ମିଳିଗଲା ପରେ ସେ ମନଧ୍ୟାନ ଦେଇ ତା'ର ଚିତ୍ର ଆଙ୍କିଲେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଦେଇଥିଲା ଶ୍ରେଷ୍ଠ ଚିତ୍ରକରର ପ୍ରସିଦ୍ଧି। ଏ ଘଟଣାର ବହୁ ବର୍ଷ ପରେ ଗୋଟିଏ ମଣିଷରୂପୀ ସଇତାନର ଚିତ୍ର ଆଙ୍କିବା ପାଇଁ ମନସ୍ଥ କରି ସେ ଏକ କାରାଗାରରେ ପହଞ୍ଚିଲେ। ଜଘନ୍ୟ ଅପରାଧ ଘଟାଇ କାରାକକ୍ଷରେ କାଳାତିପାତ କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ମଧ୍ୟରୁ ସାତଜଣଙ୍କୁ ହତ୍ୟା କରିଥିବା ସବୁଠୁ ଭୟଙ୍କର ଅପରାଧୀଙ୍କୁ ମନାଇ ସେ ତା'ର ଚିତ୍ର ଆଙ୍କିଲେ। ରଙ୍ଗ ତୂଳୀର କାରିଗରି ମଧ୍ୟରୁ ଜନ୍ମ ନେଲା ଏକ ସଇତାନର ଚିତ୍ରପଟ। ଚିତ୍ରକର ଖୁସି ହୋଇଉଠିଲେ ଓ ସଜା କାଟୁଥିବା ଅପରାଧୀଟି ହାତରେ ତା'ର ପାରିଶ୍ରମିକ ବାବଦକୁ କିଛି ଅର୍ଥ ଧରାଇଦେଲେ। କଏଦୀ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲା ତିରିଶବର୍ଷ ତଳେ ଏକଦା ବିଦ୍ୟାଳୟରେ ମୋର ଚିତ୍ର ଆଙ୍କିଥିଲା ବେଳେ ମୋତେ ତ ଆପଣ ପଇସାଟିଏ ବି ଦେଇ ନ ଥିଲେ, ଆଜି କାହିଁକି ? ଚିତ୍ରକରଙ୍କୁ ଆକାଶରୁ ପଡିଲା ପରି ଲାଗିଲା। ତାଙ୍କୁ ବୁଝିବାକୁ ବିଳମ୍ବ ହେଲା ନାହିଁ ଯେ, ଆଜିର ଏ ସଇତାନଟି ହେଉଛି ସେ ଦିନର ସେଇ ଦେବଶିଶୁ।

ହେନେରୀଙ୍କ ଗଳ୍ପର ଏଇ ଦେବଶିଶୁକୁ ସଇତାନ କଲା କିଏ ? ଶୈଶବର ସଂସ୍କାର ମଧ୍ୟରେ ମଣିଷ ହୋଇ ଗଢିଉଠୁଥିବା ଶିଶୁଟି ବଡ଼ ହୋଇ ଅମଣିଷ ପାଲଟିଯାଏ କେମିତି ? ଦେବସୁଲଭ ଗୁଣରାଜିର ଏକ ମାନବ ବିଗ୍ରହ ଯେଉଁ ସମାଜରେ ବାସ କରେ, ତାହାର ପାରିପାର୍ଶ୍ୱିକ ପରିବେଷ୍ଟନୀ ତା' ପାଇଁ ବେଳେ ବେଳେ ଏମିତି ଦୁର୍ଭାଗ୍ୟ ସୃଷ୍ଟିକରେ ଯେ ସେ ଦିଗହରା ହୋଇବସେ। ସ୍ନେହ, ଶ୍ରଦ୍ଧା, ସଦିଚ୍ଛା, ସମ୍ବେଦନା ଆଦି ସଦ୍‌ଗୁଣ ବଦଳରେ ତା' ଭିତରେ ଅଙ୍କୁରିତ ହୁଏ ଈର୍ଷା, ଦ୍ୱେଷ ଓ ଘୃଣା। ଉଭେଇଯାଏ ତା' ମଧ୍ୟରୁ ସଂସ୍କାର ଓ ସଦାଚାର। ସେ ଆସ୍ତେ ଆସ୍ତେ ମାନବରୁ ଦାନବରେ ରୂପାନ୍ତରିତ ହୋଇଯାଏ।

ଆମ ରାଜ୍ୟର ଏକ ପ୍ରମୁଖ ସହରରେ ପ୍ରାୟ ଦୁଇବର୍ଷ ତଳେ ଘଟିଥିବା ଏକ ଘଟଣାଟିକୁ ଲକ୍ଷ୍ୟ କରାଯାଉ। ବି.ଏ. ପାସ୍ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଜଣେ ଯୁବକ ନିଜ ସାନ ଭଉଣୀଙ୍କୁ ଧରି ସହରର ରାସ୍ତା ଉପରେ ଯାଉଥିଲା ବେଳେ ଦଳେ ଅସାମାଜିକ ଯୁବକ କମେଣ୍ଟ ମାରିଲେ। ସେମାନଙ୍କ ଅସଭ୍ୟ ଇଙ୍ଗିତ ଓ ଅଶାଳୀନ ମନ୍ତବ୍ୟର ପ୍ରତିବାଦ କଲେ ଯୁବକ। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ରାସ୍ତାକଡର ରୋମିଓମାନେ ତାଙ୍କୁ ମାଡମାରି ରକ୍ତାକ୍ତ କରିଦେଲେ। ଆଇନର ଶାସନ ପ୍ରତି ଶ୍ରଦ୍ଧାଶୀଳ ସେଇ ଯୁବକ ନିଜ ରକ୍ତାକ୍ତ ଶରୀର ନେଇ ଭଉଣୀ ସାଙ୍ଗରେ ଥାନାକୁ ଗଲେ ଓ ଆକ୍ରମଣକାରୀଙ୍କ ବିରୋଧରେ ରିପୋର୍ଟ ଲେଖାଇଲେ। ସେ ଆଶା କରୁଥିଲେ, ଥାନାଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଓ ସେଇ ସମାଜବିରୋଧୀ ଯୁବକମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବେ। ମାତ୍ର ସାତଦିନ ବିତିଗଲେ ବି ସେଇ ଦୁର୍ଦ୍ଦାନ୍ତ ଯୁବକମାନଙ୍କୁ ରାସ୍ତା ଉପରେ ଛାତି ଫୁଲାଇ ବୁଲୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲେ। ସେ ଥାନାକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ଯାହା ଉତ୍ତର ମିଳିଲା, ତାହା ସେଇ ଦୁର୍ଦ୍ଦାନ୍ତମାନଙ୍କ ବ୍ୟବହାରଠୁ ବି ବଳିଗଲା। ତାଙ୍କୁ ଲାଗିଲା ଦ୍ୱିତୀୟଥର ପାଇଁ ତାଙ୍କ ଭଉଣୀଙ୍କ ଉପରେ ଯେମିତି ଅସଭ୍ୟତାର ଚାବୁକ ମାଡ ହେଉଛି। ତାହା ପୁଣି ଆଇନର ରକ୍ଷାକର୍ତ୍ତାଙ୍କ ଦ୍ୱାରା। କେବଳ ଏତିକି ନୁହେଁ, ପୋଲିସକୁ ପ୍ରଶ୍ନ ପଚାରିବାର ଦୁଃସାହସ ପାଇଁ ଥାନାରେ ବସିବାକୁ ପଡିଲା ଆଠଘଣ୍ଟା।

ଏ ଘଟଣାର ପରବର୍ତ୍ତୀ ଅଧ୍ୟାୟ ଅନୁଲ୍ଲେଖିତ ରହିବା ସର୍ବାଦୌ ବାଞ୍ଛନୀୟ। ତଥାପି କଥାଟିକୁ ସ୍ୱୟଂସମ୍ପୂର୍ଣ୍ଣ କରିବାକୁ ଯାଇ ଏତିକି କହିଲେ ଯଥେଷ୍ଟ ହେବ ଯେ ପୂର୍ବବର୍ତ୍ତୀ ଘଟଣାର ପ୍ରାୟ ଦୁଇମାସ ପରେ ସେହି ସହରରେ ଜନ୍ମନେଲା ଆଉ ଜଣେ ଅସାମାଜିକ ଯୁବକ, ଯିଏ ତା'ର ଅସାମାଜିକତାରେ ପୂର୍ବର ସମସ୍ତ ରେକର୍ଡ ଭଙ୍ଗକରି ସେଇ ଅସତ୍ୟ ସହରର ଅନ୍ଧାରି ଇତିହାସରେ ଯୋଗ କଲା ଆଉ ଏକ କଳା ଅଧ୍ୟାୟ। କାଲି ଯାଏ ଶାନ୍ତ, ଶିଷ୍ଟ, ନମ୍ର ଓ ଭଦ୍ର ଭାବେ ସମାଜର ଶ୍ରଦ୍ଧାଭାଜନ ହୋଇଥିବା ଜଣେ ଉଚ୍ଚାକାଙ୍କ୍ଷୀ ଯୁବକ ଆଜି ହଠାତ୍ ଅଶାନ୍ତ, ଅସ୍ପୃଶ୍ୟ ଓ ଉଦଣ୍ଡ ଅସାମାଜିକ ଜୀବଟିରେ ପରିଣତ ହୋଇଗଲା।

ଉଦ୍ଦାମ ଯୁବଶକ୍ତିର ବିଶୃଙ୍ଖଳିତ ଅଭ୍ୟୁତ୍ଥାନ ବର୍ତ୍ତମାନ ବୋଧହୁଏ ଆମ ସାମାଜିକ ଜୀବନ ପାଇଁ ସବୁଠୁଁ ବିପଜ୍ଜନକ ଆହ୍ୱାନ। ସକଳ ପ୍ରକାର ନୈତିକତା ଓ ସାମାଜିକତାକୁ ପ୍ରତିହତ କରି ଏମାନେ ନିଜ ଶକ୍ତି ବିନିମୟରେ ସମାଜକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତି। ଅଙ୍କୁଶବିହୀନ ଜୀବନଯାପନ କରି ଏମାନେ ପ୍ରତିକ୍ଷଣ ସୁସ୍ଥ ସାମାଜିକ ପରମ୍ପରା ଉପରେ ହାତୁଡି ପିଟି ଚାଲନ୍ତି। ହାତରେ ଛୁରି, ଭୁଜାଲି, ବମ୍, ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରୁଥିବା ଏହି ଯୁବକମାନଙ୍କ ପାଶବିକ ଆଚରଣ ଉପରେ ଲଗାମ ଲଗାଇବାକୁ ନା ତାଙ୍କ ପରିବାରର ସାମର୍ଥ୍ୟ ଥାଏ ନା ଆଇନର! ଅତଏବ ଏମାନେ ପାଲଟିଯାନ୍ତି ସମାଜର ଅଶୁଭ ସଂକେତ, ଯେମିତି ଅଦମ୍ୟ, ସେମିତି ଅପ୍ରତିହତ।

ଏମାନଙ୍କୁ ଦୋଷ ଦେବା ପୂର୍ବରୁ କେଉଁ ପରିସ୍ଥିତିରେ ପଡି ଏମାନେ ମଣିଷରୁ ଅମଣିଷ ହେଲେ, ସେ ସମ୍ପର୍କରେ ଆମ ସମାଜପତିମାନେ କେବେ ଚିନ୍ତା କରିଛନ୍ତି କି? ଇଞ୍ଜିନିୟରିଂ ପଢିବାକୁ ଯାଇଥିବା ଜଣେ ମେଧାବୀ ଛାତ୍ର ତା' ବାପାମା' ଏବଂ ଜ୍ଞାତିପରିଜନମାନଙ୍କ ଆଖିରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଖେଳାଇଥାଏ। ଅଥଚ ମାସ କେଇଟା ଯାଇ ନ ଥିବ, ର୍‍ୟାଗିଂ ନାମକ ଏକ ଉଦଣ୍ଡ ରାକ୍ଷସର ସାମନା କରି ନ ପାରି ସେ ପଢ଼ା ଛାଡି ଫେରି ଆସିବ। ଏକ ସମ୍ଭାବନାର ଅପମୃତ୍ୟୁ ଘଟାଇ ପାଲଟିଯିବ ଏକ ଭୟଙ୍କର ରାକ୍ଷସ। ତା' ବୟସର ଅନ୍ୟ ଯୁବକମାନେ କିଛି ଗଢିବାର ଶପଥ ନେଇ ଜୀବନ ନିର୍ମାଣରେ ଆଗେଇ ଯାଉଥିଲା ବେଳେ ସେ କିନ୍ତୁ ନିଜ ଚାରିପଟର ଦୁନିଆକୁ ଭାଙ୍ଗିରୁଜି ଧ୍ୱଂସ କରିଦେବାକୁ ତତ୍ପର ହୋଇଉଠିବ। କାହିଁକି ଘଟେ ଏପରି ବିଘଟନ? ଏମାନେ କ'ଣ ଜନ୍ମ ସମୟରୁ ନିଜ ଲଲାଟରେ ଅଶୁଭ ପୁତ୍ରର ସଙ୍କେତ ବହନ କରି ପୃଥିବୀକୁ ଆସିଥାନ୍ତି ନା ଅନ୍ୟ କେହି ଅଦୃଶ୍ୟ ଆତତାୟୀ ଏମାନଙ୍କୁ ଅନ୍ଧାରି ଗହ୍ୱରକୁ ନିକ୍ଷେପ କରିଦିଅନ୍ତି?

ସକଳ ପ୍ରକାର ଅସଦାଚାରରେ ବ୍ରତୀ ଥିବା ଭୟଙ୍କର ଅସାମାଜିକ ଯୁବକଟି ତା'ର ନିଃସଙ୍ଗ ମୁହୂର୍ତ୍ତରେ କେବେ କ'ଣ ଭାବୁ ନ ଥିବ ତା' ଜୀବନଯାତ୍ରାର ଶେଷ ପରିଣତି ସମ୍ପର୍କରେ। ଅନାଚାରରେ ବ୍ୟାପୃତ ତା' ଜୀବନ ସମାଜ ପାଇଁ ଯେ ଏକ ଅଭିଶପ୍ତ ଆଇନା, ଏକଥା କ'ଣ ସେ ନିଜକୁ ନିଜେ ବୁଝାଉ ନ ଥିବ? ସଦାଚାରର ସ୍ୱାଦ ସର୍ବଦା ଅମୃତମୟ। ମଣିଷ ଯଦି ଥରେ ଜାଣନ୍ତା ଯେ ଭଲ କାମରେ କେତେ ଆନନ୍ଦ, ତା' ହେଲେ ଖରାପ କାମ କରି ଅମଣିଷ ବୋଲାଇବାକୁ ସେ ମନ ବଳାନ୍ତା ନାହିଁ। ଅନ୍ୟାୟ, ଅନାଚାରର ବିଷ ପିଆଇ ଯେଉଁ ସମାଜ ଦିନେ ଜଣକୁ ବିଷାକ୍ତ କରି ଦେଇଥିଲା, ତାକୁ ଆଉ ଥରେ ଅମୃତର ଦୁନିଆକୁ ଫେରାଇ ଆଣିବା ଯେ ସମାଜର ଦାୟିତ୍ୱ, ଏ କଥା ଆମ ସମାଜପତିମାନେ କେବେ ବୁଝିବେ କେଜାଣି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ସାମ୍ବାଦିକରୁ ସାହିତ୍ୟିକ

## ବ୍ୟକ୍ତିତ୍ୱ



ଅମିତାଭ ଘୋଷ

ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଭାରତୀୟ ଜ୍ଞାନପୀଠ ପକ୍ଷରୁ ପ୍ରତିବର୍ଷ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଆସୁଛି। ୧୯୬୧ ମସିହାଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଚଳିତଥର ଇଂଲିଶ୍ ଭାଷାରେ ପ୍ରଥମ ଥର ପାଇଁ ଅମିତାଭ ଘୋଷଙ୍କ ନାମ ଘୋଷଣା ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟକୃତି ଚର୍ଚ୍ଚାକୁ ଆସିଛି।

ଅମିତାଭ ୧୧ ଜୁଲାଇ, ୧୯୫୬ରେ ପଶ୍ଚିମବଙ୍ଗର କଲିକତା (ବର୍ତ୍ତମାନ କୋଲକାତା)ରେ ଜନ୍ମଗ୍ରହଣ କରିଥିଲେ। ଡୁନ୍ ସ୍କୁଲରେ ପଢୁଥିବା ବେଳେ ତାଙ୍କ ଛାତ୍ରଜୀବନ ସୃଜନମନସ୍କ ହୋଇଥିଲା। ସେତେବେଳେ ତାଙ୍କ ସହପାଠୀ ଭାବେ ବିଶିଷ୍ଟ ଲେଖକ ବିକ୍ରମ ସେଠ୍ ଏବଂ ରାମଚନ୍ଦ୍ର ଗୁହା ଥିଲେ। ଅମିତାଭ ଡୁନ୍ ସ୍କୁଲରୁ ପଢ଼ା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜ ଓ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ଛାତ୍ରାବସ୍ଥାରେ ସେ ଅତ୍ୟନ୍ତ ମେଧାବୀ ଥିବାରୁ ଡି.ଫିଲ୍. ପାଇଁ ସେ ଇନ୍‌ଲାକ୍ସ ଫାଉଣ୍ଡେଶନ ସ୍କଲାରଶିପ୍ ପାଇଥିଲେ। ଫଳରେ ସେ ଅକ୍ସଫୋର୍ଡର ସେଣ୍ଟ ଏଡ୍‌ମଣ୍ଡ ହଲ୍‌ରେ ସୋସିଆଲ ଆନ୍ଥ୍ରୋପଲୋଜିରେ ଡିଗ୍ରୀ ହାସଲ କଲେ। ଏହା ପରେ ସେ ଇଂଲିଶ୍ ଦୈନିକ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଯୋଗ ଦେଇଥିଲେ। ସମୟକ୍ରମେ ସେ କୋଲକାତାସ୍ଥିତ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ୍ ସାଇନ୍‌ସେସ୍ ଏବଂ ତ୍ରିଭାନ୍ଦ୍ରମ୍‌ର ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍‌ରେ ଫେଲୋ ଥିଲେ। ୧୯୯୯ରେ ଅମିତାଭ ନ୍ୟୁୟର୍କର ସିଟି ୟୁନିଭର୍ସିଟି ଅଧୀନ କୁଇନ୍ସ କଲେଜରେ ତୁଳନାତ୍ମକ ସାହିତ୍ୟରେ ପ୍ରଫେସର ଭାବେ ଯୋଗ ଦେଇଥିଲେ। ୨୦୦୫ରୁ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଇଂଲିଶ୍ ବିଭାଗରେ ଅତିଥି ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି ସମୟ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ଅଭିନବ ପରୀକ୍ଷାନିରୀକ୍ଷା କରି ସେ ସୃଜନଶୀଳତାରେ ଏକ ଭିନ୍ନ ଶୈଳୀ ସୃଷ୍ଟି କରିଛନ୍ତି। ଏପରିକି ଭାରତକୁ ଆସି 'ସି ଅଫ୍ ପପିଜ୍', 'ରିଭର୍ ଅଫ୍ ସ୍ମୋକ୍' ଏବଂ 'ଫ୍ଲଡ୍ ଅଫ୍ ଫାୟାର' ନାଟକ ରଚନାରେ ନିଜକୁ ନିୟୋଜିତ କରିଥିଲେ। ଐତିହାସିକ ସମୟର ଘଟଣାକ୍ରମକୁ ଆଧୁନିକ ଶୈଳୀରେ ସୃଜନ ଛୁଆଁ ଦେଇ ସେ ଯେଉଁ ଧାରା ସୃଷ୍ଟି କରିଛନ୍ତି, ତାହା ତାଙ୍କୁ ଅନ୍ୟ ଲେଖକଙ୍କଠାରୁ ନିଆରା କରିଦେଇଛି। ଭାରତୀୟ କଥାବସ୍ତୁକୁ ଗଭୀର ଅନୁଧ୍ୟାନ କରି ଇଂଲିଶ୍ ସାହିତ୍ୟ ମାଧ୍ୟମରେ ତାହାକୁ ବିଶ୍ୱ ଦରବାରରେ ଯେଭଳି ସେ ପରିସ୍ଫୁଟନ କଲେ, ତାହା ତାଙ୍କୁ ୨୦୦୭ରେ ଭାରତର ଚତୁର୍ଥ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ଭୂଷିତ କରିଥିଲା। ଏଥିସହିତ ତାଙ୍କ ସୃଜନପତ୍ରରେ ଆଉ ଏକ ଫର୍ଦ୍ଦ ୨୦୦୯ରେ ଯୋଡ଼ି ହୋଇଯାଇଥିଲା। ସେ 'ରୟାଲ ସୋସାଇଟି ଅଫ୍ ଲିଟରେଚର'ରେ ଫେଲୋ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୫ରେ ଅମିତାଭ ଫୋର୍ଡ ଫାଉଣ୍ଡେଶନ ଆର୍ଟ ଅଫ୍ ଚେଞ୍ଜ୍ ଫେଲୋ ଭାବେ ନାମିତ ହୋଇଥିଲେ। ଅମିତାଭଙ୍କ ସୃଜନ ଦରବାରକୁ ଦେଖିଲେ 'ସ୍ୟାଡୋ ଲାଇନ୍ସ', 'ଦି ଗ୍ଲାସ୍ ପ୍ୟାଲେସ୍', 'ଦି ହଙ୍ଗ୍ରି ଟାଇଡ୍' ଏବଂ 'ଇବିସ୍ ଟ୍ରିଲୋଜି' ପାଠିକାପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି। ଅମିତାଭଙ୍କ ପୁସ୍ତକ ଜାତୀୟ ଓ ଅନ୍ତର୍ଜାତୀୟ ସାହିତ୍ୟ ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଚାଲିଛି। ଅଦ୍ୟାବଧି ସେ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତେବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମ୍ୟାନ୍ ବୁକର୍ ପୁରସ୍କାର ଲାଗି ୨୦୦୮ରେ ତାଙ୍କ ପୁସ୍ତକ 'ସି ଅଫ୍ ପପିଜ୍' ଏବଂ ୨୦୧୧ରେ 'ରିଭର୍ ଅଫ୍ ସ୍ମୋକ୍' ପୁସ୍ତକଟି ମ୍ୟାନ୍ ଏସିଆନ୍ ଲିଟେରାରି ପୁରସ୍କାର ଲାଗି ତାଲିକାଭୁକ୍ତ ହେବା ତାଙ୍କୁ ଇଂଲିଶ୍ ସାହିତ୍ୟ ପରିମଣ୍ଡଳରେ ନୂଆ ପରିଚିତି ସୃଷ୍ଟି କରିଥିଲା। ଏବେ ସେ ଇଂଲିଶ୍ ଭାଷାରେ ପ୍ରଥମେ ଜ୍ଞାନପୀଠ ପାଇ ଯେଉଁ ନୂଆ ଧାରା ଆରମ୍ଭ କଲେ, ତାହା ସୃଜନମନସ୍କ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ। ଅମିତାଭଙ୍କ ପାରିବାରିକ ଜୀବନ କହିଲେ ଲେଖିକା ସହଧର୍ମିଣୀ ଦେବରା ବେକର୍ ଏବଂ ଦୁଇ ସନ୍ତାନ ଲିଲା ଓ ନାୟନ ରହିଛନ୍ତି। ସେ ଏବେ ଆମେରିକାର ନ୍ୟୁୟର୍କରେ ବାସ କରୁଥିଲେ ମଧ୍ୟ ଭାରତୀୟ ଉପମହାଦେଶର କଳା, ସଂସ୍କୃତି ଓ ସାହିତ୍ୟ ତାଙ୍କୁ ଆକୃଷ୍ଟ କରିଚାଲିଛି।

-ଜିତେନ୍ଦ୍ର

## ଏଇ ଭାରତରେ

ଆମ ଦେଶର ଅନେକ ଲୋକ ପ୍ରକୃତିକୁ ଦେବତା ଭାବି ପୂଜା କରିଥାଆନ୍ତି। ଲୋକଙ୍କ ଧର୍ମୀୟ ଭାବନା ଏତେ ଦୃଢ଼ ଯେ, ଏଠାରେ ପଥରକୁ ପୂଜା କଲେ ବି ସେ ଦେବତା ପାଲଟି ଯାଆନ୍ତି। ତେବେ ମନୋବାଞ୍ଛା କେତେଦୂର ପୂରଣ ହୁଏ କେବଳ ସମ୍ପୃକ୍ତ ବ୍ୟକ୍ତି ହିଁ କହିପାରେ। ଗୋବରରେ ପ୍ରଭୁ ଗଣେଶଙ୍କ ପୂଜା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଗୋବରରେ ସାକ୍ଷାତ ମା' ଲକ୍ଷ୍ମୀ ବାସ କରନ୍ତି ବୋଲି କୁହାଯାଏ। ମଧ୍ୟପ୍ରଦେଶର ଅଗର ମାଲ୍‌ୱା ଜିଲା ନଲଖେଡାଠାରେ ଥିବା ମନ୍ଦିରରେ ରହିଛି ଗୋବରରେ ତିଆରି ଏକ ଗଣେଶ ମୂର୍ତ୍ତି। ଏହି ମୂର୍ତ୍ତି ୫ଶହ ବର୍ଷର ପୁରୁଣା ବୋଲି ସ୍ଥାନୀୟ ଲୋକେ କହନ୍ତି। ଉକ୍ତ ମନ୍ଦିରରେ ଗଣେଶଙ୍କୁ ନଡିଆ ଚଢ଼ାଇଲେ ସମସ୍ତ କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଗଣେଶଙ୍କଠାରେ ମୁକୁଟ, ଗଳାହାର ସମେତ ଅନ୍ୟାନ୍ୟ ଅଳଙ୍କାର ଲାଗି ହୋଇଛି। ଏଠାକୁ ଆସୁଥିବା ଭକ୍ତଙ୍କ ବିଶ୍ୱାସ ରହିଛି ଯେ, ଉକ୍ତ ମନ୍ଦିରରେ ପୂଜାର୍ଚ୍ଚନା କଲେ ଶ୍ରୀଗଣେଶଙ୍କ ସହିତ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ମଧ୍ୟ ମିଳିଥାଏ। ତେଣୁ ଏଠାରେ ପ୍ରତିଦିନ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ।

## ଚିରନ୍ତନୀ

ତ୍ୟାଗର ମହିମା ଯେଣୁ ଏ ଦେଉଳ ଘୋଷଇ ପବନେ,
ତ୍ୟାଗର ଜୟ ପତାକା ଉଡ଼ାଉଛି ଅନନ୍ତ ଗଗନେ।
ବିରାଟ ଯେ ଆତ୍ମା ଏହି ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି ନମ୍ର ମୋର ଚିତ୍ତ,
ରକତ ମାଂସର ଯେତେ ହସ୍ତ
ନିର୍ମିଲା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର
ବାରମ୍ବାର ! (ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୩

- ବିଶ୍ୱ ବାଣିଜ୍ୟ ଓ ଶୁଳ୍କ ରାଜିନାମା 'ଗାଟ୍'କୁ ବିଶ୍ୱର ଅନ୍ୟତମ ବୃହତ ବାଣିଜ୍ୟ ଶକ୍ତି ୟୁରୋପୀୟ ସମୁଦାୟ (ଇ.ସି.)ର ଅନୁମୋଦନ।
- ଘରୋଇ କ୍ଷେତ୍ରରେ ମିଳିତ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା ପାଇଁ ଭାରତ ଓ ମାଲେସିଆ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ।
- ମାନିଲାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୪ ଜଣ ଯାତ୍ରୀଙ୍କ ମୃତ୍ୟୁ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | D | E | 1 | | | | 0 | A | | 5 | |
| | C | | | | 5 | B | | | | 7 | | 6 | | |
| | | A | | | 8 | | 0 | 2 | C | | 6 | | E | |
| | | | | 1 | | 5 | 4 | 9 | B | | | | 0 | |
| 3 | 9 | | | A | | | | | 1 | | | D | | C |
| | | | | | | D | | C | | | B | 0 | | |
| | | | | | 0 | | | | 9 | | 1 | E | | 7 |
| | | 2 | D | B | | | 6 | | | 4 | | | | A |
| 5 | A | | 2 | E | | | 7 | B | | D | | C | | |
| | | | | 3 | | 4 | | | 5 | A | | | | |
| | | 6 | A | | | 9 | | 8 | | | | 5 | | |
| | 8 | | | | 1 | | | D | 2 | | | | | |
| | | E | | 9 | | 6 | | | | | | | C | 0 |
| 0 | D | 3 | 8 | | | | | | | | C | | | 1 |
| | | 4 | | | 7 | | | | | | 0 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | D | B | 1 | 5 | 3 | 6 | A | 7 | 4 | C | 9 | 0 | E | 8 |
| E | C | 0 | 8 | A | D | 2 | 4 | 5 | 1 | 7 | B | 6 | 9 | 3 |
| 9 | 3 | 5 | 7 | 0 | B | 1 | 8 | E | 6 | 2 | D | 4 | C | A |
| 1 | 4 | 6 | C | 9 | 2 | 0 | 3 | D | E | A | 8 | 5 | 7 | B |
| 8 | 7 | A | 4 | 6 | E | B | C | 9 | 0 | 3 | 5 | 2 | D | 1 |
| 4 | 9 | 2 | 5 | C | 7 | D | 1 | A | 3 | 0 | E | B | 8 | 6 |
| 5 | 0 | E | 9 | D | 8 | 3 | 6 | C | B | 4 | 1 | A | 2 | 7 |
| 3 | 8 | C | E | B | 0 | 5 | 7 | 4 | 2 | 6 | A | 9 | 1 | D |
| A | B | 1 | 3 | 2 | 6 | 9 | 0 | 8 | 5 | D | 7 | C | 4 | E |
| D | 6 | 7 | A | 1 | 4 | E | 2 | B | 9 | 8 | C | 3 | 0 | 5 |
| B | 2 | 8 | 0 | 3 | C | A | 5 | 1 | 7 | E | 4 | D | 6 | 9 |
| C | E | 4 | B | 8 | 5 | 7 | D | 2 | A | 9 | 6 | 1 | 3 | 0 |
| 7 | 1 | 3 | 2 | E | A | 4 | 9 | 6 | D | 5 | 0 | 8 | B | C |
| 0 | A | D | 6 | 7 | 9 | 8 | B | 3 | C | 1 | 2 | E | 5 | 4 |
| 6 | 5 | 9 | D | 4 | 1 | C | E | 0 | 8 | B | 3 | 7 | A | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡମୁକ୍ତ ବିଦ୍ୟାଳୟ

ମହାଶୟ,

ଧରିତ୍ରୀ (୪।୧୨)ରେ ପ୍ରକାଶିତ ଲେଖା ପୂର୍ଣ୍ଣାଙ୍ଗ ନୁହେଁ। ଏଥିରେ ସୋନାମିକା ମ୍ୟାଡମ୍ କିଛି ଛାତ୍ରୀଛାତ୍ରଙ୍କ କଥା ଲେଖିବାକୁ ଭୁଲିଗଲେ, ଯେଉଁମାନେ ବିଦ୍ୟାଳୟ ସ୍ତରରୁ ଗୁଣ୍ଡା ହେବାକୁ ଶିଖୁଛନ୍ତି। ସ୍କୁଲରେ ଗୋଷ୍ଠୀ ବନାଇ ଗଣ୍ଡଗୋଳ କରି ଶିକ୍ଷକମାନଙ୍କୁ ଧମକାଉଛନ୍ତି। ଦଣ୍ଡମୁକ୍ତ ବିଦ୍ୟାଳୟ ଓ ଜୁଭେନାଇଲ ଆଇନ ଯୋଗୁ ସେମାନଙ୍କର କିଛି ହେଉନାହିଁ। ପରେ ସେମାନେ ସମାଜରେ ଅରାଜକତା ସୃଷ୍ଟି କରୁଛନ୍ତି। ତେଣୁ ଶିକ୍ଷକମାନଙ୍କୁ ପୁଣିଥରେ ଦଣ୍ଡ ଦେବାର ସୀମିତ ଅଧିକାର ଦିଆଯାଉ।

କାଳୀ ପ୍ରସନ୍ନ ଦାଶ, ଅବକାଶ ଲେନ୍, ପୁରୀ

### ସଂରକ୍ଷଣକୁ ସଂକୁଚିତ କରାଯାଉ

ସଂରକ୍ଷଣ ନିୟମରେ ଅନୁସୂଚିତ ଜାତି ଏବଂ ଉପଜାତିର ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଥମେ ଏହାର ଅବଧି ୧୦ ବର୍ଷ ଥିଲା। କାଳକ୍ରମେ ତାହା ବଢ଼ି ବଢ଼ି ୭୦ ବର୍ଷ ଟପି ସାରିଲାଣି। ଯେ ପର୍ଯ୍ୟନ୍ତ ସେମାନେ ଅନ୍ୟମାନଙ୍କ ସମକକ୍ଷ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏ ନିୟମ ବଳବତ୍ତର ରହିବା ଉଚିତ। ଯେଉଁ ପରିବାରକୁ ଏ ସୁବିଧା ମିଳିଛି ସେମାନେ ନିଜ ପିଲାଙ୍କୁ ମଣିଷ କରନ୍ତୁ। ପରେ ସଂରକ୍ଷଣରୁ ସେମାନଙ୍କୁ ବାଦ୍ ଦିଆଯାଉ। ସଫଳତା ପାଇଥିବା ପରିବାରକୁ ସଂରକ୍ଷଣରୁ ବାଦ ଦେଇ ସଂରକ୍ଷିତବର୍ଗର ଅନ୍ୟ ପରିବାରକୁ ସେହି ସୁଯୋଗ ଦିଆଗଲେ ସମସ୍ତ ଅନୁସୂଚିତ ଜାତି ଏବଂ ଜନଜାତିର ଲୋକ ଅନ୍ୟମାନଙ୍କର ସମକକ୍ଷ ହୋଇପାରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୩ ଯବାନ ଗୁରୁତର



ମାଲକାନଗିରି,୧୫।୧୨(ଡି.ଏନ.ଏ.)- ମାଲକାନଗିର ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ଶନିବାର ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ ୩ ଯବାନ ଗୁରୁତର ହୋଇଛନ୍ତି। ବିଜାପୁର ଥାନା ବଦଲି ଗ୍ରାମ ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ଥିବା ସୂଚନା ପାଇ ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରିଥିଲା। ରାସ୍ତାରେ ପୋଲିସକୁ ଟାର୍ଗେଟ କରି ମାଓବାଦୀମାନେ ଲ୍ୟାଣ୍ଡ ମାଇନ ଖଞ୍ଜିଥିଲେ । ସେହି ରାସ୍ତାରେ ପୋଲିସ ଯିବା ସମୟରେ ବିସ୍ଫୋରଣ ଘଟିଥିଲା। ଏଥିରେ ୩ ଯବାନ ଗୁରୁତର ହୋଇଥିଲେ। ସେମାନଙ୍କୁ ବିଜାପୁର ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଜଣକ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟପୁର ସ୍ଥାନାନ୍ତରିତ କରାଯାଇଛି। ଆହତ ଯବାନଙ୍କ ମଧ୍ୟରୁ ଜଣେ ଏଏସଆଇ ଏବଂ ୨ଜଣ ଯବାନ ବୋଲି ଜଣାପଡିଛି। ବିସ୍ଫୋରଣ ଘଟିଥିବା ଅଞ୍ଚଳରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

■ ମାଡ଼ି ଆସୁଛି ପେଥାଇ

# ଚାଷୀ ଭୟଭୀତ: ଧାନ ସୁରକ୍ଷା ଚିନ୍ତା

ମାଲକାନଗିରି,୧୫।୧୨(ଡି.ଏନ.ଏ.)

ପାଣିପାଗ ବିଭାଗ ବାତ୍ୟା ପେଥାଇ ଆସୁଥିବାର ସୂଚନା ଦେବା ପରେ ମାଲକାନଗିରି ଜିଲାରେ ଚାଷୀମାନେ ଭୟଭୀତ ହୋଇପଡିଛନ୍ତି । ଉତ୍ତର ପୂର୍ବ ବଙ୍ଗୋପସାଗରରେ ଡିପ୍ ଡିପ୍ରେସନ୍ ହୋଇ ଚେନାଇଠାରୁ ଦକ୍ଷିଣ ପୂର୍ବରେ ୭୩୦ କିମି ଦୂରରେ ଡିପ୍ ଡିପ୍ରେସନ ରହିଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଘୂର୍ଣ୍ଣିଝଡରେ ପରିଣତ ହୋଇ ୨୪ ଘଣ୍ଟା ମଧ୍ୟରେ ସିଭିୟର ସାଇକ୍ଲୋନ୍ ଷ୍ଟର୍ମର ରୂପ ନେବ । ମାଲକାନଗିରି ସୀମାନ୍ତବର୍ତ୍ତୀ ଆନ୍ଧ୍ରପ୍ରଦେଶର ଅଙ୍ଗୋଲ ଓ କାକିନାଡା ମଧ୍ୟରେ ଆଗାମୀ ୧୭ରେ ଏହା ସ୍ଥଳଭାଗକୁ ଛୁଇଁବ । ଫଳରେ ଆସନ୍ତା ସୋମବାର ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ମାଲକାନଗିରିରେ ଏହି ଝଡର ପ୍ରଭାବ ପଡିବାକୁ ଥିବାରୁ ସମ୍ଭାବ୍ୟ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ବିଶେଷ କରି ମଣ୍ଡିରେ ଧାନ କିଭଳି ସୁରକ୍ଷିତ ରହିବ ସେଥିପାଇଁ ଜିଲା କୃଷି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଏହି ବାତ୍ୟା ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ଚାଷୀ ମାନଙ୍କୁ ସତର୍କ କରାଯାଇଛି । ପାଲ ଜରିଆରେ ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ସହ ଆଗାମୀ ୧୬, ୧୭, ଓ ୧୮ ତିନିଦିନ ଧରି ସମସ୍ତ ମଣ୍ଡି ବନ୍ଦ ରଖିବାକୁ କୁହାଯାଇଛି । ଜିଲା ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସୂଚନା ଅନୁସାରେ ମାଲକାନଗିରି ଜିଲାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ମୁକାବିଲା କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି। ୨୧ଟି ବାତ୍ୟା ଆଶ୍ରୟସ୍ଥଳ ଖୋଲାଯାଇ ଏଠାରେ ଚାଉଳ, କିରୋସିନ ଆଦି ସାମଗ୍ରୀ ମହଜୁଦ ରହିଛି । ସେହିପରି ୧୭ଟି ମଲ୍ଟି ପର୍ପୋଜ୍ ସେଣ୍ଟର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଠାରେ ସ୍ୱତନ୍ତ୍ର ଅଧିକାରୀ ମାନେ ନିୟୋଜିତ ରହି ବାତ୍ୟା ସମୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ସେହିପରି ବିଚ୍ଛିନ୍ନାଞ୍ଚଳରେ ୨୮ଟି ମୋଟର ବୋଟ ଓ ଲଞ୍ଚଗୁଡିକୁ ଆଗୁଆ ରଖାଯାଇଛି । ସମସ୍ତ ଲଞ୍ଚ ଘାଟଗୁଡିକରେ ମଧ୍ୟ ବୋଟଗୁଡିକ ରଖାଯାଇଛି । ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ରାଲେଗେଡା, ପଣସପୁଟ, ପାପରମେଟଲା, କାଳିମେଳା ବ୍ଲକର ଉଣ୍ଡୁକୋଣ୍ଡା, କାଙ୍ଗୁରୁକୋଣ୍ଡା, ମୋଟୁ, ଖଇରପୁଟ ବ୍ଲକର ମୁଦୁଲିପଡା, ଡୁରାଲ, ବଡପଦର, ପଡିଆ ବ୍ଲକର ମହାରାଜପାଲି, ମୋଟୁ ଆଦି ସ୍ଥାନରେ ମଧ୍ୟ ବାତ୍ୟା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଜିଲା ଜରୁରିକାଳୀନ କାର୍ଯ୍ୟାଳୟରେ ୨୪ଘଣ୍ଟା ନିୟନ୍ତ୍ରଣ କକ୍ଷ ଖୋଲାରହିଛି। କାଲିମେଳା, ମାଥିଲି, ମୋଟୁ, ଖଇରପୁଟ, ଚିତ୍ରକୋଣ୍ଡା, କୁଡୁମୁଲୁଗୁମ୍ମା, ମାଲକାନଗିରି ତହସିଲଦାର ଓ ଆର୍ଆଇଙ୍କୁ ନେଇ ସ୍ୱତନ୍ତ୍ର ହ୍ୱାଟ୍ସ ଆପ୍ ଜରିଆରେ ସୂଚନା ଆଦାନପ୍ରଦାନ ବ୍ୟବସ୍ଥା ହୋଇଛି। ଅଗ୍ନିଶମ ବିଭାଗକୁ ମଧ୍ୟ ସଜାଗ ରହିବା ପାଇଁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଓଡ୍ରାଫ୍ ଟିମ୍‌କୁ ମଧ୍ୟ ନିୟୋଜିତ କରାଯିବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।



ମଣ୍ଡିରେ ଚାଷୀମାନେ ଧାନକୁ ବର୍ଷାରୁ ରକ୍ଷା କରିବା ପାଇଁ ଜରିପାଲ ଘୋଡାଉଛନ୍ତି ।

## ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ଜ୍ୟୋତିରାଦିତ୍ୟ

କାଲିମେଳା,୧୫।୧୨(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ କାଙ୍ଗୁରୁକୋଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ର ଜ୍ୟୋତିରାଦିତ୍ୟ ବାଗ ଭୁବନେଶ୍ୱରଠାରେ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତାରେ ପ୍ଲାଟିନମ ବିଭାଗର ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ସ୍ଥାନପାଇ ପୁରସ୍କୃତ ହୋଇଛନ୍ତି। ଶକ୍ତି ସଂରକ୍ଷଣ ଉପରେ ପ୍ରଥମେ ବ୍ଲକସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ପରେ ଡିସେମ୍ବର ୨ରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଜ୍ୟୋତିରାଦିତ୍ୟ ସାମିଲ ହୋଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ । ଏହି ପ୍ରତିଯୋଗିତାରେ ଓଡିଶାର ସମସ୍ତ ଜିଲାରୁ ୮୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସେଠାରେ ଜ୍ୟୋତିରାଦିତ୍ୟ ୫ ନମ୍ବର ସ୍ଥାନ ପାଇ ପ୍ଲାଟିନମ ପଦକ ହାସଲ କରିଥିଲେ। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଶକ୍ତି ସଚିବ ହେମନ୍ତ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ୟୋତିରାଦିତ୍ୟଙ୍କୁ ପୁରସ୍କୃତ କରିଥିଲେ। ଏହି ସଫଳତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଶେଷ କୃପା ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୁରୁଜନ ମାନଙ୍କର ଆର୍ଶୀବାଦ ଯୋଗୁ ମିଳିପାରିଛି ବୋଲି ଜ୍ୟୋତିରାଦିତ୍ୟ କହିଛନ୍ତି । ପୋଟେରୁ ଜଳସେଚନ ବିଭାଗରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ପବିତ୍ର ବାଗ ଓ କାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ୍ଙ୍କ ପୁଅ ହେଉଛନ୍ତି ଜ୍ୟୋତିରାଦିତ୍ୟ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ କହଁରଙ୍କ ସମେତ ଅନ୍ୟମାନେ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।



ଜ୍ୟୋତିରାଦିତ୍ୟ ବାଗ୍ ।

## ବେପରୁଆ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା

ପାରଳାଖେମୁଣ୍ଡି, ୧୫।୧୨(ସ୍ୱ.ପ୍ର.)– ଗଜପତି ଜିଲା ପାରଳାଖେମୁଣ୍ଡି ସହରର ରାଜଦାଣ୍ଡ –ମୁଖ୍ୟ ବଜାର ରାସ୍ତାର ଛକରେ ବିଭିନ୍ନ ସମୟରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। କଲେଜ ଛକ ଠାରୁ ପୁରୁଣାପାଟଣା ଆଡ଼କୁ ଯାଉଥିବା ଅଟୋଗୁଡିକ ଏହି ଛକର ଯେଉଁଠି ସେଇଠି ଅଟକି ରହୁଥିବା ବେଳେ ଲୋକେ ମନଇଚ୍ଛା ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ରାସ୍ତା ଜାମ୍ ହୋଇଯାଉଛି। ଏସ୍‌କେସିଜି କଲେଜ, ମୁଖ୍ୟ ବଜାର, ରାଜନଅର ସମେତ ଦୋଳବନ୍ଧକୁ ଏହି ଛକ ସଂଯୋଗ କରୁଥିବାରୁ ଏଠାରେ ସର୍ବଦା ଜନଗହଳି ହେଉଛି। ଅଟୋ ଚାଳକମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡ଼ି ରଖି ଯାତ୍ରୀ ଉଠାଇଲେ ଏହି ସମସ୍ୟା କେତେକାଂଶରେ ଦୂର ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କୁଡୁମୁଲୁଗୁମ୍ମା,୧୫।୧୨(ଡି.ଏନ୍.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି । ସରକାରଙ୍କ ନିର୍ଦ୍ଦେଶ ମୁତାବକ ୧୦୦ ମିଟର ଦୂରତା ଭିତରେ ଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟର ମିଶ୍ରଣ ପ୍ରକ୍ରିୟା ଗତମାସରେ ଶେଷ ହୋଇଛି। ପରିଚାଳନା କମିଟି ଗଠନ ବେଳେ ଅନୁଷ୍ଠିତ ବୈଠକରେ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୋଟ ୧୯ ଜଣ ସଦସ୍ୟାସଦସ୍ୟଙ୍କୁ ଚୟନ କରାଯାଇଥିଲା । ସେଥିରୁ ୧୨ଜଣ ଛାତ୍ରୀଛାତ୍ରଙ୍କ ଅଭିଭାବକ ଅଛନ୍ତି । ସେମାନେ ହେଲେ ଦିବାକର ସୁନା, ଭଗବାନ ସାହୁ, ଦିଲୀପ ଦାସ, ଉଦ୍ଧବ ରାଓ ଖରା, ପ୍ରଶାନ୍ତ ଜେନା, ଜ୍ଞାନ ରଞ୍ଜନ ମହାପାତ୍ର,ଗୀତାଞ୍ଜଳି ପ୍ରଧାନ, ଅନୀତା ଜେନା, ମଧୁସ୍ମିତା ସ୍ୱାଇଁ, ମମତା ଦାସ, ଭାଗ୍ୟଲତା ବାଘ ଓ ଶୁଭ ଖେମୁଡୁ। ଦିବାକର ସୁନାଙ୍କୁ ସଭାପତି ଓ ଗୀତାଞ୍ଜଳି ପ୍ରଧାନଙ୍କୁ ଉପସଭାପତି ରୂପେ ଚୟନ କରାଯାଇଛି। କମିଟିରେ ଏକ୍ସ ଅଫିସ ସଦସ୍ୟ ଭାବେ ସ୍ଥାନୀୟ ସରପଞ୍ଚ, ୱାର୍ଡ ସଭ୍ୟ, ଅଙ୍ଗନୱାଡି କର୍ମୀଙ୍କୁ ନିଆଯାଇଛି।

■ ମାଲକାନଗିରି ଜିଲାରେ ପ୍ରଥମ

## ମାଣ୍ଡିଆ ବିକ୍ରି ପାଇଁ ମଣ୍ଡି ଖୋଲିଲା ପ୍ରଶାସନ

ମାଲକାନଗିରି,୧୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲାର ଖଇରପୁଟସ୍ଥିତ ବଣ୍ଡା ଲ୍ୟାମ୍ପସ ପରିସରରେ ଓଡିଶା ମିଲେଟ ମିଶନ ପକ୍ଷରୁ ଶନିବାର ପ୍ରଥମ ଥର କରି ମାଣ୍ଡିଆ ବିକ୍ରି ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଉଦ୍‌ଘାଟନ କରିଥିଲେ। । ବ୍ଲକ ଅଧ୍ୟକ୍ଷା କୁମୁଦିନୀ କିର୍ସାନି, ଜିଲାପାଳ ମନୀଷ ଅଗ୍ରୱାଲ, କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକ, ଖଇରପୁଟ ବିଡିଓ ପ୍ରମୁଖ ଯୋଗଦେଇଥିଲେ । ମାଲକାନଗିରି ଜିଲାରେ ମାଣ୍ଡିଆ ଚାଷ ବୃଦ୍ଧି ଏବଂ ଅମଳକୁ ଦେଖି ଜିଲା ପ୍ରଶାସନ ତରଫରୁ ପ୍ରଥମ କରି ଜିଲାରେ ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା ଏବଂ କୋରୁକୋଣ୍ଡା ବ୍ଲକର ୧୭ଟି ସ୍ଥାନରେ ମଣ୍ଡି ଖୋଲାଯାଇଛି। ଉନ୍ନତ ମାନର ଏଫଏକ୍ୟୁ ମାନର ମାଣ୍ଡିଆ ମୂଲ୍ୟ ୨୮୯୭ ଟଙ୍କା ରଖାଯାଇଛି। ଜଳୀୟ ଅଂଶ, ଅନ୍ୟାନ୍ୟ ମିଶ୍ରିତ ଖାଦ୍ୟଶସ୍ୟ, ମାଟି, ଗୋଡି, ବାଲି, କାଠି, କୁଟା ଆଦି ମିଶ୍ରିତ ମାଣ୍ଡିଆ କୁଇଣ୍ଟାଲ ପିଛା ୧୨ ପ୍ରତିଶତ କଟାଯିବ । ସପ୍ତାହର କେଉଁ ସ୍ଥାନରେ କେବେ ମଣ୍ଡି ଖୋଲିବ ନେଇ ଜିଲା ପ୍ରଶାସନ ଲିଫ୍‌ଲେଟ୍ ବାଣ୍ଟି ଚାଷୀ ମାନଙ୍କୁ ଅବଗତ କରିଛି । ନିଜ ନିଜର ପରିଚୟ , ପ୍ରମାଣ ପତ୍ର , ବ୍ୟାଙ୍କ ପାଶ୍ ବହିର ନକଲ , ଜମି ପଟ୍ଟାର ନକଲ , ଭୋଟର ପରିଚୟ ପତ୍ର ଅଥବା ଆଧାର କାର୍ଡ ନକଲ ଧରି ଚାଷୀମାନେ ମଣ୍ଡିରେ ମାଣ୍ଡିଆ ବିକ୍ରି କରିପାରିବେ। ପ୍ରତ୍ୟେକ ମଣ୍ଡି ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ । ଯେଉଁ ଚାଷୀମାନେ ମାଣ୍ଡିଆ ବିକ୍ରି ପାଇଁ ପଞ୍ଜୀକରଣ କରିନାହାନ୍ତି ସେମାନେ ନିକଟସ୍ଥ ଲ୍ୟାମ୍ପ ଅଧିକାରୀଙ୍କ ସହ ଯୋଗା ଯୋଗ କରି ପଞ୍ଜୀକରଣ କରି ନେଇପାରିବେ।



ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ।




## ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା



କୃଷକ ସମ୍ପର୍କମେଳାରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

ପଡିଆ,୧୫।୧୨–

ମାଲକାନଗିରି ଜିଲା ପଡିଆ ବ୍ଲକ କାଲଦାପାଲି ପଞ୍ଚାୟତ କୃତି ଗ୍ରାମରେ ଶନିବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମାଲକାନଗିରି ବିଧାୟକ ମାନସ ମାଡକାମି, କୃଷି ଉପନିର୍ଦ୍ଦେଶକ ରବିନ୍ଦ୍ର ପଟ୍ଟନାୟକ, କାଲଦାପାଲି ସରପଞ୍ଚ ଦେବା ମାଡକାମି, ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ସହ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କୃଷକମାନଙ୍କୁ ଉନ୍ନତ ଚାଷ, ସରକାରଙ୍କ ତରଫରୁ ରିହାତି ମୂଲ୍ୟରେ ମିଳୁଥିବା ଉପକରଣ, ବିହନ, ସାର ଏବଂ କୃଷି ଯନ୍ତ୍ରପାତି ସମ୍ପର୍କରେ ସଚେତନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ରଶ୍ମି ରଞ୍ଜନ ମହାରଣା ପରିଚାଳନା କରିଥିଲେ।

# ମାଲକାନଗିରିରେ ଆରମ୍ଭ ହେଲା ପିଠା ଯୋଜନା

ମାଲକାନଗିରି,୧୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଚାଲାଣଗୁଡ଼ା ପଞ୍ଚାୟତର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ପିଠା ଯୋଜନାର ଶୁଭାରମ୍ଭ ହୋଇଛି । ବିଡିଓ ଗୁଣନିଧି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ସହକାରୀ କଲେକ୍ଟର ଜଗଦିଶ କାର୍ତାମି, ଜିଲା ଶ୍ରମ ଅଧିକାରୀ ମଦନ ମୋହନ ପାଇକ, ସରପଞ୍ଚ ପୁଷ୍ପାରାଣୀ ପଡ଼ିଆମି, କୋରୁକୋଣ୍ଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ନିଳିମା ବିଶ୍ୱାସ, ସମିତିସଭ୍ୟା ପ୍ରତିମା ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ମଧୁବାବୁ ପେନସନ ଯୋଜନା, ବିଜୁ ପକ୍କା ଗୃହ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଅତିଥିମାନେ ଆଲୋଚନା କରିଥିଲେ । ଏହି ଅବସରରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ପିଠା ପ୍ରଦାନ କରାଯାଇଥିଲା । ଏହି ଅବସରରେ ୩ ଜଣ ହିତାଧିକାରୀଙ୍କୁ ବିଜୁ ପକ୍କା ଗୃହ, ୧୫ ଜଣଙ୍କୁ ନିର୍ମାଣ ଶ୍ରମିକ ପକ୍କା ଗୃହ ଓ ଜଣଙ୍କୁ କଳାକାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ମାଥିଲି, କୋରୁକୋଣ୍ଡା, ପଡିଆ, କାଲିମେଳା, ଚିତ୍ରକୋଣ୍ଡା ଓ ଖଇରପୁଟ ବ୍ଲକ ସଦର ମହକୁମା ଠାରେ ମଧ୍ୟ ପିଠା ଯୋଜନାର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟଙ୍କ ସହ ସମ୍ପୃକ୍ତ ବ୍ଲକର ବିଡିଓମାନେ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରାଯାଇ ଷ୍ଟଲରେ ପ୍ରଦର୍ଶିତ କରାଯାଇଥିଲା ।

ମାଥିଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିଇଓ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ଡମ୍ବରୁ ଶିଶା, ଜିଲାପାଳ ମନୀଷ ଅଗ୍ରୱାଲ, ବିଡିଓ ଆଶିଷ କୁମାର ଭୋଇ, ଜିଲା ପରିଷଦ ସଭ୍ୟ ବାଲରାଜୁ କୋପେ, ସରପଞ୍ଚ ଗୌରି ବଟେ ଯୋଗ ଦେଇ ସରକାରଙ୍କ ପିଠା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପାଙ୍ଗାମ୍ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା ।





ପିଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

■ ୩ ଜଣଙ୍କୁ ବିଜୁ ପକ୍କା ଗୃହ
■ ୧୫ ଜଣଙ୍କୁ ନିର୍ମାଣ ଶ୍ରମିକ ପକ୍କା ଗୃହ
■ ଜଣଙ୍କୁ କଳାକାର ସହାୟତା ରାଶି

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 238 of 2018**
**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 ...Applicant
-Versus-
Chandram Munda ...Defendant
To,
1. **Chandram Munda,** S/o-Jayaram Munda, At: Deheripali, Budharaja, Dist.: Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 238 of 2018** in the Court of Debts Recovery Tribunal at Cuttack for a recovery of **Rs.16,65,980.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **28th day of Nov. 2018.**

Sd/- Registrar (I/C)
Debts Recovery Tribunal

**ପୂର୍ବ ତଟ ରେଳପଥ**
**ଟ୍ରାକ୍ ଫିଟିଙ୍ଗ୍ ଗୁଡ଼ିକର ଇ-କ୍ରୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ : ECoRCONTP181909 ତା. 11.12.2018 ରିଖ
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ଜରିଆରେ ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲରେ ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।
PR-94/CB/18-19 ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / TP, ଭୁବନେଶ୍ୱର

**ସାଉଥ୍‌କୋ ୟୁଟିଲିଟି**
କୋର୍ଟପେଟା, ବ୍ରହ୍ମପୁର, ଗଞ୍ଜାମ - ୭୬୦୦୦୪, ଓଡ଼ିଶା
କେସ୍ ନଂ ୮୧/୨୦୧୮
**ସାଧାରଣ ବିଜ୍ଞପ୍ତି**
ପ୍ରସଙ୍ଗରେ : ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ଓପନ୍ ଆକ୍ସେସ୍ ଦେୟର ଅନୁମୋଦନ ନିମନ୍ତେ ସାଉଥ୍‌କୋ ୟୁଟିଲିଟିର ଆବେଦନ
୨୦୦୩ ବିଦ୍ୟୁତ୍ ଆଇନ୍‌ର ଧାରା ୪୨ ଅନ୍ତର୍ଗତ ଓ.ଇ.ଆର.ସି. ୨୦୦୬ ଏବଂ (ଓ.ଇ.ଆର.ସି. ଓପନ୍ ଆକ୍ସେସ୍‌ର ନିୟମ ଓ ସର୍ତ୍ତାବଳୀ) ରେଗୁଲେସନ ୨୦୦୫ର ଅନ୍ୟାନ୍ୟ ସମର୍ଥିତ ବ୍ୟବସ୍ଥାର ନିୟମ ୪-(୧)(୧୪), ୨(୭) ଓ ୩(୬)ରେ ମେସର୍ସ ସାଉଥ୍‌କୋ ୟୁଟିଲିଟି ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ହ୍ୱିଲିଂ ଦେୟ, ସରଚାର୍ଜ ଓ ଅତିରିକ୍ତ ସରଚାର୍ଜ ଅନୁମୋଦନ ନିମନ୍ତେ ଏକ ଆବେଦନ ଦାଖଲ କରିଛନ୍ତି । ଆବେଦନର ନକଲ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ସାଉଥ୍‌କୋ ୟୁଟିଲିଟିଙ୍କ ୱେବ୍‌ସାଇଟ୍ www.southcoorissa.com ରୁ ଡାଉନ୍‌ଲୋଡ୍ କରିହେବ କିମ୍ବା ଫଟୋକପି ବାବଦକୁ ଟ.୨୫/- (ପଚିଶ ଟଙ୍କା) ମାତ୍ର ଦେୟ ପଇଠ କରି ନିୟାମକ ଆୟୋଗଙ୍କ କାର୍ଯ୍ୟାଳୟରୁ ହାସଲ କରିହେବ । ଏହି ମାମଲା ଶୁଣାଣି କରି ଫଇସଲା କରିବା ପାଇଁ ଆୟୋଗ ନିଷ୍ପତି ନେଇଛନ୍ତି ଓ ଶୁଣାଣି ତାରିଖ ପରେ ଜଣାଇ ଦିଆଯିବ । ତା୧୬.୦୧.୨୦୧୯ ସୁଦ୍ଧା କିମ୍ବା ତା ପୂର୍ବରୁ ଆଗ୍ରହୀ ବ୍ୟକ୍ତି, ସଂସ୍ଥା ଓ ସଙ୍ଗଠନ ସେମାନଙ୍କର ପ୍ରସ୍ତାବ ମତାମତ ଓ ବିରୋଧ ସମ୍ପର୍କରେ ସତ୍ୟପାଠ ଜରିଆରେ ଆୟୋଗଙ୍କ ନିକଟରେ ଦାଖଲ କରିପାରିବେ । ଏଥିପାଇଁ ଲାଇସେନ୍ସଧାରୀଙ୍କୁ ସମ୍ପୃକ୍ତ ସତ୍ୟପାଠର ନକଲ ଦେବାକୁ ହେବ ଓ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ତାରିଖ ତଥା ସମୟରେ ଶୁଣାଣିରେ ଉପସ୍ଥିତ ରହିବାକୁ ହେବ ।
ସାଉଥ୍‌କୋ ୟୁଟିଲିଟି କମିଶନଙ୍କ ନିକଟରେ ଏହାର ସମ୍ମିଳିତ ଜବାବ ତା.୨୫.୦୧.୨୦୧୯ ରେ କିମ୍ବା ଏହା ପୂର୍ବରୁ ଦାଖଲ କରିବ ଏବଂ ଏହାର ନକଲ ସମ୍ପୃକ୍ତ ପ୍ରତିବାଦକାରୀ ଙ୍କ ପାଖକୁ ପଠାଇବ ।
ତା ୧୫.୧୨.୨୦୧୮
କ୍ଷମତାପ୍ରାପ୍ତ ଅଫିସର
ସାଉଥ୍‌କୋ ୟୁଟିଲିଟ

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 319/2018**
**BETWEEN**
**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 ...Applicant
**AND**
M/s. Sai Poultry Farm and others ...Defendants
To,
1. **M/s. Sai Poultry Farm,** At: Khaliapali, Janhapada, P.O.: Attabira, Dist.: Bargarh, Represented through its proprietress Smt. Reddy Sati Ratnam.
2. **Smt. Reddy Sati Ratnam,** W/o- Reddy Jai Babu, At/P.O.: Kuruan, P.S/Dist.: Bargarh.
3. **Sri Reddy Jai Babu,** S/o- Reddy Olia Sadhu, At/P.O.: Kuruan, Dist.: Bargarh.
4. **Smt. Penumurti Sridebi,** W/o- Penumurty Veer Raju, At/P.O.: Babebira Canal, Attabira, Dist.: Bargarh.
5. **Sri Penumurty Veer Raju,** S/o- P. Janakia Rama Rao, At/P.O.: Babebira Canal, Attabira, Dist.: Bargarh.
6. **Smt. Meka Yerabeni,** W/o- M. Trimurty, At/P.O.: Adgaon, Attabira, Dist.: Bargarh.
7. **Smt. Reddy Laxmi,** W/o- Reddy alia Sadhu, At/P.O.: Kuruan, Dist.: Bargarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 319 / 18** in the Court of Debts Recovery Tribunal at Cuttack for a recovery of **Rs.71,97,785.16** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **25th day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2018.**

Sd/- Registrar (I/C)
Debts Recovery Tribunal



“ପର୍ଥ ଟେଷ୍ଟର ତୃତୀୟ ଦିବସ ଖେଳ ଆରମ୍ଭରେ ବିରାଟ କୋହଲିଙ୍କ ଉଇକେଟ ଖସାଇ ପାରିଲେ ମ୍ୟାଚ୍‌ରେ ଆମ ସ୍ଥିତି ସୁଦୃଢ ହୋଇପାରିବ ।

–ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍



“ଅଜିଙ୍କ୍ୟ ରାହାନେ ଓ ବିରାଟ କୋହଲିଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ପର୍ଥଠାରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ସନ୍ତୁଳିତ ଅବସ୍ଥାରେ ରହିଛି ।

–ଈଶାନ୍ତ ଶର୍ମା, ଭାରତୀୟ ବୋଲର

## ସଂକ୍ଷେପରେ

### ସିନ୍ଧୁ-ଓକୁହାରା ଫାଇନାଲ

**ଗୁଆଙ୍ଗଝୋ, ୧୫।୧୨ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ୨୦୧୩ ବିଶ୍ୱଚାମ୍ପିୟନ ରାଚାନୋକ ଇଣ୍ଟାନନ୍‌ଙ୍କୁ ୨୧-୧୬, ୨୫-୨୩ରେ ପରାସ୍ତ କରିଛନ୍ତି। ଗତ ସଂସ୍କରଣରେ ରନର୍ସ ଅପ୍ ହୋଇଥିବା ସିନ୍ଧୁ ଏହି ମ୍ୟାଚ ଜିତିବା ଲାଗି ୫୪ ମିନିଟ ସମୟ ନେଇଥିଲେ। ଥାଇଲାଣ୍ଡର ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ ୪ର୍ଥ ବିଜୟ। ଅଲିମ୍ପିକ୍ ରୌପ୍ୟ ବିଜୟିନୀ ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କ ସହ ମୁକାବିଲା କରିବେ। ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏହି ଖେଳାଳିଙ୍କଠାରୁ ପରାଜିତ ହୋଇଯାଇଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ବର୍ଗର ବ୍ୟାଡ୍‌ମିଣ୍ଟନ ଖେଳାଳି ସମୀର ବର୍ମା ସେମିଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ତାଙ୍କୁ ଚାଇନାର ଅଲ ଇଂଲଣ୍ଡ ଚାମ୍ପିୟନ ଓ ୱାର୍ଲ୍ଡ ଚାମ୍ପିୟନଶିପର ରୌପ୍ୟ ପଦକଧାରୀ ଶି ୟୁକି ୨୧-୧୨, ୨୦-୨୨, ୧୭-୨୧ ଗେମ୍‌ରେ ହରାଇ ଦେଇଛନ୍ତି।

### ଭିନେଶ-ସୋମବୀରଙ୍କ ବିବାହ ସମ୍ପନ୍ନ

**ନୂଆଦିଲ୍ଲୀ,୧୫।୧୨:** ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ମହିଳା ଯୋଦ୍ଧା ଭିନେଶ ଫୋଗଟ, ସୋମବୀର ରାଠୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ବିବାହ ଭିନେଶଙ୍କ ଗ୍ରାମ ଚାରଖି ଦାଦରିଠାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଫେରିବା ପରେ ଭିନେଶ ଦିଲ୍ଲୀର ଇନ୍ଦୀରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ସୋମବୀର ଜଣେ ଜାତୀୟ ସ୍ତରୀୟ ଯୋଦ୍ଧା। ସେ ଦୁଇ ଥର ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# କୋହଲି, ରାହାନେ ସ୍ଥିତି ସମ୍ଭାଳିଲେ

**ପର୍ଥ,୧୫।୧୨(ପି.ଟି.)**

ଅଧିନାୟକ ବିରାଟ କୋହଲି ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସ୍ଥିତି ସମ୍ଭାଳିବାକୁ ସକ୍ଷମ ହୋଇଛି। ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମ ଇନିଂସରେ ୧୦୮.୩ ଓଭରରେ ୩୨୬ ରନରେ ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ଆରମ୍ଭରୁ ଦୁଇଟି ଉଇକେଟ ହରାଇଥିଲେ ମଧ୍ୟ କୋହଲି ଓ ରାହାନେଙ୍କ ଦୃଢ ବ୍ୟାଟିଂ ବଳରେ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ

**ଦ୍ୱିତୀୟ ଟେଷ୍ଟ**

ଦିବସ ଖେଳ ଶେଷ ସୁଦ୍ଧା ଭାରତ ୬୯ ଓଭରରେ ୩ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ବାକିଥାଇ ଭାରତ ଏବେ ୧୫୪ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ କୋହଲି ୧୮୧ଟି ବଲ ଖେଳି ୯ ଚୌକା ସହ ୮୨ ଓ ରାହାନେ ୧୦୩ଟି ବଲ ଖେଳି ୬ ଚୌକା ଓ ୧ ଛକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି।

ଇନିଂସର ତୃତୀୟ ଓ ଷଷ୍ଠ ଓଭରରେ ଭାରତ ଯଥାକ୍ରମେ ଦୁଇ ଓପନର ମୁରଲି ବିଜୟ ଓ ଲୋକେଶ ରାହୁଲଙ୍କ ହରାଇଥିଲା। ମୁରଲୀ ବିଜୟ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ଇନ୍ ସୁଇଙ୍ଗ୍ ବଲକୁ ଡ୍ରାଇଭ୍ କରିବାକୁ ଚେଷ୍ଟା କରିଥିଲେ। ଦୁର୍ବଳ ଶଟ ଚୟନ ଓ ଗ୍ୟାପ୍ କାରଣରୁ ସେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ୨ ରନ କରିଥିବା ବେଳେ ରାହୁଲ ଜୋସ ହାଜେଲ ଉଡ୍‌ଙ୍କ ଏକ ସୁନ୍ଦର ଓ୍ୱାର୍କରରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ତୃତୀୟ ଉଇକେଟ ଯୋଡିରେ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଓ କୋହଲି ଦୃଢ ବ୍ୟାଟିଂ କରି ୭୪ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ୨୪ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ପୂଜାରା ଷ୍ଟାର୍କଙ୍କ ଲେଗ୍ ଷ୍ଟାମ୍ପ ବାହାରର ଏକ ବଲ୍‌କୁ ଗ୍ଲାନ୍ସ କରିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ବ୍ୟାଟ୍ କଡ଼ରେ ବାଜିଥିଲା ଓ ଉଇକେଟ କିପର ଟିମ୍ ପେନ୍ ଏହି କ୍ୟାଚ୍ ଧରିବାରେ କୌଣସି ତ୍ରୁଟି କରି ନ ଥିଲେ। ଫଳରେ ୮୨ ରନରେ ଭାରତ ୩ ଉଇକେଟ ହରାଇଥିଲା। ତେବେ ଏହା ପରେ କୋହଲି ଓ ରହାନେ ଦେଖି ଚାହିଁ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ ଓ ଦଳର ଆଉ କୌଣସି କ୍ଷତି ଘଟାଇବାକୁ ଦେଇ ନ ଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୯୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ ୨ ଓ ହାଜେଲଉଡ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୭/୬ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୨୬ ରନରେ ଅଲଆଉଟ ହୋଇଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଟିମ୍ ପେନ୍ ୧୬ ଓ ପ୍ୟାଟ୍ କୁମିନ୍ସ ୧୧ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୮ ଓ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପେନ୍ ଯଶପ୍ରୀତ ବୁମରାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ କୁମିନ୍ସ ଉମେଶ ଯାଦବଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ଷ୍ଟାର୍କ ୬ ଓ ହାଜେଲଉଡ୍ ଖାତା ଖୋଲିବା ପୂର୍ବରୁ ଇଶାନ୍ତ ଶର୍ମାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ନାଥନ ଲିୟନ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଇଶାନ୍ତ ସର୍ବାଧିକ ୪, ବୁମରା, ଉମେଶ ଓ ହନୁମା ବିହାରୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ପ୍ରଥମ ଦିନରେ ଓପନର ମାର୍କସ ହାରିସ୍ ୭୦, ଆରୋନ ଫିଞ୍ଚ୍ ୫୦, ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୦୮.୩ ଓଭରରେ ୩୨୬ ଅଲଆଉଟ୍
(ହାରିସ୍- ୭୦, ଫିଞ୍ଚ୍- ୫୦, ହେଡ୍- ୫୮, ମାର୍ଶ- ୪୫, ପେନ୍- ୩୮, ଇଶାନ୍ତ- ୪/୪୧, ବୁମରା- ୨/୫୩, ଉମେଶ- ୨/୭୮, ବିହାରୀ- ୨/୫୩)।
ଭାରତ ପ୍ରଥମ ଇନିଂସ- ୬୯ ଓଭରରେ ୧୭୨/୩
(କୋହଲି- ୮୨*, ରାହାନେ- ୫୧*, ପୂଜାରା- ୨୪, ଷ୍ଟାର୍କ- ୨/୪୨, ହାଜେଲଉଡ- ୧/୫୦ )।

# ଇତିହାସ ରଚିଲା ଓଡ଼ିଶା ବାଳକ ଫୁଟବଲ




ଟ୍ରଫି ସହ ଚାମ୍ପିୟନ୍ ଓଡ଼ିଶା ଦଳର ଖେଳାଳିମାନେ।

**କଟକ ଅଫିସ,୧୫।୧୨**

ପ୍ରଥମଥର ନିମନ୍ତେ ଓଡ଼ିଶା ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ପୁରୁଷ ବର୍ଗରେ ଚାମ୍ପିୟନ ଟାଇଟଲ ହାସଲ କରିଛି। ଅରୁଣାଚଳ ପ୍ରଦେଶଠାରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲରେ ଶନିବାର ଓଡ଼ିଶା ଆୟୋଜକ ଅରୁଣାଚଳ ପ୍ରଦେଶକୁ ହରାଇ ଏହି ଇତିହାସ ରଚିଛି। ରୋମାଞ୍ଚକ ଫାଇନାଲ ମୁକାବିଲାରେ ଓଡ଼ିଶା ସଡନଡେଥ୍‌ରେ ଅରୁଣାଚଳପ୍ରଦେଶକୁ ହରାଇଥିଲା। ନିର୍ଦ୍ଧାରିତ ୯୦ ମିନିଟରେ କୌଣସି ଗୋଲ ହୋଇ ନଥିଲା। ପରେ ଖେଳାଯାଇଥିବା ଅତିରିକ୍ତ ୩୦ ମିନିଟରେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ଫଳରେ ପେନାଲ୍ଟି ଟାଇବ୍ରେକର ପଦ୍ଧତି ସହାୟତାରେ ମ୍ୟାଚ ଫଳାଫଳ ନିର୍ଦ୍ଧାରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ମଧ୍ୟ ଉଭୟ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ୩ଟି ଲେଖାଏ ଗୋଲ ଦେଇଥିଲେ। ଶେଷରେ ସଡନଡେଥ୍‌ରେ ଓଡ଼ିଶା ଗୋଲ ଦେଇ ପ୍ରଥମଥର ନିମନ୍ତେ ଚାମ୍ପିୟନ ହେବାର ଆଖ୍ୟା ଅର୍ଜନ କରିଛି। ଅନିଲ ଟପ୍ପୋଙ୍କ ନେତୃତ୍ୱାଧୀନ ଓଡ଼ିଶା ଜୁନିୟର ବାଳକ ଫୁଟବଲ ଦଳକୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶା ଗୋଲକିପର ବିଶାଲ ଓରାମଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଛି। ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଚାମ୍ପିୟନ ଦଳର ଖେଳାଳି ଓ କୋଚ୍‌ଙ୍କ ନିମନ୍ତେ ୧୦ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରିଛନ୍ତି। ସୂଚନାଥାଉକି, ଗତ ୨୦୧୫ ମସିହାରେ ଓଡ଼ିଶା ଶେଷଥର ନିମନ୍ତେ ଫାଇନାଲକୁ ଯାଇଥିଲା। ଦିଲ୍ଲୀ ଠାରେ ଅନୁଷ୍ଠିତ ଏହି ଫାଇନାଲ ମୁକାବିଲାରେ ଦଳ ୦-୧ ଗୋଲରେ ବେଙ୍ଗଲ ଠାରୁ ହାରି ରନର୍ସଅପ ହୋଇଥିଲା। ଏହାଛଡ଼ା ଗତ ସଂସ୍କରଣରେ ଓଡ଼ିଶା ସେମି ଫାଇନାଲରେ ହାରି ବିଦା ହୋଇଥିଲା।

## ଆଞ୍ଚଳିକ ଖବର

■ ମସ୍ତିପୁଟରେ ପିଠା କାର୍ଯ୍ୟକ୍ରମ

### ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଜିଲାପାଳ

**କୋରାପୁଟ,୧୫।୧୨(ସ୍ୱ.ପ୍ର.)**

କୋରାପୁଟ ବ୍ଲକର ମସ୍ତିପୁଟରେ ଶନିବାର ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ବ୍ଲକ ଅଧକ୍ଷା ନମିତା ମାଝି ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ପଡ଼ାଲ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ପଞ୍ଚାୟତସ୍ତରରେ ରହିଥିବା କଳାକାର, ଭତ୍ତା ପାଉ ନଥିବା ବୃଦ୍ଧବୃଦ୍ଧା ଓ ଅନ୍ୟ ଦିବ୍ୟାଙ୍ଗ ବ୍ୟକ୍ତି ସରକାରୀ ସହାୟତା ପାଇପାରିବେ ବୋଲି କହିଥିଲେ। ଫଳରେ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟିବ। ଜିଲା ପରିଷଦ ସଭ୍ୟଙ୍କ ସମେତ ମସ୍ତିପୁଟ ସରପଞ୍ଚ ଦୁର୍ଜୟ ଜାନି, ପିଇଓ, ସମିତି ସଭ୍ୟ, ୱାର୍ଡ଼ ମେମ୍ବର ଉପସ୍ଥିତ ଥିଲେ।

### ଜାନୁୟାରୀରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର



ବୋରିଗୁମ୍ମା ଏସ୍‌ଡିପିଓଙ୍କ ସହ ବରିଷ୍ଠ ନାଗରିକମାନେ।

**ବୋରିଗୁମ୍ମା/ଜୟପୁର, ୧୫।୧୨(ଡି.ଏନ୍.ଏ.)**

ବୋରିଗୁମ୍ମାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ବରିଷ୍ଠ ନାଗରିକମାନେ ଶନିବାର ଏସ୍‌ଡିପିଓଙ୍କ ସହିତ ସାକ୍ଷାତ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଷୟ ଆଲୋଚନା ହେବା ସହ ଜାନୁଆରୀରୁ ବୋରିଗୁମ୍ମାର ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପରିଚୟପତ୍ର ଦିଆଯିବା ପାଇଁ ଏସ୍‌ଡିପିଓ ହରେକୃଷ୍ଣ ମାଝି ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ନାଗରିକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମ୍ମାନିତ କରିବ ପୋଲିସ। ବୋରିଗୁମ୍ମା ଓ ଆଖାପାଖ ଅଞ୍ଚଳରେ ୪୦୦ରୁ ଉର୍ଦ୍ଧ୍ୱ ଅବସପ୍ରାପ୍ତ ସରକାରୀ କର୍ମଚାରୀ ରହିଛନ୍ତି। ସେହିପରି ବରିଷ୍ଠ ନାଗରିକଙ୍କ ସହାୟତାରେ ଅଞ୍ଚଳର ସମସ୍ତ ପ୍ରକାର ସମସ୍ୟା ସମାଧାନ କରିବାରେ ପୋଲିସ ସହାୟକ ହେବ ବୋଲି ଆଶା ଏସ୍‌ଡିପିଓ ଆଶା ପ୍ରକଟ କରିଛନ୍ତି। ବୈଠକରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି କୃଷ୍ଣଚନ୍ଦ୍ର ରଥ, ଏ. ଆଦିନାରାୟଣ ଏବଂ ଅନ୍ୟ ୩୦ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ପିଠା କାର୍ଯ୍ୟକ୍ରମ

**ଜୟପୁର/ବୈପାରୀଗୁଡ଼ା, ୧୫।୧୨(ଡି.ଏନ୍.ଏ.)**

ଜୟପୁର ବ୍ଲକର ଟାଙ୍ଗୁଆ, ବାଲିଆ, ଅନ୍ତା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ବିଡିଓ ସୁରଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁକାନ୍ତି ବାଗଦେରିଆ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଈଶ୍ୱର ବାଘ, ଏମ୍‌ପି ପ୍ରତିନିଧି ବାଲା ରାୟ ଯୋଗ ଦେଇଥିଲେ। ଏହି ଅବସରରେ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା, ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ପ୍ରତାପ ନାୟକ, ପଞ୍ଚାୟତ ଅଧିକାରୀ ଗୌରାଙ୍ଗ ରଥ, ଏପିଓ ସାଗରିକା ପଣ୍ଡା, ସରୋଜ ମହାନ୍ତି, ଜିପିଟିଏ ପି. ଲକ୍ଷ୍ମୀନାରାୟଣ ଦୋରା, ପିଇଓ ଅମ୍ବିକା ପାଢ଼ୀ, ସନାତନ ପଣ୍ଡା ଓ ପ୍ରଳୟ ତ୍ରିପାଠୀ ଉପସ୍ଥିତ ଥିଲେ ।

ବୈପାରୀଗୁଡ଼ା ବ୍ଲକର ସଦର, କାଠପଡ଼ା ଓ ତେନ୍ତୁଳିଗୁମ୍ମା ପଞ୍ଚାୟତରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଟିଡିଏ ପିଏ ଗୋପୀନାଥ ସାରକା, ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି ଓ ବିଡିଓ ସୁବାସ ଚନ୍ଦ୍ର ସିଂ ଏବଂ ଡେପୁଟି ଶ୍ରମ କମିସନର ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇ ଲୋକଙ୍କୁ ସରକାରଙ୍କ ସୁବିଧା ସୁଯୋଗ ଉପରେ ଅବଗତ କରାଯାଇଥିଲା । ଏହି ଅବସରରେ ୧୮ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନ କରାଯାଇଥିଲା। ସନ୍ତେଇପୁଟ ଗ୍ରାମର ଦେଶିଆ ନାଟଗୁରୁ ଧନୁର୍ଜୟ ସଗରିଆଙ୍କୁ ପ୍ରଥମ ହିତାଧିକାରୀ ଭାବେ କଳାକାର ଭତ୍ତା ଦିଆଯାଇଥିଲା । ସେହିପରି ମଧୁ ବାବୁ ଭତ୍ତା ପାଇଁ ୪୩ ଜଣ, ବିଜୁ ଜ୍ୟୋତି ଯୋଜନାରେ ୭୫ ଜଣ ଆବେଦନ କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ୧୫ ଶହ ପିଠା ବଣ୍ଟାଯାଇଥିଲା। ସରପଞ୍ଚ ଭାଗିରଥି ମୁର୍ଜିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବି ପଟ୍ଟନାୟକ ଏବଂ ଯୋଗାଣ ସହାୟକ ମଧୁସୂଦନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ବାଲିଆ ପଞ୍ଚାୟତର ପିଠା କାର୍ଯ୍ୟକ୍ରମରେ ଅତିଥିମାନେ।

### ବିବାହିତ ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଜୟପୁର,୧୫।୧୨(ଡି.ଏନ୍.ଏ.)**

ସିଆଡ଼ିମାଳ ଗ୍ରାମରେ ଜଣେ ବିବାହିତ ମହିଳାଙ୍କୁ ଦୁଇଜଣ ଯୁବକ ବଳାତ୍କାର କରିଥିବା ଜୟପୁର ସଦରଥାନାରେ ଶନିବାର ଅଭିଯୋଗ ହୋଇଛି। ଏନେଇ ମାମଲା ରୁଜୁ ହେବା ସହ ପୋଲିସ ଉକ୍ତ ଗ୍ରାମର କମଳ ଲୋଚନ ଦଣ୍ଡସେନା ଓ ରମେଶ ଦଣ୍ଡସେନାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛନ୍ତି । ଅନ୍ୟପକ୍ଷରେ ବିବାହିତ ମହିଳା ଜଣକ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ସପ୍ତାହକ ପୂର୍ବରୁ ମହିଳାଙ୍କୁ ଉଭୟ ଯୁବକ ବଳାତ୍କାର କରିଥିଲେ । ତାଙ୍କୁ ଶନିବାର ଜୟପୁର ଜିଲା ଚିକିତ୍ସାଳୟ ଅଣାଯାଇଥିବା ବେଳେ ପରେ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିବା ଥାନା ଅଧିକାରୀ କୈଳାସଚନ୍ଦ୍ର ସେଠୀ କହିଛନ୍ତି।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତୀଲୋ ! ସତେଇ ହଉଛୁ କେତେ ?**
**ତୋ ଘର ନିଆଁ ଅଣ୍ଟିରେ ପୂରେଇ,**
**ଖତେଇ ହଉଚୁ ମତେ ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତକୁ ହେଲା ସତର ;**
**ଶାଶୁ ଥାଉଁ ଥାଉଁ ନଣନ୍ଦ ଗଞ୍ଜିଲା,**
**ମଲିଟି ମୁହିଁ ଏଥର ।**

ଶାଶୁ ବୋହୂ କି ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ନ ପଡ଼ିଲେ ପରିବାରରେ ନାନା ଅଶାନ୍ତି ଘଟିଥାଏ। ମନ ସହ ମନ ନ ମିଶିବା ଫଳରେ ନାନା ବିଶୃଙ୍ଖଳା ଘଟିବା ସ୍ଥିର ନିଶ୍ଚିତ ହୋଇଯାଇଥାଏ। ଯେତେବେଳେ ଉଭୟ ଶାଶୁ ଓ ନଣନ୍ଦ ମିଶି ମିଛ ସତ କହି ନାନା ଅତ୍ୟାଚାର କରିବସନ୍ତି ସେତେବେଳେ ବିଚାରୀ ବୋହୂ ପକ୍ଷେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ନୂତନ ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ଗୁଣାତ୍ମକ ଶିକ୍ଷାଦାନ କରିବାକୁ ପରାମର୍ଶ

**କୋରାପୁଟ,୧୫।୧୨(ସ୍ୱ.ପ୍ର.)**

ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତା ମାଟ୍ରିକ୍ ପରୀକ୍ଷାରେ କୋରାପୁଟ ଜିଲାର ସମସ୍ତ ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରିବା ନିମନ୍ତେ ଶିକ୍ଷକମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ସରକାରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ମାଟ୍ରିକ ପରୀକ୍ଷାରେ ପିଲାମାନେ ଭଲ ନମ୍ବର ଆଣିବା ନିମନ୍ତେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଧ୍ୟାନ ଦେବା ଦରକାର ବୋଲି କହିଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନେଇ ସମସ୍ତ ରିପୋର୍ଟ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟା ସୁଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କୁ ଦେବା , ବିଦ୍ୟାଳୟର ପରିବେଶ ସଫାସୁତୁରା ରଖିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରଧାନଶିକ୍ଷକଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ନିକଟରେ ଅବସର ନେଇଥିବା ଏସ୍ ବେଗମ, କୁମୁଦିନି ହୋତା, ରବୀନ୍ଦ୍ରନାଥ ପଟ୍ଟନାୟକ, ଶିଶିର କିଶୋର ରାଉତ, ୟୁ ରାଜା ଖେର, କିଶୋର ଚନ୍ଦ୍ର ନନ୍ଦ, କୃଷ୍ଣ ଚନ୍ଦ୍ର ନନ୍ଦ, ଫୁଲଦାସ ଗୌଡ଼ ୮ ଜଣ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଜିଲାପାଳ ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ ଏଡିଇଓ ଅର୍ପିତା ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଜାନି , ଜୟପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶିଶିର କୁମାର ପାତ୍ର, ହିମାଂଶୁ ଶେଖର ଦାସ, ଶିବ ପ୍ରସାଦ ପାଢ଼ୀ, ରଞ୍ଜିତ ମୁନି , ହୃଷିକେଶ ଆଚାର୍ଯ୍ୟ ସହଯୋଗ କରିଥିଲେ ।




ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।


ଓଡ଼ିଶା ସରକାର
ODISHA ONE
ଓଡ଼ିଶା ଆମ ଗୌରବ
ଆମ ଗାଁ ଆମ ବିକାଶ
DSPL-298
3T (ଟ୍ରାନ୍ସପେରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ)
ଆମ ମୁଖ୍ୟମନ୍ତ୍ରୀଙ୍କ ଶାସନର ମନ୍ତ୍ର ଏବେ କେନ୍ଦ୍ରୀଭୂତ ହୋଇଛି ଏକ ନୂଆ ଉପକ୍ରମରେ
ପିଠା
PEETHA
PEOPLES EMPOWERMENT ENABLING TRANSPARENCY AND ACCOUNTABILITY
ଓଡ଼ିଶାବାସୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ସହିତ ସେମାନଙ୍କ ହକ୍ ସେମାନଙ୍କ ନିକଟରେ ସିଧାସଳଖ ପହଞ୍ଚାଇବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ନୂଆ କାର୍ଯ୍ୟକ୍ରମ 'ପିଠା'।
ରାଜ୍ୟର ସମସ୍ତ ୩୧୪ ଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପ୍ରତି ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ପିଠା କ୍ୟାମ୍ପର ଆୟୋଜନ କରାଯାଇ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ସଂପର୍କରେ ସଚେତନତା ସହିତ ଲୋକାଭିମୁଖୀ ସେବାଗୁଡିକ ସିଧାସଳଖ ହିତାଧିକାରୀଙ୍କୁ ପହଞ୍ଚାଇ ଦିଆଯିବ।
- ମଧୁବାବୁ ପେନ୍ସନ୍ ଯୋଜନା
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା
- ବାର୍ଦ୍ଧକ୍ୟ ଭତ୍ତା
- ଆମ ଏଲ୍ଇଡି
- ଖାଦ୍ୟ ସୁରକ୍ଷା
- ନିର୍ମାଣ ଶ୍ରମିକ ସହାୟତା ଯୋଜନା
- ମିଶନ୍ ଶକ୍ତି
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
- ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା
- ବିଜୁ ପକ୍କାଘର ଯୋଜନା
- କଳିଙ୍ଗ ଶିକ୍ଷା ସାଥୀ
- ବିଜୁ ଯୁବ ସଶକ୍ତିକରଣ ଯୋଜନା
- ମେଧାବୃତ୍ତି
19001/13/0022/1819

# Exam Mate



Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

## MOCK TEST PAPER # 2

### CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

i. ***The question paper comprises two sections, A and B. You are to attempt both the section.***

ii. ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

iii. ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

iv. ***Question numbers 3 to 5 in Section A are two marks questions. These are to be answered in about 30 words each.***

v. ***Question numbers 6 to 15 in Section A are three marks questions. These are to be answered in about 50 words each.***

vi. ***Questions number 16 to 21 in Section A are five marks questions. These are to be answered in about 70 words***

vii. ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

1. State one difference between conventional and non-conventional sources of energy.
2. What is the difference between a base and an akali ?
3. Explain with a reason whether the field will be stronger at the centre of current carrying loop or near the circumference of the loop ?
4. Why is respiration considered as an exothermic reaction ? Explain.
5. How would you distinguish between baking soda and washing soda by heating ?
6. Name the two hormones secreted bypancreas. Write one function of each hormone named.
7. Draw a labelled diagram of the longitudinal section of a flower.
8. An organic compound 'X' which is also called antifreeze mixture has the molecular formula $C_2H_4O$. 'X' on oxidation gives a compound 'Y' which gives effervescence with baking soda solution. What can X and Y be ? Write their structural formulae.

OR

A compound X is formed by the reaction of a carboxylic acid $C_2H_4O_2$ and an alcohol in presence of a few drops of $H_2SO_4$. The alcohol on oxidation with alkaline $KMnO_4$ followed by acidification gives the same carboxylic acid as used in this reaction. Give the names and structures of (a) carboxylic acid, (b) alcohol and (c) the compound X. Also write the reaction.

9. Arrangement of elements given below shows a part of the periodic table.

| | | | | | | | |
|---|---|---|---|---|---|---|---|
| H | | | | | | | He |
| Li | Be | B | C | N | O | F | Ne |
| Na | Mg | Al | Si | P | S | Cl | Ar |

Using this table explain.

i. why Li and Na are considered as active metal ?

ii. why atomic size of Mg is less than that of Na ?

iii. why fluorine is more reactive than chlorine ?

10. What is hypermetropia (far-sightedness) ? List two causes for this defect. State in brief how this defect can be corrected by using a lens.
11. Nikhil and Neha went to a remote village in Kerala to meet their grandmother. They were surprised to see a biogas plant in Mr. Nair's house in the neighbourhood. There were plenty of livestock's and the household used cooking gas from the plant. Also their farms had rich vegetation. They contacted sarpanch of the village and convinced him to set up a biogas plant for village community.

a. Mention the values displayed by Mr. Nair, Nikhil and Neha.

b. Explain the possible arguments given by Nikhil and Neha to the sarpanch to convince him to set up community biogas plant.

12. An object of 2 cm height is placed at distance of 5 cm from a concave mirror. Radius of curvature of concave mirror is 20 cm. Calculate

a. position of the image b. size of the image c. nature of the image.

13. A convex lens forms a real and inverted image of a needle at a distance of 50 cm from it. Where is the needle placed in front of the convex lens if the image is equal to the size of the object ? Also, find the power of the lens.
14. Why is energy flow called a "one-way street" ?
15. Define the terms

a. Analogous organs b. Vestigial organs c. Sex chromosome.

OR

What role does sexual reproduction play in evolution ?

16. a. What is a spherical mirror ? State its two type. Define the following terms related to spherical mirrors.

i. Pole ii. Centre of curvature

iii. Principal axis iv. Principal focus

b. A spherical mirror forms a real and inverted image of the same size as the object at a distance of 40 cm from the mirror. Find the (i) focal length and (ii) radius of curvature of the mirror.

17. Draw the pattern of magnetic field lines through and around a current carrying loop of wire. Mark the direction of:

i. electric current in the loop

ii. magnetic field lines.

How would the strength of magnetic field due to current, carrying loop be affected if:

a. radius of the loop is reduced to half its original value ?

b. strength of current through the loop is doubled ?

OR

Two wires A and B are of equal length and have equal resistance. If the resistivity of A is more than that of B which wire is thicker and why ?

For the electric circuit given below calculate:

i. Current in each resistor.

ii. Total current drawn from the battery, and

iii. Equivalent resistance of the circuit.




18. i. Write any two chemical tests to distinguish between saturated and unsaturated hydrocarbons.

ii. Explain the following:

a. What are the products formed when ethanol burns in air ?

b. What forms of energy are liberated on burning alcohol ?

19. i. Given below are steps for extraction of copper from its ore. Write the reactions involved for each step.

a. Roasting of copper (I) sulphide

b. Reduction of copper (I) oxide with copper (I) sulphide.

c. Electrolytic refining of copper.

ii. Draw the neat and labelled diagram for electrolytic refining of copper.




a. Identify the organisms in figure A, B, C and D.

b. Identify the life process commonly shown in all the figures.

c. How is this life process advantageous to the organisms ? Mention any two adavantages.

21. What is digestion ? Explain the process of digestion of food in humans.

### SECTION-B

22. A student has three voltmeters across three resistance $R_1$, $R_2$ and $R_3$ as shown in the circuit. Given that $R_1 < R_2 < R_3$ (i) Write $V_1$, $V_2$ and $V_3$ in decreasing order of the reading shown by each of them. (ii) What will you observed about the potential difference across the series combination?




23. A student performs an experiment in which he incident a ray of light AB on a glass slab as shown. Find the values of angle of incidence and angle of refraction for this ray of light.




24. State economic importance of yeast.
25. Draw a diagram of different parts of embryo of plant with its function.
26. Answer the following questions:

i. How will you show that ethanoic acid is acidic in nature ?

ii. What happens when ethanoic acid reacts withs odium hydrogen carbonate ?

27. Iron filings were added to copper sulphate solution. After 10 minutes, the blue colour of solution changed and a coat on iron filings was formed. State the change in the colour of solution and the colour of coat formed on iron filings. Justify your answer.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

"କ୍ଲିନ ଗଙ୍ଗା ମିଶନ ଅଧୀନସ୍ଥ ଏକ୍ସପ୍ରେସୱେ, ରାଜପଥ, ଜଳପଥ, ଜଳସେଚନ ପ୍ରକଳ୍ପରେ ନିବେଶ ଲାଗି ଘରୋଇ ସଂସ୍ଥାଗୁଡ଼ିକୁ ସରକାର ଆମନ୍ତ୍ରଣ କରୁଛନ୍ତି।
– ନୀତିନ ଗଡ଼କରୀ, କେନ୍ଦ୍ର ପରିବହନ ମନ୍ତ୍ରୀ



"ହାଇଦ୍ରାବାଦରେ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ଶୁଭାରମ୍ଭ ଦ୍ୱାରା ନୂଆ ଟେକ୍ନୋଲୋଜି ଏବଂ ଉଦ୍ଭାବନ ଦିଗରେ କାର୍ଯ୍ୟ କରିବାକୁ ସକ୍ଷମ ହେବୁ।
– ତସଲିମ୍ ଆରିଫ୍, ଉପସଭାପତି, ଓପୋ ଇଣ୍ଡିଆ



## ସଂକ୍ଷେପରେ

### ଉଡ଼ାଣ ବେଳେ ବ୍ୟବହାର କରି ହେବ ମୋବାଇଲ

**ନୂଆଦିଲ୍ଲୀ,୧୫-୧୨:** ବିମାନରେ ଯାତ୍ରା କଲାବେଳେ ମୋବାଇଲରେ କଥାବାର୍ତ୍ତା କରିବା ତଥା ଡାଟା ବ୍ୟବହାର କରିବାକୁ ଅନୁମତି ମିଳିବ। ଏ ସଂକ୍ରାନ୍ତରେ କେନ୍ଦ୍ରୀୟ ଟେଲିକମ୍ ବିଭାଗ(ଡିଓଟି) ଶୁକ୍ରବାର ଅନୁମତି ପ୍ରଦାନ କରିଛି ବୋଲି କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ସଚିବ ଆର.ଏନ୍.ଚୌବେ କହିଛନ୍ତି। ଇନ୍‌ଫ୍ଲାଇଟ କନେକ୍ଟିଭିଟି (ଆଇଏଫ୍‌ସି) ନିୟମ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଣିକି ଆଇଏଫ୍‌ସି ସେବା ଦେବାକୁ ଇଚ୍ଛୁକ ଟେଲିକମ୍ କମ୍ପାନୀ ଲାଇସେନ୍ସ ପାଇବା ଲାଗି ଡିଓଟିରେ ଆବେଦନ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ଆଇଏଫ୍‌ସି ଦେବା ଲାଗି ଯେଉଁ ବିମାନ କମ୍ପାନୀ ରାଜି ହେବେ ସେଥିଲାଗି ଲାଇସେନ୍ସ ପ୍ରଦାନ କରାଯିବ। ଏଥିସହିତ ଭାରତୀୟ ବାୟୁ ସୀମା ଦେଇ ଅତିକ୍ରମ କରୁଥିବା ବିମାନ ପାଇଁ ମଧ କମ୍ପାନୀମାନେ ଏହି ସେବା ଯୋଗାଇ ପାରିବେ। ଏୟାରଟେଲ, ଜିଓ ସହ ପ୍ରାୟ ସମସ୍ତ ଟେଲିକମ୍ ଅପରେଟର ଏଥିପାଇଁ ଇଚ୍ଛାପ୍ରକାଶ କରିସାରିଛନ୍ତି ବୋଲି ସୂଚନା ମିଳିଛି।

### ମାର୍ଚ୍ଚରୁ ବଦଳିବ ପର୍ସନାଲ ଫାଇନାନ୍ସ ନିୟମ

**ନୂଆଦିଲ୍ଲୀ,୧୫-୧୨:** ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପରେ ପର୍ସନାଲ ଫାଇନାନ୍ସ କ୍ଷେତ୍ରରେ କେତେକ ନିୟମ ବଦଳିଯିବ। ଏଣୁ ଏହାପୂର୍ବରୁ ସେଗୁଡିକର ସମାଧାନ କରିନେବା ଜରୁରୀ। କେନ୍ଦ୍ର ସରକାର ପାନ୍‌କୁ ଆଧାର ସହ ସଂଯୋଗ କରିବାର ଅନ୍ତିମ ଦିବସ ଚଳିତ ବର୍ଷ ଜୁନ୍ ୩୦ ଯାଏ ରଖିଥିଲେ। ପରେ ଏହାକୁ ବୃଦ୍ଧି କରି ଆସନ୍ତା ବର୍ଷ ମାର୍ଚ୍ଚ ୩୧ ଯାଏ କରାଯାଇଛି। ଅର୍ଥାତ୍ ଏହି ସମୟସୀମା ପରେ ଆଧାର ସହ ସଂଯୋଗ ହୋଇ ନ ଥିଲେ ଆୟକର ଆଇନର ଧାର ୧୩୯ଏଏ ଅନୁଯାୟୀ ପାନ୍ ଅବୈଧ ହୋଇଯିବ। ସେହିପରି ଘର କିଣିବାକୁ ଚିନ୍ତା କରୁଥିବା ବ୍ୟକ୍ତିବିଶେଷ ତୁରନ୍ତ ଏଥିପାଇଁ ଚିନ୍ତା କରନ୍ତୁ। କାରଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ର ଲାଭ ନେବାକୁ ଚାହୁଁଥିଲେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏଥିପାଇଁ ଅନ୍ତିମ ଦିବସ ଧାର୍ଯ୍ୟ ହୋଇଛି। ସେହିପରି କୌଣସି କମ୍ପାନୀର ଫିଜିକାଲ ଶେୟାର ରଖିଥିଲେ ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ଏହାକୁ ଡିମାଟ୍ କରିନିଆଯିବା ଆବଶ୍ୟକ। କାରଣ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଡିମାଟ୍ କରି ନ ଥିଲେ ଏହାକୁ ଷ୍ଟକ୍ ବଜାରରେ ବିକ୍ରି କରାଯାଇପାରିବନି। ଅନୁରୂପ ଭାବେ ଆୟକର ରିଟର୍ନ ଦାଖଲ କରି ନ ଥିବା ବ୍ୟକ୍ତିବିଶେଷ ଆସନ୍ତାବର୍ଷ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ନିଜର ବିଳମ୍ବିତ ଆଇଟିଆର୍ ଦାଖଲ କରିପାରିବେ। ନିର୍ଦ୍ଧାରଣ ବର୍ଷ ୨୦୧୭-୧୮ରୁ କେନ୍ଦ୍ର ସରକାର ବିଳମ୍ବିତ ଆଇଟିଆର୍ ଦାଖଲ ସମୟସୀମାକୁ ୨ ବର୍ଷରୁ କମାଇ ଏକ ବର୍ଷ କରିଛନ୍ତି। ଏଣୁ ଏହି ସମୟ ପାଇଁ ଟିକସଦାତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିଜର ବିଳମ୍ବିତ ରିଟର୍ନ ଦାଖଲ କରିବାକୁ ହେବ।

# ୩ ବ୍ୟାଙ୍କ ମିଶ୍ରଣକୁ କର୍ମଚାରୀଙ୍କ ବିରୋଧ

- ୨୬ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ
- ବିଓବି-ଦେନା-ବିଜୟା ବ୍ୟାଙ୍କ ମିଶ୍ରଣ ପାଇଁ ନିଆଯାଇଛି ନିଷ୍ପତ୍ତି
- ଏକୀକରଣ ବଦଳରେ ଶାଖା ବଢ଼ାଇବାକୁ ଦାବି
- ଅର୍ଥନୀତି ଓ ଜନହିତକୁ ମିଳିବନି ଫାଇଦା: ଚୌଧୁରୀ ଭେଙ୍କଟଚଳମ୍

**ନୂଆଦିଲ୍ଲୀ,୧୫-୧୨**

ବ୍ୟାଙ୍କିଙ୍ଗ ସେକ୍ଟରରେ ଏକୀକରଣ ଦ୍ୱାରା ଦେଶରେ ୪/୫ଟି ବୃହତ ବ୍ୟାଙ୍କ ଗଠନ କରିବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଛି। ଏହି କ୍ରମରେ ସରକାର ଏସ୍‌ବିଆଇ ସହ ୫ଟି ସହଯୋଗୀ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କକୁ ମିଶାଇ ଦେଇଛନ୍ତି। ଏହି କ୍ରମରେ ଏବେ ବ୍ୟାଙ୍କ ଅଫ୍ ବରୋଦା(ବିଓବି), ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ମିଶାଇ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ମିଶ୍ରଣକୁ ବ୍ୟାଙ୍କ କର୍ମଚାରୀ, ଅଧିକାରୀମାନେ ବିରୋଧ କରିଛନ୍ତି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଏଜ ଆସୋସିଏଶନ(ଏଆଇବିଇଏ) ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଆସନ୍ତା ୨୬ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ସରକାରଙ୍କ ଉକ୍ତ ନିଷ୍ପତ୍ତି ଉଭୟ ଅର୍ଥନୀତି ଓ ଜନହିତରେ ନୁହେଁ ବୋଲି ସେମାନେ କହିଛନ୍ତି।

ଶନିବାର ଏଆଇବିଇଏ ପକ୍ଷରୁ କୁହାଯାଇଛି ଯେ, ବିଓବି, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ। ସେମାନଙ୍କ ଚାକିରି ଓ ନିଯୁକ୍ତି ସୁରକ୍ଷା ଏବେ ବିପଦରେ। ଏହାଛଡ଼ା ଏହି ନିଷ୍ପତ୍ତି ଯୋଗୁ ବ୍ୟାଙ୍କିଙ୍ଗ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ପ୍ରଭାବିତ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ଚୌଧୁରୀ ଭେଙ୍କଟଚଳମ୍ କହିଛନ୍ତି। ଏବେ ବି ବହୁ ଗ୍ରାମକୁ ବ୍ୟାଙ୍କିଙ୍ଗ ସେବା ପହଞ୍ଚିନି। ବ୍ୟାଙ୍କିଙ୍ଗ ସେବାରୁ ବହୁ ଲୋକ ଆଜିସୁଦ୍ଧା ବଞ୍ଚିତ। ଏଣୁ ବ୍ୟାଙ୍କଗୁଡ଼ିକର ଏକୀକରଣ ପରିବର୍ତ୍ତେ ଶାଖା ବୃଦ୍ଧି ହେବା ଆବଶ୍ୟକ। ମିଶ୍ରଣ ଦ୍ୱାରା ବ୍ୟାଙ୍କଗୁଡିକ ଶକ୍ତିଶାଳୀ ହେବ ବୋଲି ସରକାରଙ୍କ ଯୁକ୍ତିକୁ ଖଣ୍ଡନ କରି ସେ କହିଛନ୍ତି ଯେ, ଏନେଇ ଆଜିଯାଏ ଏ ଦିଗରେ କୌଣସି ପ୍ରମାଣ ମିଳିନାହିଁ। ୬ଟି ବ୍ୟାଙ୍କକୁ ଏସ୍‌ବିଆଇ ସହ ମିଶାଇ ଦିଆଗଲା। କିନ୍ତୁ ଏସ୍‌ବିଆଇ ଆହୁରି ବଡ଼ ହେଲାନି ବୋଲି ସେ ପାଲଟା ଯୁକ୍ତି ବାଢ଼ିଛନ୍ତି। ଏସ୍‌ବିଆଇ ସହ ମିଶ୍ରଣ ପରେ ଏନ୍‌ପିଏ ପରିମାଣ ୨.୨୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏଣୁ ସରକାରଙ୍କ ବକ୍ତବ୍ୟରେ ସତ୍ୟତା ନାହିଁ। ମିଶ୍ରଣ ପରିବର୍ତ୍ତେ ସରକାର ଅନାଦାୟ ଋଣକୁ ଆଦାୟ କରିବା ଲାଗି କଡ଼ାକଡ଼ି ପଦକ୍ଷେପ ନିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ବିଓବି, ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କର ମୋଟ୍ ଏନ୍‌ପିଏ ପରିମାଣ ପ୍ରାୟ ୮୦ ହଜାର କୋଟି ଟଙ୍କା ରହିଛି। ବ୍ୟାଙ୍କ ମିଶ୍ରଣ ପରେ ଏହା ସ୍ୱତଃ ଆଦାୟ ହୋଇଯିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ, ଅଧିକାରୀ ଆସନ୍ତା ୨୬ରେ ଦେଶବ୍ୟାପୀ ଧର୍ମଘଟରେ ସାମିଲ ହେବେ ବୋଲି ସେ କହିଛନ୍ତି।

# ଏସ୍‌ବିଆଇ-ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୁଝାମଣା



**ଭୁବନେଶ୍ୱର, ୧୫-୧୨**

ପେନ୍‌ସନ ପ୍ରଦାନ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, ରେଜିଷ୍ଟ୍ରାର ସଂଯତ କୁମାର ସାହୁ, ଏସ୍‌ବିଆଇର ଉପମହାପ୍ରବନ୍ଧକ ଗୌତମ ରାୟ ଏବଂ ସହାୟକ ପ୍ରବନ୍ଧକ ପ୍ରିୟଦର୍ଶନଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

# ହୋଣ୍ଡା ଜଏ କ୍ଲବରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟ

**ଭୁବନେଶ୍ୱର, ୧୫-୧୨**




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ଆରମ୍ଭ ହୋଇଥିବା ଏହାର କଷ୍ଟମର ଲୟାଲଟି କାର୍ଯ୍ୟକ୍ରମ ହୋଣ୍ଡା ଜଏ କ୍ଲବର ପଞ୍ଜୀକରଣ ୨ ଲକ୍ଷ ଟପିଛି। ଏହା ଚଳିତ ବର୍ଷ ଅକ୍ଟୋବରରେ ଆରମ୍ଭ ହୋଇଥିଲା। ଏଥିରେ କମ୍ପାନୀ ଏହାର ନୂଆ ଏବଂ ପୁରୁଣା ଗ୍ରାହକଙ୍କୁ ଅନେକ ଆକର୍ଷଣୀୟ ସୁବିଧା ପ୍ରଦାନ କରୁଛି। ଭାରତୀୟ ଯାନ ଇତିହାସରେ ଏହା ପ୍ରଥମ ଡିଜିଟାଲ ଲୟାଲଟି କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଶତ ପ୍ରତିଶତ ଡିଜିଟାଲ ହୋଇଥିବା ବେଳେ ଗ୍ରାହକଙ୍କୁ ଉନ୍ନତ ବିକଳ୍ପ ପ୍ରଦାନ କରୁଛି ବୋଲି କମ୍ପାନୀର ସେଲସ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଅନେକ ଟଚ୍ ପଏଣ୍ଟରେ ଗ୍ରାହକମାନେ ହୋଣ୍ଡା କରେନ୍ସି ରିଡିମ କରିବାର ସୁବିଧା ପାଇପାରିବେ। ଜଏ କ୍ଲବର ସଦସ୍ୟମାନେ ହସ୍ପିଟାଲିଟି, ଟ୍ରାଭେଲ, ହେଲଥ କେୟାର, ଆପାରେଲ, ଏଫ୍‌ଆଣ୍ଡବି, ମନୋରଞ୍ଜନ, ପର୍ସନାଲ କେୟାର, ବୀମା ୟୁଟିଲିଟି ସେବା, ୱାଲେଟରେ କ୍ୟାଶବ୍ୟାକ ସୁବିଧା ପାଇବେ। ମାତ୍ର ୨୯୯ ଟଙ୍କାରେ ତିନି ବର୍ଷ ପାଇଁ ହୋଣ୍ଡା ଜଏ କ୍ଲବର ସଦସ୍ୟ ହେବାର ସୁଯୋଗ ମିଳିବ।

# ପବ୍ଲିକ କ୍ରେଡିଟ୍ ରେଜିଷ୍ଟ୍ରି ସପକ୍ଷରେ ବିରଳ ଆଚାର୍ଯ୍ୟ

**ମୁମ୍ବାଇ,୧୫-୧୨**

ରିଜର୍ଭ ବ୍ୟାଙ୍କ ସାର୍ବଜନୀନ କ୍ରେଡିଟ୍ ରେଜିଷ୍ଟ୍ରି ଜରିଆରେ ମାଇକ୍ରୋ ବିଜନେସରେ ଋଣ ପ୍ରବାହକୁ ସୁଗମ କରିବା ଲାଗି ମୌଳିକ ପରିବର୍ତ୍ତନ ପସନ୍ଦ କରେ ବୋଲି ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ମତ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଚାପଗ୍ରସ୍ତ ସମ୍ପତ୍ତି ଥିବା ଏମ୍‌ଏସ୍‌ଏମ୍‌ଇ ଋଣଗ୍ରହୀତାଙ୍କ ଲାଗି ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଏକ ଋଣ ପୁନର୍ଗଠନ ଯୋଜନା ସମ୍ପର୍କରେ ବିଚାର କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡ ବ୍ୟାଙ୍କିଙ୍ଗ ନିୟାମକକୁ ମାସକ ପୂର୍ବେ ନିର୍ଦ୍ଦେଶ ଦେଇଥିଲେ। ବିମୁଦ୍ରୀକରଣ ଓ ଜିଏସ୍‌ଟି ଭଳି ଦୁଇଟି ବଡ଼ ଝଟ୍‌କା ସହି ପାରି ନ ଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୋର୍ଡ ଉପରେ ଚାପ ପ୍ରୟୋଗ କରାଯାଇଥିଲା।

ଆଇଆଇଟି ବମ୍ବେର ବାର୍ଷିକ ସମ୍ମିଳନୀ ଟେକ୍‌ଫେଷ୍ଟରେ ଯୋଗଦେଇ ଆଚାର୍ଯ୍ୟ କହିଛନ୍ତି ଯେ, ଋଣଖିଲାପ ସମସ୍ୟାର ସମାଧାନ କରିବାକୁ ହେବ। ଏଥିପାଇଁ ସହନଶୀଳ ହୋଇ ସେମାନଙ୍କୁ ଆଉ ୬ରୁ ୯ ମାସ ସମୟ ଦେବା ଅପେକ୍ଷା ବାସ୍ତବ କ୍ଷେତ୍ରରେ ଏହାକୁ ଦୂର କରିବା ଲାଗି ଆର୍‌ବିଆଇ ବ୍ୟଗ୍ର। ଏକ ପ୍ରିମିୟର ଇଞ୍ଜିନିୟରିଂ ପ୍ରତିଷ୍ଠାନର ଛାତ୍ର ଥିବା ଆଚାର୍ଯ୍ୟ କହିଛନ୍ତି ଯେ, ଆର୍‌ବିଆଇ ପକ୍ଷରୁ ଏକ ସାର୍ବଜନିନ କ୍ରେଡିଟ୍ ରେଜିଷ୍ଟ୍ରି ତିଆରି କରାଯାଉଛି। ଏଥିରେ ବ୍ୟାଙ୍କର ସମ୍ପୂର୍ଣ୍ଣ ଋଣ ବିବରଣୀ, ଋଣଗ୍ରହୀତା ନେଇଥିବା ଋଣ ଓ ତାଙ୍କର ନିୟମିତ ଆୟ ପ୍ରବାହ ସଂକ୍ରାନ୍ତୀୟ ତଥ୍ୟ ରହିବ। ଏହାଦ୍ୱାରା ଋଣପ୍ରଦାନକାରୀ ବ୍ୟାଙ୍କ ଅଧିକ ଆତ୍ମବିଶ୍ୱାସର ସହିତ ଋଣ ଦେଇପାରିବେ। ଆବଶ୍ୟକସ୍ଥଳେ ଏହା ଋଣଗ୍ରହୀତାଙ୍କୁ କମ୍ ସୁଧରେ ମଧ ଋଣ ଦେବାକୁ ସକ୍ଷମ ହେବେ ବୋଲି ସେ କହିଛନ୍ତି।

### ଏମ୍‌ଏସ୍‌ଏମ୍‌ଇଙ୍କୁ ଋଣ ସୁବିଧା



ବିରଳ ଆଚାର୍ଯ୍ୟ

## ଚତୁର୍ଥ ତ୍ରୈମାସରେ ପିସିଏରୁ ବାହାରିବେ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ମୁମ୍ବାଇ,୧୫-୧୨:** ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ଅଧୀନରେ ଥିବା ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ଅନ୍ତତଃପକ୍ଷେ ୪ଟି ଚତୁର୍ଥ ତ୍ରୈମାସରେ ଏଥିରୁ ବାହାରି ଆସିବେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସଙ୍କେତ ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କର ବୋର୍ଡ ବୈଠକ ପରେ ଏହା ସାମ୍ନାକୁ ଆସିଛି। ବୋର୍ଡ ବୈଠକରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେନା ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବେ ଆର୍ଥିକ ସେବା ସଚିବ ରାଜୀବ କୁମାର ଓ ଅର୍ଥ ସଚିବ ଏସ.ସି. ଗର୍ଗ ଉପସ୍ଥିତ ଥିଲେ। ଏଥିରେ ବ୍ୟାଙ୍କିଙ୍ଗ ସେକ୍ଟରର ବିକାଶ ଲାଗି ଆବଶ୍ୟକ ପଦକ୍ଷେପ ନେଇ ଆଲୋଚନା ହୋଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ବର୍ଷ ଜାନୁୟାରୀ ମଧଭାଗରେ ବସିବ ବୋଲି ନିଷ୍ପତ୍ତି ନିଆଯାଇଛି। ପିସିଏରୁ ବାଦ୍ ଦେବା ପୂର୍ବରୁ ଆର୍‌ବିଆଇ ୧୧ଟି ଯାକ ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ପରଖିବ। ଚତୁର୍ଥ ତ୍ରୈମାସରେ ସେମାନଙ୍କ ମଧ୍ୟରୁ ଅତିକମ୍‌ରେ ୪ଟି ବ୍ୟାଙ୍କ ପିସିଏରୁ ବାଦ୍ ପଡିବେ। ଫଳରେ ସେମାନେ ଋଣ ଦେବାକୁ ସକ୍ଷମ ହେବେ।

**PARADIP PORT TRUST**

CORRIGENDUM-I to e-tender call notice no EM/MM/PE-59/2018/1811tdr219, Dt.: 29.11.2018 for supply of Led Strip Light

The due date of submission of Tender & opening of Technical Bid is hereby further extended as below:
1. Last Date of submission of tender up to 5.00 PM of Dt. 02.01.2019.
2. Opening of EMD Bid at 3.30 PM of Dt. 04.01.2019.

All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager

PPT/PR/536/18-19 Dt.: 14.12.2018

**OHPC** ISO 9001:2008 Certified Company

## ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ଓ କଲ୍ୟାଣ ନିଗମ କାର୍ଯ୍ୟାଳୟ, ବାଣୀବିହାର ଛକ, ଜନପଥ, ଭୁବନେଶ୍ୱର – ୭୫୧୦୨୨

**ସାଧାରଣ ବିଜ୍ଞପ୍ତି**

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ପରିଚ୍ଛେଦ ୬୪ (୨) ଅନୁଯାୟୀ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନର୍ଦ୍ଧାରଣ ନିମିତ୍ତ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର–୨୧ ନିକଟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିବା ଦରଖାସ୍ତର ପ୍ରକାଶନ।

୧) କମ୍ପାନୀ ଅଧିନିୟମ, ୧୯୫୬ ଅନୁଯାୟୀ ଗଠନ ହୋଇଥିବା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏକ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ, ବିଦ୍ୟୁତ୍ ଅଧିନିୟମ ୨୦୦୩ର ପରିଚ୍ଛେଦ ୬୪ ଓ ୮୬ ଅନୁଯାୟୀ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ତାର ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱରଙ୍କ ନିକଟରେ ତା ୩୦.୧୧.୨୦୧୮ ରିଖରେ ଦାଖଲ କରିଅଛି, ଯାହା କେସ୍ ନମ୍ବର ୬୯/୨୦୧୮ ରେ ପଞ୍ଜିକୃତ କରାଯାଇଅଛି।

୨) ମାନ୍ୟବର ଆୟୁକ୍ତ ଜନ ଶୁଣାଣି ମାଧ୍ୟମରେ ଏହି ବିଷୟଟିର ଫଇସଲା କରିବା ନିମନ୍ତେ ସ୍ଥିର କରିଛନ୍ତି।

୩) ଉପରୋକ୍ତ ଦରଖାସ୍ତର ନକଲ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ କର୍ପୋରେଟ୍ କାର୍ଯ୍ୟାଳୟ, ବାଣୀ ବିହାର ଛକ, ଜନପଥ, ଭୁବନେଶ୍ୱର ଏବଂ ଏହାର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ଏହି ସାଧାରଣ ବିଜ୍ଞପ୍ତି ସହିତ ଦାଖଲ କରାଯାଇଥିବା ସମ୍ପୂର୍ଣ୍ଣ ଦରଖାସ୍ତ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୱେବ୍‌ସାଇଟ୍ www.ohpcltd.com ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ ହେବ।

୪) (କ) **ତା.୧୬.୦୧.୨୦୧୯ ରିଖ** ମଧ୍ୟରେ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ଖୋଲା ସମୟରେ ସଂପୃକ୍ତ ଅଧିକାରୀଙ୍କୁ ସାଧା କାଗଜରେ ଦରଖାସ୍ତ ଦେଇ, ଆଗ୍ରହୀ ବ୍ୟକ୍ତିମାନେ ଏହି ବିଷୟ ସମ୍ବନ୍ଧୀୟ ନଥିପତ୍ର ଦେଖିପାରିବେ ଏବଂ ଲେଖିକରି ଆଣି ପାରିବେ। ଉପରୋକ୍ତ ସମୁଦାୟ ଆବଶ୍ୟକ ପୁଞ୍ଜି ଦରଖାସ୍ତର ନକଲ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ଖୋଲା ସମୟରେ ନକଲ ଦେୟ ବାବଦକୁ ଟ.୧୦୦/– ପୈଠ କରି ପାଇପାରିବେ।

(ଖ) ପ୍ରସ୍ତାବର ସାରାଂଶ ଆୟୋଗଙ୍କ ୱେବ୍‌ସାଇଟ୍ ରେ **ତା ୧୧.୦୧.୨୦୧୯ ରିଖ** ପରେ ସର୍ବସାଧାରଣ ଅବଗତି ନିମନ୍ତେ ଉପଲବ୍ଧ ହେବ।

୫) ସମର୍ଥିତ କାଗଜ ପତ୍ର ସହିତ ଏହି ସମ୍ବନ୍ଧୀୟ କୌଣସି ପ୍ରସ୍ତାବ / ଆପତ୍ତି, ସଂପାଦକ **ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ ନଂ.–୪, ଚୁନୁକୋଳି, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧ ୦୨୧** ଙ୍କ ନିକଟରେ ବ୍ୟକ୍ତି ବିଶେଷ କିମ୍ବା ରେଜିଷ୍ଟ୍ରି ଡାକ କିମ୍ବା କ୍ଷିପ୍ର ବାହକ ସେବା ମାଧ୍ୟମରେ ଦାଖଲ କରାଯାଇପାରେ, ଯାହାକି **ତା ୧୬.୦୧.୨୦୧୯ରିଖ** ଦିନ କିମ୍ବା ତା ପୂର୍ବରୁ ତାଙ୍କ ନିକଟରେ ନିଶ୍ଚିତ ପହଞ୍ଚିବା ଆବଶ୍ୟକ। ସମ୍ବନ୍ଧୀୟ କାଗଜପତ୍ର ସହିତ ଉପରୋକ୍ତ ପ୍ରସ୍ତାବ/ଆପତ୍ତିର ଏକ କିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ମଧ୍ୟ ଦେବା ଆବଶ୍ୟକ।

(କ) ପ୍ରସ୍ତାବ/ଆପତ୍ତି ଗୁଡ଼ିକର ୭ (ସାତ) କିତା ନକଲ ସଂପାଦକ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ଏବଂ ସେଥିରେ ପ୍ରସ୍ତାବ/ଆପତ୍ତି ପଠାଇଥିବା ବ୍ୟକ୍ତି / ସଂଗଠନ / ଅନୁଷ୍ଠାନର ପୁରା ନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ରହିଥିବା ଆବଶ୍ୟକ ଏବଂ ତାହା ଏକ ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇଥିବା ଆବଶ୍ୟକ।

(ଖ) କୌଣସି ବର୍ଗର ଉପଭୋକ୍ତାଙ୍କ ପାଇଁ କୌଣସି ସଂଗଠନ/ଅନୁଷ୍ଠାନ ତରଫରୁ ପ୍ରସ୍ତାବ/ ଅଭିଯୋଗ ପଞ୍ଜିକୃତ କରାଗଲେ, ତାହା ସ୍ପଷ୍ଟ ଭାବେ ସୂଚିତ ହେବା ଆବଶ୍ୟକ। ଯଦି ବ୍ୟକ୍ତିଗତ ଭାବରେ ଶୁଣାଣି କରାଇବାକୁ ଚାହାନ୍ତି, ତେବେ ଆୟୁକ୍ତଙ୍କୁ ସ୍ପଷ୍ଟ ଭାବେ ଜଣାଇବା ଆବଶ୍ୟକ।

(ଗ) ଉପରୋକ୍ତ ତାରିଖ ପରେ ପହଞ୍ଚିଥିବା ପ୍ରସ୍ତାବ / ଅଭିଯୋଗ ଗୁଡ଼ିକ ଏବଂ ଉପରୋକ୍ତ ନିୟମାବଳୀର ସର୍ତ୍ତ ସଂପୂର୍ଣ୍ଣ ଭାବେ ପୂରଣ ନହେଲେ, ଏହା ଶୁଣାଣି ପାଇଁ ଗ୍ରହଣଯୋଗ୍ୟ ହୋଇ ନପାରେ। କେବଳ ଯେଉଁ ଅଭିଯୋଗ/ପ୍ରସ୍ତାବ ଗୁଡ଼ିକ ସତ୍ୟପାଠ ମାଧ୍ୟମରେ ପୈଠ କରାଯାଇଥିବ, ସେହି ଗୁଡ଼ିକୁ କେବଳ ଶୁଣାଣି ପାଇଁ ଗ୍ରହଣ କରାଯିବ।

୬) **ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଶୁଣାଣିର ତାରିଖ ଖବରକାଗଜରେ ଯଥାବିଧି ପ୍ରକାଶ କରାଯିବ ଏବଂ ଯେଉଁ ପକ୍ଷମାନଙ୍କର ଆପତ୍ତି ଗ୍ରହଣ କରାଯିବ ସେମାନଙ୍କୁ ମଧ ଜଣାଇ ଦିଆଯିବ।**

**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧିନସ୍ଥ ବିଭିନ୍ନ ଶକ୍ତି ଉତ୍ପାଦନ କେନ୍ଦ୍ର ଗୁଡ଼ିକର ଆର୍ଥିକ ବର୍ଷ ୨୦୧୯–୨୦ ପାଇଁ ପ୍ରସ୍ତାବିତ କାପାସିଟି ମୂଲ୍ୟ ଓ ଏର୍ନର୍ଜି ମୂଲ୍ୟ**

| ବିଦ୍ୟୁତ୍ କେନ୍ଦ୍ରର ନାମ | ବାର୍ଷିକ ସ୍ଥାୟୀ ଖର୍ଚ୍ଚ ଦାବି (ଏ.ଆର.ଆର) (କୋଟି ଟଙ୍କାରେ) | ବାର୍ଷିକ କାପାସିଟି ମୂଲ୍ୟ (ଏ.ସି.ସି) (କୋଟି ଟଙ୍କାରେ) | ବାର୍ଷିକ ଏନର୍ଜିମୂଲ୍ୟ (ଏ.ଇ.ସି) (କୋଟି ଟଙ୍କାରେ) | ବିକ୍ରୟ ରୂପାଙ୍କନ ଶକ୍ତି (ମିଲିୟନ ୟୁନିଟ୍‌ରେ) | ଏନର୍ଜିମୂଲ୍ୟ ହାର (ଇ.ସି.ଆର) (ପଇସା/ୟୁନିଟ୍) |
|---|---|---|---|---|---|
| ରେଙ୍ଗାଲି | ୬୬.୮୭୫ | ୩୩.୪୩୭ | ୩୩.୪୩୭ | ୫୧୪.୫୦ | ୬୪.୯୯୦ |
| ଉପର କୋଲାବ | ୫୦.୬୬୧ | ୨୫.୩୩୦ | ୨୫.୩୩୦ | ୮୧୫.୩୬ | ୩୧.୦୬୭ |
| ବାଲିମେଳା | ୧୦୫.୯୬୫ | ୫୨.୯୮୩ | ୫୨.୯୮୩ | ୧୧୫୯.୩୪ | ୪୫.୭୦୧ |
| ହୀରାକୁଦ୍ | ୧୧୨.୨୮୬ | ୫୬.୧୪୩ | ୫୬.୧୪୩ | ୬୫୩.୬୮ | ୮୫.୮୮୮ |
| ଚିପିଲିମା | ୨୮.୧୧୬ | ୧୪.୦୫୮ | ୧୪.୦୫୮ | ୪୮୦.୨୦ | ୨୯.୨୭୫ |
| ଉପର ଇନ୍ଦ୍ରାବତୀ | ୧୮୯.୩୧୪ | ୯୪.୬୫୭ | ୯୪.୬୫୭ | ୧୯୨୨.୭୬ | ୪୯.୨୩୦ |

ତା. ୧୫.୧୨.୨୦୧୮

ସ୍ୱା/–
ନିର୍ଦ୍ଦେଶକ (ପରିଚାଳନା)
ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ

ବି.ଦ୍ର.: ୧. ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ବିଭିନ୍ନ ଜଳ ବିଦ୍ୟୁତ୍ କେନ୍ଦ୍ର ଗୁଡ଼ିକର ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୱେବ୍‌ସାଇଟ୍ www.ohpcltd.com ଏବଂ ଆୟୁକ୍ତଙ୍କ ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ।

୨. ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଦ୍ୱନ୍ଦ ଥାଏ, ତାହା ହେଲେ ସତ୍ୟତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ।

C.D.A
## କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର –7 ରେ ପ୍ଲଟ ନଂ – F/799 ଟିକୁ ଶ୍ରୀମତୀ ଭାରତୀ ମଲ୍ଲିକ, ସ୍ୱାମୀ – ଶ୍ରୀ ମନମୋହନ ମଲ୍ଲିକ, ସା/ପୋ/ଥା – ରାଜକନିକା, ଜିଲ୍ଲା – କେନ୍ଦ୍ରାପଡାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଭାରତୀ ମଲ୍ଲିକ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଗୌରୀ ଘୋଷ, ସ୍ୱାମୀ – ୰ ମଳୟ ମିତ୍ର, ସା – ବେଗୁନିଆ, ପୋ – ଗୋପ, ଥା – ନିମାପଡା, ଜିଲ୍ଲା – ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

## OFFICE OF THE PANCHAYAT SAMITI, TIGIRIA
**SOCIAL AUDIT CALEDNAR 2018-19 UNDER MGNREGS (OSSAAT)**
(Social Audit Period from 01.10.2017 to 31.03.2018)

| Sl. No. | Name of the GP | Social Audit Starting Date | Social Audit Ending Date | Date of Janasunani / Social Audit Gram Sabha at GP | Date of Public Hearing at Block Level |
|---|---|---|---|---|---|
| 1. | Achalkot | 21.12.2018 | 27.12.2018 | 27.12.2018 | 24.01.2019 |
| 2. | Badanauput | 21.12.2018 | 27.12.2018 | 27.12.2018 | |
| 3. | Baliput | 21.12.2018 | 27.12.2018 | 27.12.2018 | |
| 4. | Bhiruda | 21.12.2018 | 27.12.2018 | 27.12.2018 | |
| 5. | Bhogada | 21.12.2018 | 27.12.2018 | 27.12.2018 | |
| 6. | Bindhanima | 02.01.2019 | 08.01.2019 | 08.01.2019 | |
| 7. | Gadadharpur | 02.01.2019 | 08.01.2019 | 08.01.2019 | |
| 8. | Hatamal | 02.01.2019 | 08.01.2019 | 08.01.2019 | |
| 9. | Jemadeipur | 02.01.2019 | 08.01.2019 | 08.01.2019 | |
| 10. | Nizigarh | 02.01.2019 | 08.01.2019 | 08.01.2019 | |
| 11. | Nuapatna | 11.01.2019 | 17.01.2019 | 17.01.2019 | |
| 12. | Panchagaon | 11.01.2019 | 17.01.2019 | 17.01.2019 | |
| 13. | Puruna Tigiria | 11.01.2019 | 17.01.2019 | 17.01.2019 | |
| 14. | Sompada | 11.01.2019 | 17.01.2019 | 17.01.2019 | |

Sd./- Block Development Officer, Tigiria

## ସମ୍ବଲପୁର ମହାନଗର ନିଗମ
ପ୍ରସ୍ତାବ ସଂଖ୍ୟା: ୦୧ ତାରିଖ: ୧୪।୧୨।୨୦୧୮

ଏତଦ୍ୱାରା ସମ୍ବଲପୁର ମହାନଗର ନିଗମର ସମସ୍ତ ଅଧିବାସୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ଼କୁ ଖୋଲା ଶୌଚମୁକ୍ତ ୱାର୍ଡ଼ ଭାବେ ଘୋଷଣା କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁ ଲୋକଙ୍କ ଘରେ ଶୌଚାଳୟ ନାହିଁ, ସେମାନଙ୍କୁ ମହାନଗର ନିଗମ ତରଫରୁ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ମହାନଗର ନିଗମ ଦ୍ୱାରା ୧୨୦୦୦ରୁ ଅଧିକ କାର୍ଯ୍ୟାଦେଶ ଜାରି କରାଯାଇଛି। ମହାନଗର ନିଗମ ଦ୍ୱାରା ସମ୍ବଲପୁର ସହରରେ ୭୫ଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି ଏବଂ ଆହୁରି କିଛି ଶୌଚାଳୟ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉଛି। ଏହି ଗୋଷ୍ଠୀ ଶୌଚାଳୟଗୁଡ଼ିକ ୱାର୍ଡବାସୀ ବିନାମୂଲ୍ୟରେ ବ୍ୟବହାର କରିପାରିବେ ଓ ଏହା ୱାର୍ଡ଼ର ଅଧିବାସୀମାନଙ୍କ ଠାରୁ ଅତି ବେଶିରେ ୫୦୦ ମିଟର ଦୂରରେ ଅବସ୍ଥିତ। ଏହା ସତ୍ତ୍ୱେ ଯଦି କେହି ଖୋଲାରେ ମଳତ୍ୟାଗ କରନ୍ତି ତେବେ ଜୋରିମାନା ସ୍ୱରୂପ ୫୦୦ ଟଙ୍କା ଦେବାକୁ ପଡ଼ିବ।

ଏହି ପରିପ୍ରେକ୍ଷୀରେ ସମ୍ବଲପୁର ମହାନଗର ନିଗମ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ, ଆଗାମୀ ୨୮।୧୨।୨୦୧୮ଦିନ ସମ୍ବଲପୁର ମହାନଗର ନିଗମ ଅଞ୍ଚଳକୁ ଖୋଲା ଶୌଚମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯିବ। ନିଜ ଅଞ୍ଚଳକୁ ଖୋଲା ଶୌଚମୁକ୍ତ ତଥା ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ, ତେଣୁ ସମସ୍ତଙ୍କର ସହଯୋଗ ଏକାନ୍ତ କାମ୍ୟ। ଯଦି କାହାର କିଛି ଆପତ୍ତି ଅଭିଯୋଗ ଅଛି ତେବେ ୧୫ଦିନ ଭିତରେ ଜଣାଇବାକୁ ଅନୁରୋଧ।

ସ୍ୱା./– ପ୍ରଶାସକ
ସମ୍ବଲପୁର ମହାନଗର ନିଗମ

**Office of the Executive Engineer**
## U.K. Head Works Division, Kolabnagar (K), PIN-764011
e-mail id- eeukhwdiv2014@rediffmail.com

**QUOTATION CALL NOTICE NO.17/2018-19 DATED.07/12/2018**

**No. 955-A:-** Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers/ Authorized dealers / Regd. Govt. Order Suppliers/ Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of items | Unit | Quantity |
|---|---|---|---|---|
| Procurement of Water treatment materials for water supply to Kolabnagar, Dam site & Thana Colony for the year 2018-19. | 1 | Ferric Alum ( Royal India) (Anmol) or equivalent | MT | 4.793 |
| | 2 | Bleaching powder ( Rakshak) or equivalent | MT | 0.90 |
| | 3 | Quick lime in Powder form confirming to IS-15 40/ Part-1/1980 | MT | 1.598 |
| | | (Three items) Only | | |

The quotation will be received in the office of the Executive Engineer, U.K.Head.Works Division, Kolabnagar Dist. Koraput 764011(O) up to 4.00 PM on 29.12.2018 and will be opened by the undersigned or authorized representative on the same day at 4.30 PM in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD @1% in shape of TDR/STDR duly pledged in favour of the E.E.UKHW Division, At/PO: Kolabnagar, Dist. Koraput (O) should accompany the quotation failing which the quotation will not be accepted and bidders hailing from outside the state should submit E.M.D. @ 2% of the quoted amount. The quoted rates must be valid for a period of 90 (ninety) days from the date of receipt of quotations unless extended by mutual agreement. Supply must be completed within 15 (Fifteen) days from the date of issue of supply order. Rate quoted shall be for supply of the articles at U.K.H.W. Division, Kolabnagar, Dist. Koraput, Odisha-764011, inclusive of cost & transportation but exclusive of GSTIN & labour cess etc applicable as per the Govt rules. The materials should be according to I.S.I. specification. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours. The authority reserves the right to accept / reject any or all the quotations without assigning any reasons thereof.

32015/11/0027/1819

Sd./- Executive Engineer, U.K. Head Works Division

## ଇଷ୍ଟରେ ଅଷ୍ଟ୍ରେଲିଆ, ନର୍ଥରେ ନେଦରଲାଣ୍ଡ୍ସ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଶନିବାର ଅନୁଷ୍ଠିତ ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ ଦ୍ୱିତୀୟ ସେମିଫାଇନାଲ ବେଳକୁ ଦର୍ଶକ ଗ୍ୟାଲେରୀ ଭରପୂର ହୋଇ ଯାଇଥିଲା। କ୍ୱାର୍ଟର ଫାଇନାଲରେ ଭାରତ ହାରି ଯାଇଥିବାରୁ ଭାରତୀୟ ଦର୍ଶକମାନେ ନିରପେକ୍ଷଭାବେ ପ୍ରତିଟି ଦଳର ମୁଭ୍‌କୁ କୋଳାହଳ ମାଧ୍ୟମରେ ଉତ୍ସାହିତ କରୁଥିବା ପରିଲକ୍ଷିତ ହୋଇଥିଲା। ତେବେ ଇଷ୍ଟ ଷ୍ଟାଣ୍ଡରେ ଅଷ୍ଟ୍ରେଲିଆ ଏବଂ ନର୍ଥ ଷ୍ଟାଣ୍ଡରେ ନେଦରଲାଣ୍ଡ୍ସ ଦଳର ସମର୍ଥକମାନେ ଏକାଠି ବସି ମ୍ୟାଚ ଉପଭୋଗ ସହ ନିଜ ଦଳକୁ ସମର୍ଥନ ଜଣାଇଥିଲେ।

## ଆକାଶଦୀପ ୨ ମ୍ୟାଚ୍‌ରୁ ବାସନ୍ଦ ସମ୍ଭାବନା

ଭାରତୀୟ ଷ୍ଟ୍ରାଇକର ଆକାଶଦୀପ ସିଂ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଚଳିତ ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ନେଦରଲାଣ୍ଡ୍ସ ବିପକ୍ଷ ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ଆକାଶଦୀପ ଆଚରଣବିଧି ଉଲ୍ଲଂଘନ କରଛନ୍ତି ବୋଲି ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) କହିଛି। ଏହି ମ୍ୟାଚ୍‌ରେ ଅବଶ୍ୟ ଭାରତ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଆକାଶଦୀପ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ସହ ପ୍ରତିପକ୍ଷ ଦଳର ଖେଳାଳିଙ୍କୁ ଅଶାଳୀନ ଭାଷା ପ୍ରୟୋଗ କରିଥିଲେ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ଯଦି ଭାରତ ବିଶ୍ୱକପ୍‌ରୁ ବିଦାୟ ନେଇ ନ ଥାନ୍ତା ତା'ହେଲେ ଆକାଶଦୀପ ଏହି ମେଗା ଇଭେଣ୍ଟରେ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଥାନ୍ତେ ବୋଲି ଏଫ୍‌ଆଇଏଚ୍ ଟେକନିକାଲ ଡେଲିଗେଟ୍ ଖ୍ରୀଷ୍ଟିଆନ ଡେକେନବ୍ରୋକ୍ କହିଛନ୍ତି।

## ଧ୍ୟାନଚାନ୍ଦଙ୍କ ଉପରେ ଚଳଚ୍ଚିତ୍ର

ହକି ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ଅର୍ଥାତ୍ ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ ମ୍ୟାଚର ଅତିଥିଥିଲେ ଭାରତର ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଲେଖକ ଇମତିଆଜ ଅଲୀ। ହକିପ୍ରତି ଲୋକପ୍ରିୟତାରେ ଅଭିଭୂତ ଇମତିଆଜ ଏପରି ଏକ ମେଗା ପ୍ରତିଯୋଗିତା ଆୟୋଜନ ପାଇଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଭବିଷ୍ୟତରେ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ ପାଇଁ ଯୋଜନା କରୁଛି ବୋଲି ଇମ୍‌ତିଆଜ କହିଥିଲେ।

# ସଡନ୍ ଡେଥ୍‌ରେ ଜିତିଲା ନେଦରଲାଣ୍ଡ୍ସ

### ଅଟକିଲା ଅଷ୍ଟ୍ରେଲିଆ



ବିଜୟ ହାସଲ ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ଖେଳାଳି।

**ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ଆଶା ଅଧୁରା ରହିଛି। ସେମିଫାଇନାଲରୁ ଶେଷ ହୋଇଛି ଏହି ନମ୍ବରୱାନ ଦଳର ଟାଇଟଲ ଅଭିଯାନ। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲରେ ନେଦରଲାଣ୍ଡ୍ସ ଶୁଟ୍‌ଆଉଟ/ସଡନ୍ ଡେଥ୍ ୪-୩ ଗୋଲରେ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଓ ଶୁଟ୍ ଆଉଟ ପର୍ଯ୍ୟାୟରେ ୩-୩ ସ୍ଥିତିରେ ରହିଥିଲା। ସେଭ୍ ଭାନ୍ ଆସ୍‌ଙ୍କ ଫିଲ୍ଡ ଗୋଲ ବଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନେଦରଲାଣ୍ଡ୍ସ ଅଗ୍ରଣୀ ବ୍ୟବଧାନ ୨-୦ରେ ଥିଲା। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଅଳ୍ପକିଛି କ୍ଷଣ ଥିବାବେଳେ ଟିମ୍ ହେୱାର୍ଡଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଥିଲା। ଅନ୍ତିମ କ୍ୱାର୍ଟରରେ ଲଢ଼େଇ ତୀବ୍ର ରୂପ ଧାରଣ କରିଥିଲା। ଅଷ୍ଟ୍ରେଲିଆ ଆକ୍ରମଣ ଜାରି ରଖି ଗୋଲ ପରିଶୋଧ ଲକ୍ଷ୍ୟରେ ଥିବାବେଳେ ନେଦରଲାଣ୍ଡ୍ସ ଏହାର ଦୃଢ଼ ପ୍ରତିରୋଧ କରିଥିଲା। ତେବେ ମ୍ୟାଚ ଶେଷ ହେବାକୁ ଆଉ ୨୬ ସେକେଣ୍ଡ ଥିବାବେଳେ ଅର୍ଥାତ୍ ୬୦ତମ ମିନିଟରେ ଅଷ୍ଟ୍ରେଲିଆର ଇଡି ଓକେନଡେନ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଫଳରେ ପ୍ରଥମଥରପାଇଁ ଟୁର୍ନାମେଣ୍ଟରେ ଶୁଟ୍ ଆଉଟ୍‌ର ସହାୟତା ନିଆ ଯାଇଥିଲା।

ସଡ୍‌ନ ଡେଥ୍‌ରେ ଜେରନ ହର୍ଜବର୍ଗରଙ୍କ ଗୋଲ ନେଦରଲାଣ୍ଡ୍ସକୁ ଫାଇନାଲକୁ ନେଇ ଯାଇଥିଲା। ଏଠାରେ ବିଜୟ ସହ ଅଷ୍ଟ୍ରେଲିଆଠାରୁ ଗତ ବିଶ୍ୱକପ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି ନେଦରଲାଣ୍ଡ୍ସ। ରବିବାର ଫାଇନାଲରେ ନେଦରଲାଣ୍ଡ୍ସ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ବ୍ରୋଞ୍ଜ ପଦକ ପାଇଁ ଇଂଲଣ୍ଡର ମୁକାବିଲା କରିବ ଅଷ୍ଟ୍ରେଲିଆ।

ଦୁଇ ହେଭିୱେଟ୍ ଦଳ ମଧ୍ୟରେ ଲଢ଼େଇ ସ୍ୱାଭାବିକଭାବେ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୯ମ ମିନିଟରେ ଗ୍ଲେନ ସ୍କୁରମାନ ଏକ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡ୍ସକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ ପାଇଁ ଜୋରଦାର ଉଦ୍ୟମ କରିଥିଲେ ହେଁ ୨୦ତମ ମିନିଟରେ

ଶୁଟ୍ ଆଉଟ ପର୍ଯ୍ୟାୟରେ ମଧ୍ୟ ମ୍ୟାଚରୁ ଫଳାଫଳ ମିଳି ନ ଥିଲା। ଉଭୟ ଦଳ ୩-୩ ସ୍ଥିତିରେ ରହିଥିଲେ। ଅଷ୍ଟ୍ରେଲିଆର ଆରନ ଜେଲସ୍କି ଓ ଟିମ୍ ବ୍ରାଣ୍ଡ ବିଫଳ ହୋଇଥିବାବେଳେ ଗୋଲ ଦେଇଥିଲେ ଡାନିଏଲ ବାଲେ, ଟମ୍ କ୍ରେଗ୍ ଓ ଜ୍ୟାକ ହ୍ୱିଟନ। ସେହିପରି ନେଦରଲାଣ୍ଡ୍ସ ପକ୍ଷରୁ ମିର୍କୋ ପ୍ରୁଇଜସେର ଓ ରବର୍ଟ କେମ୍ପରମ୍ୟାନ ଫେଲ୍ ମାରିଥିବାବେଳେ ଜେରନ ହର୍ଜବର୍ଗର, ସେଭ୍ ଭାନ୍ ଆସ୍ ଓ ଥିଜ୍ ଭାନ୍ ଡାମ୍ ଗୋଲ ଦେବାରେ ସଫଳ ହୋଇଥିଲେ। ଫଳରେ ସଡନ୍ ଡେଥ୍‌ର ସହାୟତା ନିଆ ଯାଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଶୁଟ୍ କରିବାକୁ ଯାଇଥିବା ଜେରନ ହର୍ଜବର୍ଗର ଗୋଲ ସ୍କୋର କରିବାରେ ସଫଳ ହୋଇଥିବାବେଳେ ଅଷ୍ଟ୍ରେଲିଆର ଡାନିଏଲ ବାଲେ ଫେଲ୍ ମାରି ବିଶ୍ୱ ଚାମ୍ପିୟନ ଦଳପାଇଁ ନିରାଶା ଆଣିଥିଲେ। ନେଦରଲାଣ୍ଡ୍ସ ଗୋଲକିପର ପିରମିନ ବ୍ଲାକ୍‌ଙ୍କୁ ଚକ୍‌ମା ଦେବା ଚକ୍କରରେ ବାଲେ ବଲ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବଲ୍‌ଟି ଗୋଲପୋଷ୍ଟର ଡାହାଣରେ ବାହାରକୁ ଚାଲି ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଣ୍ଡ୍ରୁ କାର୍ଟର ଗୋଲକିପର ଦାୟିତ୍ୱ ନିର୍ବାହ କରିଥିଲେ। ୩ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ କ୍ରମାଗତ ୨୦୧୦ ଓ ୨୦୧୪ ବିଶ୍ୱକପରେ ଟାଇଟଲ ଜିତିଥିବାରୁ ଏଠାରେ ହ୍ୟାଟ୍ରିକ ଆଶାରେ ଥିଲା। ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ଓ ଲେଖକ ଇମ୍‌ତିଆଜ ଅଲୀ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିବାବେଳେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଅତିଥିଭାବେ ଯୋଗଦେଇ ନେଦରଲାଣ୍ଡ୍ସ ଗୋଲକିପର ପିରମିନ ବ୍ଲାକ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ।

# ପ୍ରଥମଥର ଫାଇନାଲରେ ବେଲଜିୟମ

**ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମ ବେଲଜିୟମ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ଏଠାରେ ଚମତ୍କାର ପ୍ରଦର୍ଶନ କରି ବେଲଜିୟମ ଏହାର ହକି ବିଶ୍ୱକପ ଇତିହାସରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବେଲଜିୟମ ୬-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ବେଲଜିୟମ ସ୍ପିଡ୍ ଏବଂ ଶକ୍ତି ଆଗରେ ହାର ମାନିଥିଲା ଇଂଲଣ୍ଡ, ଫଳରେ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇ ଯାଇଥିଲା। ପ୍ରତି କ୍ୱାର୍ଟରରେ ପ୍ରଭାବୀ ପ୍ରଦର୍ଶନ କରି ବାଜି ମାରିଥିଲା ବେଲଜିୟମ। ପରାଜିତ ଇଂଲଣ୍ଡ ରବିବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ। ମ୍ୟାଚ ଆରମ୍ଭରେ ଭାରତର ତାରକା ରେସଲର ସୁଶୀଲ କୁମାର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଅତିଥିଭାବେ ଯୋଗଦେଇ ବେଲଜିୟମର ଟମ୍ ବୁନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ଇଂଲଣ୍ଡ ଚଳିତ ଟୁର୍ନାମେଣ୍ଟରେ ଆର୍ଜେଣ୍ଟିନାପରି ଅଲିମ୍ପିକ୍ସ ଚାମ୍ପିୟନକୁ ହରାଇଥିଲେ ହେଁ ଅନ୍ୟତମ ଟାଇଟଲ ଫେଭରାଇଟ ବେଲଜିୟମର ମୁକାବିଲା କରିପାରି ନ ଥିଲା। ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ବେଲଜିୟମ। ୮ମ ମିନିଟରେ ଟମ୍ ବୁନ୍ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୯ତମ ମିନିଟରେ ସିମନ ଗୁଗ୍‌ନାର୍ଡ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରୁ ଇଂଲଣ୍ଡ ଚାପକୁ ଆସି ଯାଇଥିଲା। ପ୍ରଥମାର୍ଦ୍ଧରେ ବେଲଜିୟମ ୨-୦ ଗୋଲରେ ଅଗ୍ରଣୀ ରହିଥିଲା।



ଇଂଲଣ୍ଡ-ବେଲ୍‌ଜିୟମ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍।

ଇଂଲଣ୍ଡର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ତୃତୀୟ କ୍ୱାର୍ଟରରେ ବେଲଜିୟମ ୨ଟି ଗୋଲ ଦେଇଥିଲା। ୪୨ତମ ମିନିଟରେ ସେଡ୍ରିକ ଚାର୍ଲର ଫିଲ୍ଡ ଗୋଲ ଏବଂ ୪୫ତମ ମିନିଟରେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ପେନାଲ୍ଟି କର୍ନର ଗୋଲ ଦେବାରୁ ଇଂଲଣ୍ଡ ବ୍ୟାକ୍‌ଫୁଟଲକୁ ଚାଲି ଯାଇଥିଲା। ଅନ୍ତିମ କ୍ୱାର୍ଟରରେ ମଧ୍ୟ ବେଲଜିୟମର ଦବ୍‌ଦବା ଜାରି ରହିଥିଲା। ଇଂଲଣ୍ଡ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ବେଲଜିୟମର ରକ୍ଷଣଭାଗ ଭେଦ କରିପାରି ନ ଥିଲା। ମ୍ୟାଚର ୫୦ତମ ମିନିଟରେ ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ଦେଇଥିବାବେଳେ ୫୩ତମ ମିନିଟରେ ସେବାଷ୍ଟିଆନ ଡୋକେର ଏକ ଫିଲ୍ଡ ଗୋଲ ଦେଇ ବେଲଜିୟମକୁ ବୃହତ୍ ବିଜୟରେ ସହାୟକ ହୋଇଥିଲେ।

ମ୍ୟାଚରେ ଇଂଲଣ୍ଡ ୪ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା। ଅପପକ୍ଷରେ ବେଲଜିୟମ ୩ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏହାର ଶତ ପ୍ରତିଶତ ଉପଯୋଗ କରି ଏଥିରୁ ୩ ଗୋଲ ଦେବାରେ ସକ୍ଷମ ହୋଇଥିଲା। ଇଂଲଣ୍ଡ ୧୬ ଥର ବେଲଜିୟମ ସର୍କଲ ଭିତରକୁ ଏଣ୍ଟ୍ରି କରିଥିଲା, ମାତ୍ର ଏହାର ସଦୁପଯୋଗ କରିପାରି ନ ଥିଲା। ବେଲଜିୟମ ୧୯ଥର ଇଂଲଣ୍ଡ ସର୍କଲ ଭିତରେ ପଶି ଗୋଲ ଦେବାରେ ସକ୍ଷମ ହୋଇଥିଲା। ଇଂଲଣ୍ଡ ୫ଥର ବେଲଜିୟମ ଗୋଲ୍‌ପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ମାତ୍ର ଥରେ ହେଲେ ଟାର୍ଗେଟରେ ପହଞ୍ଚି ପାରି ନ ଥିଲା। ଅନ୍ୟପକ୍ଷରେ ବେଲଜିୟମ ୧୧ଶୁଟ୍‌ରୁ ୬ଟି ଗୋଲ ଦେଇଥିଲା। ବଲ୍ ୪୮ ପ୍ରତିଶତ ଇଂଲଣ୍ଡ ଓ ୫୨ ପ୍ରତିଶତ ବେଲଜିୟମ ନିୟନ୍ତ୍ରଣରେ ରହିଥିଲା।

ଇଂଲଣ୍ଡ ଶେଷଥରପାଇଁ ୧୯୮୬ରେ ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଦଳ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଦୀର୍ଘ ୩୨ ବ୍ୟବଧାନରେ ଦଳ ପୁଣିଥରେ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବାର ସ୍ୱପ୍ନ ଦେଖିଥିଲା। ମାତ୍ର ପରାଜୟ ଦ୍ୱାରା ଆଶା ଅଧୁରା ରହି ଯାଇଛି। ଗତ ଦୁଇ ସଂସ୍କରଣ ଅର୍ଥାତ୍ ୨୦୧୦ ଓ ୨୦୧୪ରେ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଦୁଇଥରଯାକ ଦଳ ପରାସ୍ତ ହୋଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଏଥର ମଧ୍ୟ ଅର୍ଥାତ୍ କ୍ରମାଗତ ତୃତୀୟ ଥର ପାଇଁ ଦଳ ୩-୪ ସ୍ଥାନ ପାଇଁ ମୁକାବିଲା କରିବ। ଅନ୍ୟପକ୍ଷରେ ବେଲଜିୟମ ପ୍ରଥମଥରପାଇଁ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇ ଅନେକ ସମ୍ଭାବନା ସୃଷ୍ଟି କରିଛି। ଏହା ପୂର୍ବରୁ ଦଳ ଥରେ ମାତ୍ର ୨୦୧୪ରେ ୫ମ ସ୍ଥାନ ଅଧିକାର କରିଥିଲା। ଏହା ବେଲଜିୟମର ବିଶ୍ୱକପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା। ଏଥର କିନ୍ତୁ ଦଳ ତାହାକୁ ପଛରେ ପକାଇ ଆଗକୁ ବଢ଼ିଛି।

### ଆଜିର ମ୍ୟାଚ୍



**(ଫାଇନାଲ)**
ବେଲଜିୟମ ବନାମ ନେଦରଲାଣ୍ଡ
ସମୟ: ରାତି ୭ଟା

**(୩ୟ ସ୍ଥାନ ପାଇଁ)**
ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ
ସମୟ: ଅପରାହ୍ନ ୪ଟା ୩୦

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**











### ଫ୍ୟାନ୍ କର୍ନର




## ଦୁଇ ବର୍ଷରେ ଥରେ ଜୁନିୟର ବିଶ୍ୱକପ୍

**ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି):** ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ କହିଛନ୍ତି ଯେ, ଭୁବନେଶ୍ୱରରେ କେବଳ ଭାରତୀୟ ଦଳକୁ ନୁହେଁ ସବୁ ଦେଶକୁ ଦର୍ଶକ ସମର୍ଥନ ମିଳିଛି। ୧୫,୦୦୦ ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ପିଲାମାନେ ବହୁତ ଖୁସି ଅନୁଭବ କରୁଛନ୍ତି। ଏଥିପାଇଁ ମୁଁ ପ୍ରଥମେ ଓଡ଼ିଶା ସରକାର ଏବଂ ଏଠାକାର ଲୋକଙ୍କୁ ଧନ୍ୟବାଦ ଜଣାଉଛି। ହକିର ଲୋକପ୍ରିୟତା ବଢ଼ାଇବା ପାଇଁ ଏଫ୍‌ଆଇଏଚ୍ ଫାଇଭ୍-ଏ ସାଇଡ୍ ହକି ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ଯାଉଛି। ଏହାକୁ ବିଶ୍ୱର ବଡ଼ ବଡ଼ ସହରରେ ଆୟୋଜନ କରାଯିବ। ଆସନ୍ତା ଫେବୃୟାରୀରେ ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ ହେବ। ହକି ସହ ଅଧିକରୁ ଅଧିକ ଦେଶକୁ ଯୋଡ଼ିବା ଯୋଜନାର ଏହା ଅଂଶବିଶେଷ, ତେବେ ଏହାକୁ ନେଇ ବିଶ୍ୱକପ ଆୟୋଜନର କୌଣସି ଯୋଜନା ନାହିଁ। ଦ୍ୱିତୀୟତଃ ଜୁନିୟର ବିଶ୍ୱକପ ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହେବ। ଫଳରେ ପ୍ରତି ପିଢ଼ିର ଖେଳାଳି ଏଥିରେ ଭାଗ ନେବାର ସୁଯୋଗ ପାଇବେ। ନୂଆ ର୍‍ୟାଙ୍କିଙ୍ଗ ସିଷ୍ଟମ ଲାଗୁ କରାଯିବ। ଅନ୍ତର୍ଜାତୀୟ ହକି ଖେଳୁଥିବା ପ୍ରତିଟି ଦେଶ ପଏଣ୍ଟ ଭିତ୍ତିରେ ଏଥିରେ ସାମିଲ ହେବେ। ଫଳରେ ଛୋଟ ଦଳ ଗୁଡ଼ିକ ମଧ୍ୟ ଏଥିରୁ ଫାଇଦା ପାଇବେ।


"M.B"
BUY 1 GET 1 FREE
50% OFF
Buy 43 LED TV AT
GET A 32 LED TV FREE
M.R.P. ₹64980
₹32990
PRICE OF ALL PRODUCTS ARE GOING UP
Get upto ₹1000 CASH BACK
BAJAJ FINSERV
ONLY AT GREAT EASTERN
Great Eastern™
The Trusted One
year-end sale
UPTO 60% OFF ON GREAT SELECTIONS
THE LOWEST PRICE OF 2018
81.28 cm (32 in) 32ES480
PANASONIC 32 SMART TV
40% OFF
M.R.P. ₹32500
₹18990
FREE IRON
25% OFF
WHIRLPOOL 7.5 kg SUPER SOAK
M.R.P. ₹12700
₹9534
28% OFF
POPUP TOASTER
WHIRLPOOL 215 L DIRECT COOL 4 STAR
M.R.P. ₹22305
₹16100
81.28 cm (32 in) 32FH4003
SAMSUNG 32 FULL HD TV
33% OFF
M.R.P. ₹23890
₹15990
WA60M4300
SAMSUNG 6 kg
₹15200
99.06 cm(55 in) 55M6300
SAMSUNG 55 UHD TV
40% OFF
M.R.P. ₹129900
₹79900*
1 L RICE COOKER
28% OFF
LG 7kg
M.R.P. ₹21790
₹15700
30% OFF
3 JAR MIXI
WHIRLPOOL 245 L DOUBLE DOOR 3 STAR
M.R.P. ₹31465
₹22305
101.6 cm (40 in)
40 FULL HD LED TV
50% OFF
M.R.P. ₹39990
₹19990
WHIRLPOOL
1.5 TON 3 STAR SPLIT AC
42% OFF
M.R.P. ₹49500
₹25500*
109.22 cm (43 in) 43 LJ617
LG 43 FULL HD SMART TV
25% OFF
M.R.P. ₹59990
₹43000
35% OFF
FREE MICRO OVEN KIT WITH BOWL SET
GODREJ 20 L CONVECTION
M.R.P. ₹11975
₹7785
25% OFF
3 JAR MIXI
LG 7 kg
M.R.P. ₹49905
₹37100
28N3022MR
SAMSUNG 250 L
₹20800
EMI ₹1735
DAIKIN
1.5 TON 3 STAR COPPER
26% OFF
M.R.P. ₹41500
₹30500*
₹1 Down Payment On BAJAJ And Get Nikon Camera
FREE LEVEL U HEADPHONE
SAMSUNG A7 (2018)
₹23990
EMI ₹2399
SAMSUNG J6 PLUS ( 64GB)
₹14490
D5600
NIKON
EMI ₹3875
CE76JD-B
SAMSUNG 21 L CONVECTION
₹11590
3 JAR MIXER GRINDER + 1 L RICE COOKER + INDUCTION
₹4100
HITACHI
1.5 TON SPLIT AC
31% OFF
FREE 1 L RICE COOKER
M.R.P. ₹64590
₹44630*
36% OFF
FREE 3 JAR MIXI + TROLLEY BAG
GODREJ 255 DUO
M.R.P. ₹31060
₹19700*
VOLTAS
1.5 TON SPLIT AC-3S
42% OFF
FREE 1 L RICE COOKER
M.R.P. ₹54990
₹31920*
RACOLD 15L GEYSER
30% OFF
M.R.P. ₹9600
₹6720
15L GEYSER + BAJAJ ROOM HEATER
42% OFF
M.R.P. ₹11999
₹6999
22% OFF
FREE ELECTRIC KETTLE
KENT RO WATER PURIFIER
M.R.P. ₹19000
₹15500
BAJAJ BRAVO 3 JAR MIXI + IRON +TOASTER
₹3100
SONY LG SAMSUNG Panasonic Carrier Whirlpool Godrej Haier GENERAL BLUE STAR VOLTAS BOSCH BAJAJ DAIKIN HITACHI USHA HAVELLS
Free home delivery within 100 Kms*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
EASTERN INDIA'S LARGEST ELECTRONICS RETAIL CHAIN
56 STORES ACROSS INDIA
crm@geapl.in
www.greateastern.co.in
GreatEasternRetail 9438590298
HELPLINE 033 4037 2000
95% Assured FREE HOME DELIVERY Within 24 HOURS*
BHUBANESHWAR Bapuji Nagar Near Bazar Kolkata 799 253 2332 | Patia Near Big Bazar 986 159 8911
CUTTACK Badambadi In front of Palamandap 799 253 2334 CDA Sector VI 799 253 2335 BALASORE Bibekananda Marg Near Chidiapole 986 182 6678
BERHAMPUR Bada Bazar In front of Ganesh Market 986 159 8011 ROURKELA Bisra Road Opposite Hotel Brindaban 799 253 2330
WEST BENGAL | ODISHA | ANDHRA PRADESH | RAJASTHAN | UTTAR PRADESH

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଡିସେମ୍ବର ୧୬/୨୦୧୮ Rayagada, Sunday, December 16 / 2018




## ଦ୍ୱିତୀୟ ଦିନରେ ୧୮ ଉଇକେଟ୍

# ଓଡ଼ିଶା ପାଇଁ ସୁଯୋଗ ସୃଷ୍ଟି କଲେ ବସନ୍ତ

ଭୁବନେଶ୍ୱର, ୧୫ା୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଡେରାସସ୍ଥିତ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି ମୁକାବିଲା ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଭ୍ରମଣକାରୀ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୭୩ ରନର ଟାର୍ଗେଟ୍‌କୁ ପିଛା କରି ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ୍ ହରାଇ ୬ ରନ ସଂଗ୍ରହ କରିଛି। ଶାନ୍ତନୁ ମିଶ୍ର ୪ ଓ ଦେବାଶିଷ ସାମନ୍ତରାୟ ୧ ରନ କରି ଅପରାଜିତ ରହିଛନ୍ତି। ରଣଜିତ୍ ସିଂ

**ରଣଜୀ ଟ୍ରଫି**

(୧) ଓ ପଦାର୍ପଣ କରିଥିବା ଉଇକେଟ୍‌କିପର ପି. ରୋଶନ କୁମାର (୦)ଙ୍କୁ ଗୋଟିଏ ଓଭରରେ ଆଉଟ୍ କରି ରାଜସ୍ଥାନର ବାମହାତୀ ଦ୍ରୁତ ବୋଲର ଟିଏମ୍ ଉଲ୍-ହକ୍ ଓଡ଼ିଶାକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ହାତରେ ୮ ଉଇକେଟ୍ ବଳକା ରହିଥିବାବେଳେ ଓଡ଼ିଶା ବିଜୟ ପାଇଁ ଆହୁରି ୧୬୭ ରନ ଆବଶ୍ୟକ କରୁଛି। ଖେଳ ଆଉ ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତେବେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରବିବାରଠାରୁ ବର୍ଷା ହେବାର ସମ୍ଭାବନା ରହିଥିବାରୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

ରାଜସ୍ଥାନର ପ୍ରଥମ ଇନିଂସ ସ୍କୋର ୧୩୫ ରନ ଜବାବରେ ଓଡ଼ିଶା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଦିବସ ଶେଷ ସୁଦ୍ଧା ୪ ଉଇକେଟ୍ ହରାଇ ୭୮ ରନ କରିଥିବା ଓଡ଼ିଶା ଶନିବାର ମାତ୍ର ୧୧୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ପଦାର୍ପଣ କରିଥିବା ଦେବାଶିଷ ସାମନ୍ତରାୟ ସର୍ବାଧିକ ୫୦ ରନ ଓ ଅଭିଷେକ ରାଉତ ୨୪ ରନ କରିଥିଲେ। ତେବେ ଅନ୍ୟକୌଣସି ଓଡ଼ିଶା ବ୍ୟାଟ୍ସମ୍ୟାନ ୨ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ଓ ଶୁଭ୍ରାଂଶୁ ସେନାପତି ଖାତା ଖୋଲିପାରି ନ ଥିଲେ। ରାଜସ୍ଥାନ ପକ୍ଷରୁ ଦୁଇ ବାମହାତୀ ଦ୍ରୁତ ବୋଲର ଟିଏମ୍ ଉଲ୍-ହକ୍ (୨୨-୧୫-୧୪-୫) ଓ ଅନିକେତ୍ ଚୌଧୁରୀ (୧୮.୨-୪-୪୯-୫) ବେଶ୍ ପ୍ରଭାବୀ ବୋଲିଂ କରି ଉଇକେଟ୍ ବାଣ୍ଟି ନେଇଥିଲେ।

ଗୁରୁତ୍ୱପୂର୍ଣ୍ଣ ୨୪ ରନ ଅଗ୍ରଣୀ ହାସଲ କରିଥିବା ରାଜସ୍ଥାନ ୨ୟ ଇନିଂସରେ ମଧ୍ୟ ଓଡ଼ିଶାର ବୋଲରଙ୍କୁ ସାମ୍ନା କରି ନ ପାରି ୧୪୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଅମିତ୍ କୁମାର ଗୌତମ (୫୧ ରନ) ଓ ମଧ୍ୟକ୍ରମରେ ସଲମନ ଖାଁ (୩୯ ରନ) କିଛି ସମୟ ଓଡ଼ିଶା ବୋଲରଙ୍କୁ ମୁକାବିଲା କରିବାରେ ସଫଳ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୫ ଉଇକେଟ୍ ନେବା ସହ ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ରାଜେଶ ମହାନ୍ତି ଓ ଧୀରାଜ ୨ଟି ଲେଖାଏ ଏବଂ ସୂର୍ଯ୍ୟକାନ୍ତ ଗୋଟିଏ ଉଇକେଟ୍ ନେଇଥିଲେ।



ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ନେଇଥିବା ବସନ୍ତ ମହାନ୍ତି। (ଫଟୋ: ମୌସମ)

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ପ୍ରଥମ ଇନିଂସ: ୧୩୫ ଅଲ୍‌ଆଉଟ୍।

ଓଡ଼ିଶା ପ୍ରଥମ ଇନିଂସ- ୧୧୧ ଅଲ୍‌ଆଉଟ୍ (ଶାନ୍ତନୁ ୭, ଦେବାଶିଷ ୫୦, ବିପ୍ଳବ ୮, ଅଭିଷେକ ୨୪, ଟିଏମ୍ ଉଲ୍-ହକ୍ ୫/୧୪)।

ରାଜସ୍ଥାନ ୨ୟ ଇନିଂସ- ୧୪୮ରେ ଅଲ୍‌ଆଉଟ୍ (ଗୌତମ ୫୧, ସଲ୍‌ମନ ୩୯, ମହିପାଲ ଲୋମ୍‌ରା ୧୭, ଅଶୋକ ମାନେରିଆ ୧୩, ବସନ୍ତ ୫/୨୯)।

ଓଡ଼ିଶା ୨ୟ ଇନିଂସ- ୬/୨, ୬ ଓଭର (ଶାନ୍ତନୁ ୪*, ଦେବାଶିଷ ୧*, ଉଲ୍-ହକ ୨/୦)।

## ବାପାଙ୍କୁ ଉତ୍ସର୍ଗ କଲେ ସଫଳତା

ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ମୋଟ୍ ୧୧ଟି ଉଇକେଟ୍ ନେଇଛନ୍ତି। ଚଳିତ ସିଜନ ପ୍ରାରମ୍ଭରୁ ବାପାଙ୍କ ବିୟୋଗ ଘଟିଥିବାରୁ ରାଜସ୍ଥାନ ବିପକ୍ଷ ଏହି ସଫଳତା ବାପାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ବୋଲି ବସନ୍ତ କହିଛନ୍ତି। ରାଜସ୍ଥାନ ବିପକ୍ଷ ପ୍ରଥମ ଓ ୨ୟ ଇନିଂସରେ ବସନ୍ତ ଯଥାକ୍ରମେ ୬ ଓ ୫ ଉଇକେଟ୍ ନେଇ ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ୩୨ ବର୍ଷୀୟ ବସନ୍ତ ୩ୟ ଥର ପାଇଁ କୌଣସି ମ୍ୟାଚ୍‌ରେ ୧୦ ବା ତଦୂର୍ଦ୍ଧ ଉଇକେଟ୍ ସଫଳତା ପାଇଛନ୍ତି। ଏଥିସହ ସେ ପ୍ରାକ୍ତନ ଦ୍ରୁତ ବୋଲର ଦେବାଶିଷ ମହାନ୍ତିଙ୍କ ସହ ସମକକ୍ଷ ହୋଇଛନ୍ତି। ଦେବାଶିଷ ମଧ୍ୟ ପ୍ରଥମଶ୍ରେଣୀ କ୍ରିକେଟରେ ୩ଥର ୧୦ ଉଇକେଟ୍ ସଫଳତା ପାଇଥିଲେ। ଏହି ଉଇକେଟ୍ ଦିନକୁ ଦିନ ଉଇକେଟ୍ ବ୍ୟାଟିଂ ପାଇଁ ଅନୁକୂଳ ହେଉଥିବାରୁ ଆମେ ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛୁ ବୋଲି ବସନ୍ତ କହିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ବ୍ରହ୍ମାନନ୍ଦ ବାର କାଉନ୍‌ସିଲ ଶୃଙ୍ଖଳା କମିଟି ଅଧ୍ୟକ୍ଷ

**ଗୁଣପୁର,୧୫।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରର ବରିଷ୍ଠ ଓକିଲ ତଥା ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଓଡିଶା ଷ୍ଟେଟ ବାର କାଉନସିଲ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି । ଷ୍ଟେଟ ବାର କାଉନସିଲ ସମ୍ପାଦକ ଜେ.କେ.ସାମନ୍ତସିଂହାରଙ୍କ ପକ୍ଷରୁ ଆସିଥିବା ଏକ ପତ୍ରରୁ ଏହା ଜଣାପଡିଛି। ତାଙ୍କୁ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଚୟନ କରାଯାଇଥିବାରୁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ରବିବାର ଏହାର ପ୍ରଥମ ବୈଠକ ଆୟୋଜିତ ହେଉଥିବାରୁ ସେ ଏଥିରେ ଯୋଗ ଦେବାକୁ କଟକ ଯାଇଛନ୍ତି ।

### କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଗୁଣପୁର,୧୫।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତ କୁରୁଗୁଡା ଗ୍ରାମରେ ଥିବା ଏକ କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମହିଳା ଜଣକ ହେଲେ ଶାନ୍ତି ଶବର(୪୫)। ଶନିବାର ଶାନ୍ତି କୂଅରେ ପଡିଥିବା ଦେଖି ଗ୍ରାମବାସୀ ପୁଟାସିଂ ଥାନା ଏବଂ ଗୁଣପୁର ଦମକଳବାହିନିକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ପହଁଞ୍ଚି ମୃତଦେହକୁ କୂଅରୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ପୁଟାସିଂ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଜିପିଏସ୍ ଛାତ୍ରଙ୍କ ସଫଳତା



**ଗୁଣପୁର,୧୫।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ (ଜିପିଏସ୍)ର ଛାତ୍ର ଚିନ୍ମୟାନନ୍ଦ ସ୍ୱାଇଁ ରାଜ୍ୟସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇଛନ୍ତି । ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୮୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଚିନ୍ମୟାନନ୍ଦ ପ୍ରଥମ ୨୦ ଜଣ ତାଲିକାରେ ରହି କଲେଜ ପାଇଁ ଗୌରବ ଆଣିଦେଇଛନ୍ତି । ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶକ୍ତି ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ । ତାଙ୍କର ଏହି ସଫଳତା ପାଇଁ ସ୍କୁଲ ପ୍ରିନ୍ସପାଲ ପ୍ରଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି ।

### ପୋଷାକ ବିତରଣ ଉତ୍ସବ

**ଚନ୍ଦ୍ରପୁର,୧୫।୧୨(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହାଡ଼ିବନ୍ଧୁ କ୍ରେକେବେଡ଼ା ମୁଖ୍ୟଅତିଥି,ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରପାଣି ରତ୍ନାଲୁ, ସିଆରସିସି ଧନୁର୍ଜୟ ଦୋରା, ଶିକ୍ଷକ ପ୍ରଦୀପ ଚୌଧୁରୀ, ପ୍ରତାପ ଜେନା, କମଳ ନାଗବଂଶ, ଡ଼ିଲେଶ୍ୱର ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅନ୍ତେବାସୀଙ୍କୁ ଅତିଥିମାନେ ପୋଷାକ ବଣ୍ଟନ କରିଥିଲେ ।

### ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ମୃତ

**ଗୁଣପୁର,୧୫।୧୨(ଡି.ଏନ.ଏ):** ଗୁଣପୁର ସହର ନିକଟ ଖର୍ଲିଂ ଗ୍ରାମ ନିକଟ ପାରଳାଖେମୁଣ୍ଡି ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସେ ହେଲେ ମୋହନ ରାଓ(୫୫) । ସେ ଜିଆଇଇଟିରେ କାମ ସାରି ଘରକୁ ଫେରୁଥିଲେ । ଏହି ସମୟରେ ପଛ ପଟୁ ଆସୁଥିବା ଏକ ମ୍ୟାକ୍ସ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି ।

■ ପୂର୍ବତନ କାଉନ୍‌ସିଲର ହତ୍ୟା ମାମଲା

# ସିବିଆଇ ତଦନ୍ତ ଦାବି କଲା ଆଦିବାସୀ ମହାସଂଘ

**ରାୟଗଡା ଅଫିସ୍, ୧୫।୧୨**



ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତା ।

ରାୟଗଡାର ପୂର୍ବତନ କାଉନ୍ସିଲର ଭାଗୀରଥି ମାଣ୍ଡାଙ୍ଗୀ ହତ୍ୟା ମାମଲାକୁ ଶନିବାର ୮ ବର୍ଷ ପୁରୁଛି । ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ହତ୍ୟାକାରୀଙ୍କୁ ଧରିବାରେ ସଫଳ ହୋଇନାହିଁ । ରାଜ୍ୟ ସରକାରଙ୍କ ଉପରେ ଭରସା ତୁଟିଯାଇଛି । ଏହି ଘଟଣାର ସିବିଆଇ ତଦନ୍ତ କରାଗଲେ ଭାଗିରଥୀଙ୍କ ପରିବାର ନ୍ୟାୟ ପାଇବେ। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ ମହାସଂଘ ସଭାପତି ଆପ୍ପୁଲସ୍ୱାମୀ କାଡ୍ରାକା ଏହା କୁହାଯାଇଛି । ହତ୍ୟାକାରୀମାନେ ବର୍ତ୍ତମାନ ସରକାର ଓ ପ୍ରଶାସନକୁ ହାତମୁଠାରେ ରଖିଥିବାରୁ ଜଣେ ଆଦିବାସୀ ନେତାର ପରିବାର କିଭଳି ନ୍ୟାୟ ପାଇବେ ବୋଲି ପ୍ରଶ୍ନ କରାଯାଇଛି। ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଏହି ଘଟଣାର ସିବିଆଇ ତଦନ୍ତ କରିବା ନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ତେଣୁ ହତ୍ୟାକାରୀଙ୍କୁ ଧରିବା ପାଇଁ ଆମର ସଂଘର୍ଷ ଜାରି ରହିବ । ଯଦି ତୁରନ୍ତ ରାଜ୍ୟ ସରକାର ଏହାର ତଦନ୍ତ ଭାର ସିବିଆଇକୁ ପ୍ରଦାନ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି । ଖବରଦାତା ସମ୍ମିଳନୀରେ ମହାସଂଘ ଆବାହକ ବସନ୍ତ ଉଲ୍ଲାକା, ସାଧାରଣ ସମ୍ପାଦକ ଜଗନ୍ନାଥ ମାଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ୨୦୧୦ରେ ପୂର୍ବତନ କାଉନସିଲର ଭାଗୀରଥୀଙ୍କୁ ଅପହରଣ କରି ହ ତ୍ୟା କରାଯାଇଥିଲା ।


ଗୀତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ବିଚାରକ ।

## ଭାଗବତ ଗୀତା ପ୍ରତିଯୋଗିତା

**ଗୁଣପୁର,୧୫।୧୨(ଡି.ଏନ.ଏ)**

ଗୀତା ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଗୁଣପୁର ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ଶ୍ରୀମଦ ଭାଗବତ ଗୀତା ପ୍ରତିଯୋଗିତା ଶନିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବନ୍ଦନାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିପିଏସ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଜଗନ୍ନାଥ ପବ୍ଲିକ ସ୍କୁଲ ଏବଂ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ୩୩ ଜଣ ଛାତ୍ରୀଛାତ୍ର ଭାଗବତ ଗୀତାର ୨୮ଟି ଶ୍ଳୋକକୁ ବୋଲିଥିଲେ । ଏହି ଅବସରରେ ଅଦ୍ୱୈତ ବେଦାନ୍ତ ଆଶ୍ରମର ନଳିନୀ ମହାନ୍ତି ଅତିଥି, ଯୋଗ ଗୁରୁ ହରିଭାଇ ଆରିଆନ ବକ୍ତା ଏବଂ ସଂସ୍କୃତ ଶିକ୍ଷକ ନିଗମାନନ୍ଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ଗାନ୍ଧୀ ପବ୍ଲିକ ସ୍କୁଲର ୯ମ ଶ୍ରେଣୀ ଛାତ୍ରୀ କେ.ଅଞ୍ଜଳି ପ୍ରଥମ ହୋଇଥିବାବେଳେ ଜଗନ୍ନାଥ ପବ୍ଲିକ ସ୍କୁଲର ଛାତ୍ରୀ ଜି.ସାଇ ସୁବର୍ଣ୍ଣ ୨ୟ ଏବଂ ଛାତ୍ରୀ କେ.ଭିନେସା ୩ୟ ସ୍ଥାନ ଅଧିକାର କରିଥିଲେ । କନ୍ୟା କୁମାରୀ ଶାଖା ଜଗନ୍ନାଥ ପଟ୍ଟନାୟକ, ନରସିଂହ ପଟ୍ଟନାୟକ, ରାଜେଶ ପୃଷ୍ଟି, ପ୍ରବିଣ ରାଜୁ, ପ୍ରତିଭା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଚନ୍ଦ୍ରପୁର,୧୫।୧୨(ଡ଼ି.ଏନ.ଏ)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଟୁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପିଠା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ନିର୍ମାଣ ଶ୍ରମିକ, ବିଜୁ ପକ୍କାଘର, ଆମ ପକ୍କାଘର, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମୁଖ୍ୟମନ୍ତ୍ରୀ କଳାକାର ସହାୟକ ଯୋଜନା, ଗ୍ରାମୀଣ ବିଦ୍ୟୁତ ସଂଯୋଗୀକରଣ ଯୋଜନାଗୁଡିକର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ପିଠା ଯୋଜନା ଅନୁଯାୟୀ ଏସବୁକୁ ଜନସାଧାରଣଙ୍କୁ ଅବଗତ କରାଇ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଚନ୍ଦ୍ରପୁର ବ୍ଲକ ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା ପ୍ରକାଶ କରିଛନ୍ତି। ଯେଉଁ ହିତାଧିକାରୀଙ୍କ ଘରେ ବିଦ୍ୟୁତ୍ ସେବା ନାହିଁ ସେମାନଙ୍କୁ ଗ୍ରାମୀଣ ବିଦ୍ୟୁତ ସଂଯୋଗୀକରଣ ଯୋଜନାରେ ମାଗଣାରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ବିଦ୍ୟୁତ ବିଭାଗ ଚାର୍ଜମ୍ୟାନ ପ୍ରହ୍ଲାଦ ସାହୁ କହିଥିଲେ। ଚନ୍ଦ୍ରପୁର ବ୍ଲକର ସମନ୍ୱିତ ଶିଶୁବିକାଶ ଯୋଜନା ତରଫରୁ ପିଠା ପ୍ରସ୍ତୁତ କରାଯାଇ ପାଞ୍ଚ ଟଙ୍କା ମୂଲ୍ୟରେ ବିକ୍ରି କରାଯାଇଥିଲା । ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ଟୁରୀଗୁଡା ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ ପ୍ରାସ୍କା, ସମିତିସଭ୍ୟା ଆସନ୍ତି ପ୍ରାସ୍କା, ଆଇସିଡିଏସର ସୁପରଭାଇଜର ସୁଜାତା ମିଶ୍ର, ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଇନ୍ଦିରା ସାହୁକାର, ସେକ୍ରେଟାରୀ ସୁନିତା ସାହୁ, ଆରସିଡିସି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରୋଗ୍ରାମ ଅଫିସର ସୁଦର୍ଶନ ସାହୁ, ଟୁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟର ନିର୍ବାହୀ ଅଧିକାରୀ ରାଧାମୋହନ ଗୌଡ, ହେମ କୁନ୍ଦ୍ରୁକା, ରାଧା ମୁଦ୍ରିକା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାମୋହନ ଗୌଡ ସଂଯୋଜନା କରିଥିଲେ ।

## ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ତାଲିମ ଶିବିର

**କୋଲନରା, ୧୫।୧୨(ଡ଼ି.ଏନ.ଏ)**

ରାୟଗଡା ଜିଲା କୋଲନରା ବ୍ଲକ୍ ସଦରସ୍ଥିତ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସ୍କୁଲର ବିକାଶ ଯୋଜନା ପ୍ରସ୍ତୁତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାପସ ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଏମ୍.ଖଗେଶ୍ୱର ରାଓ, ବିଆରସିସି ବୃନ୍ଦାବନ ମାରାଣ୍ଡୀ, ଏବିଇଓ ସୁବୋଧ କୁମାର ବେହେରା, ଏବିଇଓ ପ୍ରଶାନ୍ତ କୁମାର ମିଶ୍ର, ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ରନାଥ ମିଶ୍ର ଯୋଗ ଦେଇଥିଲେ । ସଭାପତିଙ୍କ ଦାୟିତ୍ୱ କ'ଣ ଏବଂ କିପରି ବିଦ୍ୟାଳୟକୁ ସୁରୁଖୁରୁରେ ଚଳାଇବେ, ପିଲାମାନେ କିପରି ଭଲ ପାଠ ପଢ଼ିବେ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ଏହି ଶିବିରରେ ଏସ୍‌ଏମ୍‌ସି ସଭାପତିମାନେ ନିଜ ନିଜର ସମସ୍ୟା ସମ୍ପର୍କରେ କହିଥିଲେ ।

## ଆତ୍ମନିର୍ଭରଶୀଳ ତାଲିମ ଶିବିର ଉଦ୍‌ଯାପିତ

**ପଦ୍ମପୁର,୧୫।୧୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଆରଜି ମହାବିଦ୍ୟାଳୟ ପରିସରରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମନିର୍ଭରଶୀଳ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଉଦୟଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନେ କିଭଳି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେନେଇ ବୁଝାଇଥିଲେ। ଯୁକ୍ତ ୩ ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗଦିଶ ଚନ୍ଦ୍ର ସେନାପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏଥିରେ ସାମିଲ ହୋଇଥିବା ୩୫ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପିକା ସଂଯୁକ୍ତା ଦେବୀ ପାଣିଗ୍ରାହୀ ପରିଚାଳନା କରିଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀମାନେ ।


ମୁନିଗୁଡାରେ ପୂଜା ପାଉଥିବା ମା' ଲକ୍ଷ୍ମୀ ଓ ନିର୍ମିତ ତୋରଣ ।

## ମହାଲକ୍ଷ୍ମୀ ପୂଜା ନେଇ ମୁନିଗୁଡା ଚଳଚଞ୍ଚଳ

**ମୁନିଗୁଡା, ୧୫।୧୨ (ଡି.ଏନ୍.ଏ.)**

ମୁନିଗୁଡା ପାଇକସାହିଠାରେ ମହାଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଏହି ପୂଜା ୧୦ ଦିନ ଧରି ଚାଲିବ । ପୁରୋହିତ ଜଗବନ୍ଧୁ ପଣ୍ଡା ଓ ନିକୁଞ୍ଜ ଶତପଥୀଙ୍କ ମିଳିତ ପୌରୋହିତ୍ୟରେ ଏହା କରାଯାଇଛି। ପ୍ରତ୍ୟେକ ଦିନ ପୂଜା ମଣ୍ଡପଠାରେ ଲକ୍ଷ୍ମୀ ପୁରାଣ, ହୋମଯଜ୍ଞ, କୁଙ୍କୁମ ପୂଜା ଆଦି ପୂଜା କରାଯାଉଛି। ବିଜୁ ପଟ୍ଟନାୟକ ଯୁବ ସଂସଦ ଓ ଲକ୍ଷ୍ମୀ ପୂଜା କମିଟି ମିଳିତରେ ଅନୁଷ୍ଠିତ ଏହି ପୂଜାରେ ଇନ୍ଦ୍ରଭୁବନ ଗଣନାଟ୍ୟ, ରାମଦୋଳି, ଡିସ୍କୋ, ଡ୍ରାଗନ ଟ୍ରେନ୍ ସହ ମୀନା ବଜାର ଓ ବିଭିନ୍ନ ଉଠା ଦୋକାନ ପଡ଼ିଛି। ମୁଖ ରାସ୍ତାରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ବିଭିନ୍ନ ରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବା ସହ ସୁନ୍ଦର ତୋରଣ କରାଯାଇଛି । ଏହି ପୂଜା ଦେଖିବାକୁ ପ୍ରତ୍ୟେକ ଦିନ ମୁନିଗୁଡା ତଥା ଆଖପାଖ ଅଞ୍ଚଳ, ପଡୋଶୀ ଜିଲା କନ୍ଧମାଳ, କଳାହାଣ୍ଡିରୁ ବହୁ ଲୋକଙ୍କ ଭିଡ଼ ଜମୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁନିଗୁଡା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କର୍ତ୍ତା ଭାବେ ଅରକ୍ଷିତ ତାର୍ଥା, କୌତୁକୀ ମାର୍ଥା, ରବୀନ୍ଦ୍ର ପଣ୍ଡା କାର୍ଯ୍ୟ ତୁଲାଉଛନ୍ତି।

## ସଂସ୍କୃତି ସଂରକ୍ଷଣ କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୧୫।୧୨**

ରାୟଗଡା ଗାୟତ୍ରୀ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ସଂସ୍କୃତିର ସଂରକ୍ଷଣ, ସମ୍ବର୍ଦ୍ଧନ ଓ ଉତ୍ଥାନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରିୟମ୍ବଦା ରଥ ମୁଖ୍ୟଅତିଥି , ସସ୍ମିତା ପାଢ଼ୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ସଂସ୍କୃତି ଓ ସମାଜ ଉପରେ ବିଭିନ୍ନ ବାହ୍ୟ ପ୍ରଭାବ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଦେବାସହ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ଅମୃତ କଳସ, କବିତା ଲିଖନ, ଗୀତାପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ବ୍ଲକ୍‌ସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ

**କୋଲନରା, ୧୫।୧୨(ଡ଼ି.ଏନ.ଏ)**

ରାୟଗଡା ଜିଲା କୋଲନରା ବ୍ଲକ୍ ସଦରସ୍ଥିତ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକ୍‌ସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ମୁଖ୍ୟଅତିଥି, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା କଣ୍ଡାଗରୀ, ଉପାଧ୍ୟକ୍ଷ ତେଜରାଜ ନାଗ, ଜିଲା ପରିଷଦ ସଭ୍ୟା ସୋମି ହିମିରିକା, ଏମ୍‌ପି ପ୍ରତିନିଧି ବି.ତିରୁପତି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଗୋପୀନାଥ ମୁଷୁକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାପସ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ.ଶିବ ଗୋପାଳ ରାଓ, ତହସିଲଦାର ମାନସୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ପାରମ୍ପରିକ କଳା, ସଂସ୍କୃତି, ଭେଷ ପୋଷାକ ଧୀରେ ଧୀରେ ଲୋପ ପାଇବାକୁ ଲାଗିଛି । ଆମେ ଆମର ସଂସ୍କୃତିକୁ କିପରି ଉଦ୍‌ଜୀବିତ ରଖିବା ସେ ଦିଗରେ ସମସ୍ତେ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ଶିକ୍ଷା ବିଭାଗର ଅଧିକାରୀ, କୃଷି ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡସଭ୍ୟ, ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**ବିଷମକଟକ,୧୫।୧୨(ଡ଼ି.ଏନ.ଏ)**

ବିଷମକଟକ ବ୍ଲକର ୩ଟି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ଆଲବର୍ଟ ଲାକଡ଼ା, ପ୍ରଗତି ସହାୟକ ମୃଣ୍ମୟ ରାଉତ, ରାଜ୍ୟ ଖଦିବୋର୍ଡ଼ ସଦସ୍ୟ ପୃଥୀରାଜ ସାହୁ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ସରପଞ୍ଚ ସୁଜାତା କାଡ୍ରାକା, ସମିତି ସଭ୍ୟ ରମେଶ ପାକିଙ୍କ ସମେତ ମିଶନ ଶକ୍ତିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ୧୪୦ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଟଙ୍କା ପ୍ରଦାନ କରାଯାଇଥିଲା । ସରକାରଙ୍କ ସମସ୍ତ ଯୋଜନା କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେନେଇ ବିଡ଼ିଓ ପ୍ରକାଶ କରିଥିଲେ ।



ପିଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

## ଭତ୍ତା ବାଣ୍ଟିଲେ ବିଧାୟକ

**ଜୟପୁର,୧୫।୧୨(ନି.ପ୍ର.)**

ଜୟପୁର ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତରେ ଭତ୍ତା ବଣ୍ଟନ କରିଛନ୍ତି ବିଧାୟକ ତାରା ପ୍ରସାଦ ବାହୀନିପତି । ବ୍ଲକ ଅନ୍ତର୍ଗତ ଟାଙ୍କୁଆ, ବାଲିଆ, ଅନ୍ତା ପଞ୍ଚାୟତରେ ଥିବା ୫୯ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଏହି ଭତ୍ତା ବଣ୍ଟନ କରାଯାଇଛି । ବାଲିଆ ଗ୍ରାମରେ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ମଧ୍ୟ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷ ଈଶ୍ୱର ବାଘ, ଜିପିଓ କୈଳାସ ରଥ ଉପସ୍ଥିତ ଥିଲେ।

■ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି

# ୧୮ରେ ବନ୍ଦ ପାଳନ

**ରାୟଗଡା ଅଫିସ୍, ୧୫।୧୨**

ଅବିଭକ୍ତ କୋରାପୁଟ ଜିଲାରେ ଯେ କୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ଜୋର୍ ଧରିଛି ଦାବି । ହାଇକୋର୍ଟ ବେଞ୍ଚ ଦାବି କରି ଆସନ୍ତା ୧୮ତାରିଖରେ ଅବିଭକ୍ତ କୋରାପୁଟ ଜିଲାର ଓକିଲ ସଂଘ ପକ୍ଷରୁ ବନ୍ଦ ପାଳନ କରାଯିବ । ସମସ୍ତ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ କରାଯିବା ସହ ଚକ ଓ ଅଖ ମଧ୍ୟ ବନ୍ଦ ହେବ ବୋଲି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଘୋଷଣା କରାଯାଇଛି । ପୂର୍ବରୁ ୧୮ତାରିଖ ବନ୍ଦରେ ରାୟଗଡା ଜିଲାର ଓକିଲ ସଂଘ ସାମିଲ ହେବେ ନାହିଁ ବୋଲି କୁହାଯାଉଥିଲା । ସେହିଦିନ କେବଳ ଅଦାଲତରେ ଓକିଲଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ରାୟଗଡା ଓକିଲ ସଂଘ ପକ୍ଷରୁ ଘୋଷଣା ହୋଇଥିଲା । ସଂଘର ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ରାୟଗଡା ଓକିଲ ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା କହିଥିଲେ । ତେବେ ଶନିବାର କ୍ରିୟାନୁଷ୍ଠାନ କମିଟି ସଦସ୍ୟ ତଥା ଜୟପୁରର ଓକିଲ ରବୀନ୍ଦ୍ର ପଣ୍ଡା, ସୁଧାଂଶୁ ମିଶ୍ର, ସୁଧୀର ତ୍ରିପାଠୀ, ସୁନୀଲ ପଟ୍ଟନାୟକ, ପି.ରମେଶ ପାତ୍ର, ତ୍ରିନାଥ ବିଶ୍ୱାସରାୟ ପ୍ରମୁଖ ରାୟଗଡା ଓକିଲ ସଂଘ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ । ବୈଠକରେ ସଭାପତି ପଣ୍ଡା, ଉପସଭାପତି ସୁନୀଲ ପଟ୍ଟନାୟକ, ସହ ସମ୍ପାଦକ ଗୌରୀ ଶଙ୍କର ପଟ୍ଟନାୟକ, ଓକିଲ ମନୋଜ ରଥ, ପଦ୍ମନାଭ ଦାସ, ରମେଶ ପାଢ଼ୀ, ଲକ୍ଷ୍ମୀନାରାୟଣ ସ୍ୱାଇଁ ପ୍ରମୁଖ ଆଲୋଚନା କରିଥିଲେ । ଆଲୋଚନା ପରେ ବନ୍ଦ ପାଳନ କରାଯିବ ବୋଲି ରାୟଗଡା ଓକିଲ ସଂଘ ପକ୍ଷରୁ ଘୋଷଣା ହୋଇଛି । ଅପରପକ୍ଷରେ ବିଷମକଟକ ଓକିଲ ସଂଘ ମଧ୍ୟ ଏଥିରେ ସାମିଲ ହେବ ।

## ୧୭ରୁ ଗୁଣପୁର ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଓକିଲମାନେ ଦାବି ଜଣାଉଛନ୍ତି।

**ଗୁଣପୁର,୧୫।୧୨(ଡି.ଏନ.ଏ)**

ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ଶନିବାର ଗୁଣପୁର ଓକିଲ ସଂଘର ଏକ ବୈଠକ ଆଇନଜୀବୀ ଉମାଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସନ୍ତା ୧୭ ତାରିଖରୁ ଦୁଇ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଗତ ୪ ତାରିଖରୁ ଜୟପୁରରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିବାବେଳେ ଏହାକୁ ସମର୍ଥନ ଜଣାଇ ଗତ ୬ ତାରିଖରେ ଦୁଇ ଦିନ ପାଇଁ ଗୁଣପୁର ଓକିଲମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ।

# ପିଠା ଯୋଜନାର ଶୁଭାରମ୍ଭ

**ଡାବୁଗାଁ/ଚନ୍ଦାହାଣ୍ଡି/ ଝରିଗାଁ/ ଧୋଡ୍ରା/ ତେନ୍ତୁଲିଖୁଣ୍ଟି,୧୫।୧୨(ଡି.ଏନ.ଏ. /ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ କାର୍ଯ୍ୟାଳୟରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ କଳାକାର ପେନସନ ଯୋଜନା, ମଧୁବାବୁ ପେନସନ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଗୁଡିକ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ବିଦ୍ୟୁତ ବିଭାଗ, ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଷ୍ଟଲ କରାଯାଇ ସରକାରଙ୍କ ଯୋଜନା ଉପରେ ଜନସାଧାରଙ୍କୁ ସଚେତନ କରଯାଇଥିଲା। ମଧୁବାବୁ ପେନସନ ଯୋଜନାରେ ୩୫ ଜଣ ହିତାଧିକାରୀଙ୍କୁ ପେନସନ ବଣ୍ଟନ କରଯାଇଥିଲା। ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ପହଞ୍ଚି ବିଭିନ୍ନ ବିଭାଗର ଷ୍ଟଲ ଗୁଡିକ ବୁଲି ଦେଖିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ସରପଞ୍ଚ ଦିବାକର ପୂଜାରୀ, ଡିଆରଡିଏ କାର୍ଯ୍ୟକ୍ରମ ଅଧିକାରୀ ରାଜେଶ ପଟ୍ଟନାୟକ, ବିଡିଓ ଗୌରହରି ପାତ୍ର , ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଡାକ୍ତର ଦେବାଶିଷ ପଣ୍ଡା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପଧାନ , ଆଇସିଡିଏସ ସୁପରଭାଇଜର କୁନମୁନ ସେନାପତି, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, କନିଷ୍ଠ ଯନ୍ତ୍ରୀ ସୁରେଶ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ କର୍ମଜିତ ଦାଶ,ସହକାରୀ ମତ୍ସ୍ୟ ସହାୟକ ମନୋରଞ୍ଜନ ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଇନ୍ଦ୍ର ବେହେରା,ପ୍ରାଣୀଧନ ନିରିକ୍ଷକ ବିଜୟ କୁମାର ବାରିକ ଉପସ୍ଥିତ ଥିଲେ । ସେହିପରି ଘୋଡାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଦାଶ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଖଗପତି ପୂଜାରୀ ଯୋଗ ଦେଇଥିଲେ।



ଡାବୁଗାଁ ବ୍ଲକରେ ଜିଲାପାଳ ଷ୍ଟଲ ବୁଲି ଦେଖୁଛନ୍ତି ।


ଝରିଗାଁ ବ୍ଲକରେ ମହିଳାମାନେ ପିଠା ପ୍ରଦର୍ଶନ କରୁଛନ୍ତି ।

ଚନ୍ଦାହାଣ୍ଡି ବ୍ଲକ ମଣ୍ଡେଇ ପଡିଆଠାରେ ପିଠା କାର୍ଯ୍ୟକ୍ରମ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ସମ୍ମାନିତ ଅତିଥି ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଇ, ତହସିଲଦାର ହୃଦାନନ୍ଦ ସିଂ ମାଝି, ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ସିହ୍ନା, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ସରପଞ୍ଚ ଲଛମନ ମାଝି, ଶିଶୁବିକାଶ ଅଧିକାରୀ ମୃର୍ମମୟୀ ଭୋଇ, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ କାଳୁଚରଣ ନାୟକ, ଡାକ୍ତର ବସନ୍ତ କୁମାର ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ଦାଶ, ଡାକ୍ତର ଡାକ୍ତର ବିଜୟଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁବିକାଶ କାର୍ଯ୍ୟାଳୟ ତରଫରୁ ବିଭିନ୍ନ ପ୍ରକାର ପିଠା ଷ୍ଟଲରେ ପ୍ରଦର୍ଶନ କରାଯାଇଥିଲା ।ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଷ୍ଟଲ କରାଯାଇ ମାଗଣାରେ ଔଷଧ ବଣ୍ଟନ ସହ ପରାମର୍ଶ ଦିଆଯାଇଥିଲା। ସତ୍ୟନାରାୟଣ ଦଣ୍ଡସେନା, ଦେବେନ୍ଦ୍ର ପାତ୍ର, ପ୍ରଦୀପ କୁମାର ପତି, ଦେବେନ୍ଦ୍ର ବେହେରା, ଓମପ୍ରକାଶ ଟପ୍ପୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ପାଟଖଲିଆ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ହର ପୂଜାରୀ, ସମିତି ସଭ୍ୟ ତ୍ରିନାଥ ଦାଶ, ଗୌରହରି ନାୟକ, ଯୁବରାଜ ଜଗତ ପ୍ରମୁଖ ଉପସ୍ଥିତ ଥିଲେ । ଝରିଗାଁ ବ୍ଲକ ଅନ୍ତର୍ଗତ ଚାଟିଗୁଡା, ଧାମନଗୁଡା,ବକଡାବେଡା ଓ ଭାଲୁକନାଡି ପଞ୍ଚାୟତରେ ପିଠା ଯୋଜନାର ଶୁଭାରମ୍ଭ କରାଯାଇଛି। ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧୁରୁଆଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସୂଚନା ଦେଇଥିଲେ। ସେହିପରି ଚାଟିଗୁଡା ପଞ୍ଚାୟତ ଅଫିସ ରାଜୀବ ଗାନ୍ଧୀ ସେବା କକ୍ଷରେ ପିଇଓ ଗଣେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାବର ଶ୍ରୀକ୍ଷେତ୍ର କଳା ସଂଘ ତରଫରୁ ମଧ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନା ଦେଇଥିଲେ। ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର, ନୋଡାଲ ଅଫିସର ବିନୋଦ କୁମାର ବେହେରା, ସରୋଜ କାନ୍ତ ଦାସ, ମେଡିକାଲ ଅଫିସର ହିମାଂଶୁ ଶେଖର ମିଶ୍ର, ଏଏଓ ସୁନିତା ସିଂ, ପିଏଆଇଟିଡିଏ ଅଙ୍କାର ଝାକର, ସରଜ କୁମାର କର, ସରପଞ୍ଚ ପଦ୍ମିନୀ ନାୟକ ଉପସ୍ଥିତ ଥିଲେ । ଜୟଦାସ ପନକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମା, ପାତ୍ରପୁଟ ଓ ଝରିଗୁମ୍ମା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକଙ୍କ ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ତନୟ ସାଗର ନାୟକ, ପ୍ରଫୁଲ୍ଲ ନାଗ, ସରପଞ୍ଚ ସୂର୍ଯ୍ୟ ରନ୍ଧାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ, ବିପ୍ପଣୀ ନିରୀକ୍ଷକ ସୋମନାଥ ବଣିଆ, କୃଷି ଗ୍ରାମ ସେବକ ସନ୍ତୋଷ ପଟ୍ଟନାୟକ ଉପସ୍ଥିତ ଥିଲେ। ଏସଏଚଜି ଗ୍ରୁପ ପକ୍ଷରୁ ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ କରାଯାଇଥିଲା।

■ ଗଜେନ୍ଦ୍ରବାବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ଶିକ୍ଷା ହିଁ ବିକାଶର ଚାବିକାଠି

**ଚନ୍ଦାହାଣ୍ଡି,୧୫।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡାର ଗଜେନ୍ଦ୍ର ବାବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ପାଳନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶଚନ୍ଦ୍ର ମାଝି, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ସରପଞ୍ଚ ଚେନସିଂ ପୂଜାରୀ, ବିଦ୍ୟାଳୟ ପୂର୍ବତନ ଶିକ୍ଷକ ପୁରୁଷୋତ୍ତମ ସେଠୀ, ଲଛମନ ସା, କାର୍ତ୍ତିକଚନ୍ଦ୍ର ସାହୁ, କାଶିନାଥ ସାହୁ, ଗଞ୍ଜୁ ନାୟକ, ମୋତିଲାଲ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମୋହନ ସାହୁ, ଘେନୁ ସାହୁ, ମହେଶ୍ୱର ଦାସ, କ୍ଷମାନିଧି ବେଶ୍ରା, ନରେଶ୍ୱର ବେଶ୍ରା, ଗୁଣନିଧି ବଗର୍ତ୍ତି ପ୍ରମୁଖ ମଞ୍ଚାସିନ ଥିଲେ । ପଦ୍ମଲୋଚନ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ତୁଷାର ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ । ଦୀର୍ଘ ୫୦ ବର୍ଷ ନୀରବଚ୍ଛିନ୍ନ ଘାତ ପ୍ରତିଘାତରେ ଏହି ବିଦ୍ୟାଳୟ ଅତିକ୍ରମ କରି ଉପାନ୍ତ ଅଞ୍ଚଳର ବହୁ ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିଥିବାରୁ ମୁଖ୍ୟ ଅତିଥି ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ହିଁ ବିକାଶର ଚାବିକାଠି, ଶିକ୍ଷା ହିଁ ଆମ ଆଖି ଖୋଲିବାରେ ସମର୍ଥ ହୋଇ ମଣିଷ ମଙ୍ଗଳଗ୍ରହ ପର୍ଯ୍ୟନ୍ତ ପହଞ୍ଚିପାରିଛି ବୋଲି କହିଥିଲେ । ଏହି ବିଦ୍ୟାଳୟରେ ପାଠ ପଢ଼ିଥିବା ଚଳିତବର୍ଷର ମାଟ୍ରିକ୍‌ରେ ଶ୍ରେଷ୍ଠ ସିଆନ୍ତ କୁମାର ସାହୁ, ଡାକ୍ତରୀ ବିଦ୍ୟା ଅଧ୍ୟୟନ କରୁଥିବା ସୁକାନ୍ତ ସାହୁ ଏବଂ ରୁଦ୍ରପ୍ରସାଦ ଗୌଡ଼ଙ୍କୁ ମନ୍ତ୍ରୀ ଉତ୍ସବରେ ପୁରସ୍କୃତ କରିଥିଲେ । ଏହି ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ।କ୍ଷା, କୃଷି, ସ୍ୱାସ୍ଥ୍ୟ, ରାଜସ୍ୱ, ପଞ୍ଚାୟତିରାଜ ବିଭାଗରେ ଅନେକ କାର୍ଯ୍ୟରତ ଥିବାରୁ ମଞ୍ଚରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ବିକାଶ ପାଇଁ ମନ୍ତ୍ରୀ ତାଙ୍କ ପାଣ୍ଠିରୁ ଅନୁଦାନ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ, ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।



ସଭାରେ ଉପସ୍ଥିତ ଅତିଥିମାନେ ।

# ବାଇକରୁ ଖସି ମହିଳାଙ୍କ ମୃତ୍ୟୁ

**ନବରଙ୍ଗପୁର,୧୫।୧୨(ବି.ପ୍ର)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧିକ ବଡଡାଇଭଟା ଛକ ନିକଟରେ ବାଇକରୁ ଖସି ଜି. ସୁଜାତାଙ୍କ ଶନିବାର ମୃତ୍ୟୁ ଘଟିଛି। ନବରଙ୍ଗପୁର ସହରର ଜି. ସୁଜାତା ତାଙ୍କ ସ୍ୱାମୀଙ୍କ ସହ ବାଇକରେ ବୋରିଗୁମ୍ମାରୁ ଫେରୁଥିଲେ। ବଡ ଡାଇଭଟ୍ଟା ଛକ ନିକଟ ୨୬ ନଂ ଜାତୀୟ ରାଜପଥ ଉପରେ ହୋଇଥିବା ହମ୍ପସ ନିକଟରେ ସେ ବାଇକରୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ତାଙ୍କୁ ନିଆଯାଇଥିଲା। ସେଠାରେ ଡାକ୍ତର କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନେବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୁଜାତାଙ୍କ ମୃତ୍ୟୁ ଘଟିଛି।

# ଭାଲୁ ମୃତଦେହ ଉଦ୍ଧାର

**ନବରଙ୍ଗପୁର,୧୫।୧୨(ବି.ପ୍ର)–**

ନବରଙ୍ଗପୁର ସଦର ବ୍ଲକ ଭତରାସିଉନୀ ଗାଁର ନଦୀ ପଠାରୁ ଏକ ଭାଲୁ ଛୁଆର ମୃତଦେହ ଶନିବାର ଉଦ୍ଧାର ହୋଇଛି। ବନବିଭାଗ କର୍ମଚାରୀ ମୃତଦେହ ଜବତ କରି ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଭତରାସିଉନୀ ଗାଁର ଶିଦ୍ଧେଶ୍ୱର ମନ୍ଦିର ନିକଟର ଟାୱାର ପାଖରେ ଏକ ଭାଲୁ ୨ଟି ଛୁଆ ଦୁଇ ଦିନ ତଳେ ଜନ୍ମ କରିଛି। ଖାଦ୍ୟ ଅନ୍ୱେଷଣରେ ଭାଲୁ ଗାଁ ଭିତରେ ଓ ଆଖୁ କ୍ଷେତରେ ଘୁରି ବୁଲୁଛି। ସନ୍ଧ୍ୟା ହେଲେ ଭାଲୁ ଭୟରେ ଗାଁ ଲୋକେ ଆତଙ୍କିତ ହୋଇ ରହୁଛନ୍ତି। ଗାଁର ନଦୀ ପଠାରେ ଏକ ଛୁଆ ଭାଲୁର ମୃତଦେହ ପଡି ରହିଥିବା ଦେଖିବାକୁ ମିଳିଥିଲା। ଭାଲୁର ପାଟିରୁ ଫେଣ ବାହାରୁଥିବାରୁ ବିଷ ପ୍ରକ୍ରିୟା ଯୋଗୁ ମୃତ୍ୟୁ ହୋଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ଶିଦ୍ଧେଶ୍ୱର ମନ୍ଦିର ଭିତରେ ଜଣେ ଶ୍ରଦ୍ଧାଳୁ ପୂଜା କରିବା ସମୟରେ ଭାଲୁ ମନ୍ଦିର ଫାଟକ ନିକଟକୁ ଯାଇଥିଲା। ଗାଁ ଲୋକ ଏକତ୍ରିତ ହୋଇ ଭାଲୁକୁ ଘଉଡାଇବା ପରେ ନିକଟସ୍ଥ ଆମ୍ବତୋଟା ଦେଇ ଭାଲୁ ଚାଲି ଯାଇଥିଲା। ଏ ସମ୍ପର୍କରେ ନବରଙ୍ଗପୁର ବିଧାୟକ ପ୍ରତିନିଧି ବାବୁଲି ମିଶ୍ର ଫରେଷ୍ଟରଙ୍କୁ ଖବର ଦେବା ପରେ ବନବିଭାଗ କର୍ମଚାରୀ ପହଞ୍ଚିଥିଲେ।



## ସଂକ୍ଷେପରେ

### ବିଜୁ ପକ୍କାଘର କାର୍ଯ୍ୟାଦେଶ ପ୍ରଦାନ

ଗୁମ୍ମା,୧୫।୧୨(ଡି.ଏନ୍.ଏ.)-ଗୁମ୍ମା ବ୍ଲକ ଅଫିସ୍ ପରିସରରେ ଶନିବାର ପରିଡା ଗ୍ରାମର ଅଗ୍ନିକାଣ୍ଡ ବିପନ୍ନ ଭୁବନାନନ୍ଦ ଗୌଡ଼ଙ୍କୁ ସ୍ୱତନ୍ତ୍ର ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏହି ଅବସରରେ ବିଡିଓ ନଟବର ତାରଡା, ଡିଡବ୍ଲ୍ୟୁଇଓ ସନ୍ତୋଷ କୁମାର ରଥ ଓ ଜିଲା ପରିଷଦ ସଭ୍ୟା ପ୍ରେମିକା ରଇତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୪ରେ ଭୁବନାନନ୍ଦଙ୍କ ଗ୍ୟାସ୍ ପାଇପ ଦ୍ୱାରା ନିଆଁ ଲାଗି ଘର ଜଳିଯାଇଥିଲା। ରାଜସ୍ୱ ବିଭାଗ ଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ତେବେ ୩ହଜାର ୮ଶହ ଟଙ୍କା ବ୍ୟତୀତ ଆଉ କିଛି କ୍ଷତିପୂରଣ କି ସହାୟତା ମିଳି ନ ଥିବା ଭୁବନାନନ୍ଦ ପ୍ରକାଶ କରିଛନ୍ତି ।

### ଜଙ୍ଗଲ ଅଧିକାର ନିୟମ ସଂକ୍ରାନ୍ତ ତାଲିମ

ପାରଳାଖେମୁଣ୍ଡି, ୧୫।୧୨ (ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜଳଛାୟା ବିଭାଜିକା ସମ୍ମିଳନୀ କକ୍ଷରେ ୨ଦିନ ଧରି ଚାଲିଥିବା ଜଙ୍ଗଲ ଅଧିକାର ଆଇନ ସଂକ୍ରାନ୍ତ ତାଲିମ ଶିବିର ଶନିବାର ଉଦ୍ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ ଏଭଳି ତାଲିମ ଶିବିର ମାଧ୍ୟମରେ ଗୋଷ୍ଠିଗତ ଜଙ୍ଗଲ ଅଧିକାର, ଜଙ୍ଗଲ ସମୂହ ଅଧିକାର ତଥା ଏହି ନିୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜଙ୍ଗଲ ଓ ପୋଲିସ ବିଭାଗ ସମେତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ଯୋଗଦେଇ ଜଙ୍ଗଲ ଜମି ଅଧିକାରର କାର୍ଯ୍ୟକାରିତା ଏବଂ ଏହା ପାଳନ କରିବା ବେଳେ କେଉଁ ସବୁ ବାଧକ ସୃଷ୍ଟି ହୋଇଥାଏ ସେନେଇ ଆଲୋଚନା କରିଥିଲେ। ଶିବିରରେ ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଟି.ଏସ୍.ଚକ୍ରବର୍ତ୍ତୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶେଷଦେବ ମିଶ୍ର, ଡିଏସ୍‌ପି ଗୌତମ ମଲ୍ଲିକ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗଜପତି ଜିଲାରେ ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ


ଗୋଷାଣୀ କାର୍ଯ୍ୟକ୍ରମରେ ଜିଲାପାଳ , ବିଧାୟକ ଓ ଅନ୍ୟମାନେ ।


କାଶୀନଗର କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ କମ୍ବଳ ଦିଆଯାଉଛି ।



ଗୁମ୍ମା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପିଠା ବଣ୍ଟାଯାଉଛି ।


ରାୟଗଡ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ପାରଳାଖେମୁଣ୍ଡି/ଗୋଷାଣି/ଗୁମ୍ମା/କାଶୀନଗର/ରାୟଗଡ, ୧୫।୧୨(ସ୍ୱ.ପ୍ର./ ଡି.ଏନ.ଏ)**

ଗଜପତି ଜିଲାରେ ଶନିବାର 'ଆମ ଗାଁ ଆମ ବିକାଶ ଯୋଜନା' ଅନ୍ତର୍ଗତ 'ପିଠା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ପ୍ରଥମ ଦିବସରେ ଗୋଷାଣି ବ୍ଲକର ଗୁରାଣ୍ଡି, ବଡ ଗୋଷାଣି, ଘୋରଣୀ, ବଡକତୁରୁ ୪ଟି ପଞ୍ଚାୟତରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଧାୟକ କେ. ସୂରିୟା ରାଓ, ଜିଲାପାଳ ଅନୁପମ ଶାହା, ବ୍ଲକ ଅଧ୍ୟକ୍ଷା ସି.ଏଚ୍. ତାରକେଶ୍ୱରୀ, ବିଡିଓ ସଂଗ୍ରାମ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଗୁମ୍ମା ବ୍ଲକର ବଡ଼କଳାକୋଟ, ରାଗିଡି ଓ ତରଭା ପଞ୍ଚାୟତରେ ପୀଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ରଥ, ବିଡିଓ ନଟବର ଗରଡା, ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ଯୋଗଦେଇଥିଲେ। ସିଡିପିଓ ଅନିତାରାଣୀ ପଟ୍ଟନାୟକ, ବଡ କଳାକୋଟ ସରପଞ୍ଚ ଅଗଷ୍ଟି ଗମାଙ୍ଗ, ଜିଲାପରିଷଦ ସଭ୍ୟା ପ୍ରେମିକା ରଇତ, ତରଭା ସରପଞ୍ଚ ଜୁସଲିସ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଏସ୍‌ଏଚ୍‌ଜି ଦ୍ୱାରା ପିଠା ପ୍ରଦର୍ଶନ କରାଯାଇଥିଲା। କାଶୀନଗର ବ୍ଲକ କିଡିଗାଁ ଗ୍ରାମରେ ଆୟୋଜିତ ପୀଠା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚିତ୍ରି ସିମାଦ୍ରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା କେ.ଜୟା, ସରପଞ୍ଚ ଭେଙ୍କେଟେଶ୍ୱର ଶବର ଉପସ୍ଥିତ ଥିଲେ। ଗୋରିବନ୍ଧାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ରାୟଗଡ ବ୍ଲକର ରାୟଗଡ ପଞ୍ଚାୟତରେ ସରପଞ୍ଚ ଦିପ୍ତିପ୍ରଭା ଲାଲ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୀଠା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ଡାକ୍ତର ବିଜୟକୃଷ୍ଣ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲିପ ସାହୁ, ଆକାଉଣ୍ଟ ଅଫିସର ବସନ୍ତ ବେହେରା, ସମିତି ସଭ୍ୟ ମାଫିଏଲ ସ୍ୱାଲସିଂ ଯୋଗଦେଇଥିଲେ। ସାନତୁଣ୍ଡି ପଞ୍ଚାୟତର ଚମ୍ପାପୁରରେ ସରପଞ୍ଚ ସୁବାସ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟିକା ବାସନ୍ତି ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣା, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ବିଡିଓ ଲୁକାସ ପ୍ରଧାନ ମଞ୍ଚାସୀନ ଥିଲେ। ସେହିପରି କରଡାସିଂ ପଞ୍ଚାୟତରେ ପୀଠା କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ସ୍ଥାନରେ ବିଭିନ୍ନ ଷ୍ଟଲ ଖୋଲାଯିବା ସହ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ କାର୍ଡ, ଚେକ୍ ଓ ଭତ୍ତା ବଣ୍ଟାଯାଇଥିଲା।

### ନିଯୁକ୍ତି ପରାମର୍ଶ ଶିବିର

**ଗୁମ୍ମା, ୧୫।୧୨(ଡି.ଏନ.ଏ.)–**

ଗଜପତି ଜିଲା ଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ରଥ, ବିଡିଓ ନଟବର ଗରଡା, ଜିଲା ପରିଷଦ ସଭ୍ୟ ହିମାଂଶୁ କୁମାର ଲିମ୍ମା, ସଭ୍ୟା ପ୍ରେମିକା ରଇତ, ହିସାବ ରକ୍ଷକ ଲକ୍ଷ୍ମଣ ଚରଣ ଗୁଡୁ, କାର୍ଯ୍ୟକ୍ରମ ସଂଯୋଜକ କାର୍ତ୍ତିକ ମହାପାତ୍ର ଉପସ୍ଥିତ ଥିଲେ। ମା'ବାପାଙ୍କ ଉପରେ ଯୁବତୀ ଯୁବକମାନେ ନିର୍ଭର ନ କରି ଏହି ଯୋଜନାରେ ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିବେ ଏବଂ ତାଲିମ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ରହିବା ଖାଇବା ଆଦି ସୁବିଧା ଯୋଗାଇ ଦିଆଯାଉଥିବା ଅତିଥିମାନେ କହିଥିଲେ। ଉକ୍ତ ଶିବିରରେ ୬୨୭ଜଣ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୪୩୫ଜଣଙ୍କୁ କାଉନସେଲିଂ କରାଯାଇଛି। କାର୍ଯ୍ୟକ୍ରମକୁ ପି.ଏ. ଅଭିଜିତ ପ୍ରଧାନ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

**ପାରଳାଖେମୁଣ୍ଡି, ୧୫।୧୨(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ବଦ୍ରି ନାରାୟଣ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିରଞ୍ଜନ ସାହୁ ଯୋଗଦେଇ ବିଦ୍ୟାଳୟ ପାଇଁ ଗୌରବ ଆଣିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଛାତ୍ର ସୌରଭ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପରେଶ କୁମାର ଭୋଇ, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ବାତ୍ୟା ଆଶଙ୍କାରେ ଚାଷୀଙ୍କୁଳ ଛାନିଆ

**ରାୟଗଡ (ଗଜପତି), ୧୫।୧୨(ଡି.ଏନ.ଏ.)**

ତିତଲି ବାତ୍ୟାର ଦୁଇମାସ ନ ପୂରୁଣୁ ଆଉ ଏକ ବାତ୍ୟା 'ପେଥାଇ'କୁ ନେଇ ଗଜପତି ଜିଲାବାସୀଙ୍କ ମଧ୍ୟରେ ଛନକା ପଶିଛି। ବିଶେଷକରି ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ରାୟଗଡ ବ୍ଲକରେ ଅଧିକାଂଶ ଜମିରେ ଧାନଫସଲ ପଡ଼ିରହିଛି। କେତେକ ଜମିରେ ଧାନ ଫସଲ କଟାଯାଇନାହିଁ କି ଖଳାକୁ ଅଣାଯାଇପାରିନାହିଁ। ଯଦି ବାତ୍ୟା ପ୍ରଭାବରେ ବର୍ଷା ଓ ପବନ ହୁଏ ତାହଲେ ଧାନ ଫସଲ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ସେହିପରି କଟା ହୋଇ ନ ଥିବା ଓ ଖଳାରେ ପଡ଼ିରହିଥିବା ଧାନ ମଧ୍ୟ ଭିଜିବାର ଆଶଙ୍କା ଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। କିପରି ଖଳାକୁ ଧାନ ବୋହିଆଣି ଘୋଡାଇ ସୁରକ୍ଷିତ ଭାବେ ରଖିବେ ସେଥିପାଇଁ ସମସ୍ତେ ଲାଗିପଡ଼ିଛନ୍ତି। ସେହିପରି କପାଚାଷୀ ମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି। କାରଣ କପା ତୋଳିବାକୁ ମୂଲିଆ ମିଳୁନାହାନ୍ତି। ବର୍ଷା ହେଲେ କପା ସବୁ ନଷ୍ଟ ହୋଇଯିବ। ସେହିପରି ପାଡାଡିଆ ଅଞ୍ଚଳରେ ଥିବା ଗଙ୍ଗାବାଡ, କେରାଣ୍ଡି, କଇଁପୁର, ଲକ୍ଷ୍ମୀପୁର, ତାଳମୁଣ୍ଡା, ଏଙ୍ଗାରସିଂ, ଲାଇଲାଇ, ଗଣ୍ଡାହାତୀ, ଲୋବା ଆଦି ପଞ୍ଚାୟତ ସମେତ ବ୍ଲର ବିଭିନ୍ନ ଗ୍ରାମରେ ତିତ୍‌ଲି ବାତ୍ୟାରେ ବାସହରା ହୋଇ ଲୋକେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଏବେ ଝଡ଼ବର୍ଷା ଆଶଙ୍କାରେ ଆତଙ୍କିତ ହୋଇପଡିଛନ୍ତି। ଏନେଇ ବିଡିଓ ଲୁକାସ ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରେ କହିଛନ୍ତି ଯେ, ବାତ୍ୟା ଆଶଙ୍କା ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଛି। ସମସ୍ତ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି।


କପା ବସ୍ତା ବାହାରେ ପଡିରହିଛି ।


